# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, September 2/2024 Page 16 ₹ 7.00 | BALASORE

୫୦ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 279 ମୂଲ୍ୟ ₹୭/-




**ପଦକ ନିଶ୍ଚିତ କଲେ ନୀତେଶ**

ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ଏସ୍ଏଲ୍ ୩ ବର୍ଗର ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି ଭାରତର ନୀତେଶ କୁମାର।

୧୬

୦୨

**ମନ୍ଦିରରେ ବିବାହ କରିବେ ଆଦିତି**

ଅଭିନେତ୍ରୀ ଆଦିତି ରାଓ ହାଇଦରି ଖୁବ୍‌ଶୀଘ୍ର ଅଭିନେତା ସିଦ୍ଧାର୍ଥଙ୍କୁ ତେଲଙ୍ଗାନାର ୱାନାପର୍ଥିସ୍ଥିତ ଏକ ୪୦୦ ବର୍ଷର ପୁରୁଣା ମନ୍ଦିରରେ ବିବାହ କରିବେ।



# ସରଳରେଖା

ହରିୟାଣାର କେତେଜଣ ଗୋରକ୍ଷକ ୨୭ ଅଗଷ୍ଟରେ ଚର୍‌ଖି ଦାଦ୍ରି ଜିଲାରେ ଗୋମାଂସ ଖାଉଥିବା ସନ୍ଦେହରେ ସବୀର ମଲିକ ନାମକ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଛନ୍ତି। ସବୀରଙ୍କ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ସେ ଜଣେ ବୋତଲ ଗୋଟାଳି। ଏହି ଘଟଣାରେ ୨ ଜଣ ନାବାଳକଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିଛି। ସବୀରଙ୍କୁ ଗୋରକ୍ଷକମାନେ ପିଟୁଥିବାର ଭିଡିଓ ପଦାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ସବୀର କେଉଁ ମାଂସ ଖାଉଥିଲେ ତାହା କୌଣସି ସୂତ୍ରରୁ ଜଣାପଡ଼ିନାହିଁ। ଅର୍ଥାତ୍ କେବଳ ଗୋମାଂସ ଖାଇବା ସନ୍ଦେହରେ ତାଙ୍କୁ ଆକ୍ରମଣ କରାଯାଇଥିଲା, କିନ୍ତୁ ବାସ୍ତବତା କେହି ଜାଣିନାହାନ୍ତି। ସେହିପରି ୩୧ ଅଗଷ୍ଟରେ ମହାରାଷ୍ଟ୍ରରେ ସମାନ ଧରଣର ଅଭିଯୋଗ ଅଣାଯାଇ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ବୃଦ୍ଧ ଯାତ୍ରୀଙ୍କୁ ଆକ୍ରମଣ କରାଯାଇଛି। ଏଠାରେ ମନେପଡ଼େ ଗୋମାଂସ ଓ ଗୋଚାଲାଣକୁ ନେଇ ଅତୀତରେ ଘଟିଥିବା ଦୁଇଟି ବଡ଼ ଅଘଟଣ। ୨୦୧୫ରେ ଉତ୍ତରପ୍ରଦେଶର ଦାଦ୍ରିରେ ୫୨ ବର୍ଷୀୟ ମହମ୍ମଦ ଅଖଲାକ୍‌ଙ୍କୁ ବାଛୁରି କାଟିବା ଓ ଘରେ ଗୋମାଂସ ରଖିଥିବା ଅଭିଯୋଗ ଆଣି ଗାଁ ଲୋକେ ମାରିଦେଇଥିଲେ। ସେହିପରି ଏପ୍ରିଲ ୨୦୧୭ରେ ପେହେଲୁ ଖାନ୍ ଓ ତାଙ୍କ ୫ ଜଣ ସହଯୋଗୀ ରାଜସ୍ଥାନର ଜୟପୁର ସାପ୍ତାହିକ ହାଟରୁ ଗୋରୁ ଆଣି ହରିୟାଣାର ନୁହ ଗ୍ରାମକୁ ଫେରୁଥିବା ବେଳେ ଅଲୱାରଠାରେ ଗୋରକ୍ଷକମାନେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପେହେଲୁଙ୍କ ମୃତ୍ୟୁ ଘଟିଥିଲା।

ଉପରଲିଖିତ ଘଟଣାକୁ ଦେଖିଲେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଲକ୍ଷ୍ୟ କରି ଗୋରକ୍ଷକମାନେ ଆକ୍ରମଣ କରୁଛନ୍ତି। ଏଇ କିଛି ବର୍ଷ ହେବ ଗୋରକ୍ଷକମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଭାରତୀୟ ରାଜନୀତିରେ ଦେଖାଦେଇଛି ଯେତେବେଳେ ଏହିଭଳି ଘଟଣା ଜାତୀୟ ଗଣମାଧ୍ୟମ ଦ୍ୱାରା ବିଶେଷ ଭାବେ ପ୍ରସାରିତ ହୋଇଥାଏ, ସେଥିରୁ ବୁଝିବାକୁ ହେବ ଯେ କୌଣସି ଗୋଟିଏ ବଡ଼ ଆଭ୍ୟନ୍ତରୀଣ ସମସ୍ୟା କିମ୍ବା ଅଘଟଣରୁ ସାଧାରଣ ନାଗରିକଙ୍କ ଦୃଷ୍ଟିକୁ ଅନ୍ୟତ୍ର ନେବାକୁ ଉଦ୍ୟମ କରାଯାଉଛି।

**ତଥାଗତ ସତପଥୀ**

ଏହା ସ୍ୱୀକାରଯୋଗ୍ୟ ଯେ ଭାରତରେ ସଂଖ୍ୟାଲଘୁଙ୍କ ବ୍ୟବହାର ସନ୍ତୁଳିତ ରହୁ ନ ଥିଲା। କଂଗ୍ରେସ ଶାସନ ସମୟରେ ପ୍ରାୟ ସବୁ ସପ୍ତାହରେ ଦେଶର କୌଣସି ନା କୌଣସି ସ୍ଥାନରେ ବୋମା ବିସ୍ଫୋରଣ ଘଟୁଥିଲା, ରେଡ୍ ଆଲର୍ଟ ଜାରି ହେଉଥିଲା ଏବଂ ସାଧାରଣ ଖଟିଖିଆ ନାଗରିକ ଧର୍ମ ନିର୍ବିଶେଷରେ ହଇରାଣ ହେଉଥିଲେ। ଏହି ସ୍ଥିତିକୁ ଭଲ ଭାବେ ବୁଝିବାକୁ ହେଲେ ସମ୍ପ୍ରତି ବାଂଲାଦେଶର ଉଦାହରଣ ଦେଖିବା କଥା। ସେଠାରେ ହଠାତ୍ ଯେଉଁଭଳି ଭାବେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେଉଛି, ତାହା ଭାରତରେ ସମସ୍ତଙ୍କୁ ବ୍ୟସ୍ତ କରୁଛି। ଅନ୍ୟପଟେ ସ୍ଥିର ମାନସିକତା ରଖି ଚିନ୍ତା କଲେ ବୁଝିହେବ ଯେ ବାଂଲାଦେଶରେ ରହୁଥିବା ହିନ୍ଦୁମାନେ ସଂଖ୍ୟାଲଘୁ ହୋଇଥିବା ସତ୍ତ୍ୱେ ଏଭଳି କିଛି କରୁଥିଲେ, ଯଦ୍ଦ୍ୱାରା ଅନ୍ୟମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ପୂର୍ବରୁ ଭାରତୀୟ ମୁସଲମାନ ସମ୍ପ୍ରଦାୟର ଅନେକ ଲୋକ ଯେଉଁଭଳି ସାଉଦି ଆରବିୟା ଏବଂ ଅନ୍ୟ କେତୋଟି ମୁସଲ୍‌ମାନ ଦେଶରୁ ସହଯୋଗ ଓ ଅର୍ଥ ପାଇ ଉତ୍ପାତ ହେଉଥିଲେ, ତାହାକୁ ପୂର୍ବ ସରକାର ସହି ଆସୁଥିଲେ। ଫଳସ୍ୱରୂପ ସାଧାରଣ ହିନ୍ଦୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଆମୂଳଚୂଳ ରାଜନୈତିକ ପରିବର୍ତ୍ତନ ପାଇଁ ମତ ସୃଷ୍ଟି ହୋଇଥିଲା। ବାଂଲାଦେଶର ହିନ୍ଦୁମାନଙ୍କ ମଧ୍ୟରେ ଅନୁରୂପ ମାନସିକତା ସୃଷ୍ଟି ହୋଇଥିଲା। ଯେଉଁମାନେ ପୂର୍ବରୁ ବାଂଲାଦେଶ ଯାଇଥିବେ, ସେମାନେ ହୃଦ୍‌ବୋଧ କରିଥିବେ ଯେ ସଂଖ୍ୟାଲଘୁ ହେବା ସତ୍ତ୍ୱେ ସେଠାରେ ହିନ୍ଦୁମାନଙ୍କ ଦୌରାତ୍ମ୍ୟ ଅନେକ ପରିମାଣରେ ବୃଦ୍ଧି ପାଇଥିଲା। ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌ରେ ପ୍ରବେଶ କରି ହିନ୍ଦୁମାନେ ରାଜନୀତିରେ ଶକ୍ତିଶାଳୀ ହୋଇ ସାଧାରଣ ଲୋକଙ୍କୁ ଦମନ କରିବାରେ ପଛାଉ ନ ଥିଲେ। ଏଥିସହିତ ବାଂଲାଦେଶର ତିନି ପଟରୁ ଭାରତ ଘେରି ରହିଥିବାରୁ ସେହି ସଂଖ୍ୟାଲଘୁ ଗୋଷ୍ଠୀ ମଧ୍ୟରେ ବିଶେଷକରି ଗତ ଦଶନ୍ଧି ଭିତରେ ଦମ୍ଭୋକ୍ତି ବୃଦ୍ଧି ପାଇଥିଲା। ଏବେ ଯେତେବେଳେ ରାଜନୈତିକ ବିପ୍ଳବ ଘଟିଲା ଏବଂ ଶେଖ୍ ହାସିନାଙ୍କୁ ଦୌଡ଼ି ପଳାଇବାକୁ ପଡ଼ିଲା, ସେତେବେଳେ ସ୍ୱାଭାବିକ ଭାବେ ସଂଖ୍ୟାଲଘୁ ହିନ୍ଦୁମାନେ ସବୁ ପ୍ରକାରର ଅତ୍ୟାଚାର ଶିକାର ହେଉଛନ୍ତି। ଏଥିରୁ ଏକ ବଡ଼ ଶିକ୍ଷା ମିଳୁଛି। ଭାରତରେ ଯଦି କଂଗ୍ରେସ ଅମଳରୁ ସଂଖ୍ୟାଲଘୁଙ୍କୁ ସାମିଲ କରି ଏକ ସନ୍ତୁଳିତ ବାତାବରଣ ସୃଷ୍ଟି ହୋଇଥାନ୍ତା, ଯେଉଁଥିରେ ମୁସଲମାନ ସମ୍ପ୍ରଦାୟ ନିଜର ଭିନ୍ନତା ପରିବର୍ତ୍ତେ ସମନ୍ୱୟ ପ୍ରତି ଧ୍ୟାନ ଦେଇଥାନ୍ତେ; ତେବେ ଆଜି ଉପୁଜୁଥିବା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉ ନ ଥାନ୍ତା। ସେହିଭଳି ବାଂଲାଦେଶରେ ମଧ୍ୟ ରହିଥିବା ହିନ୍ଦୁମାନେ ଯଦି ଅସ୍ଥାୟୀ ରାଜନୈତିକ କ୍ଷମତାକୁ ଆବୋରିବା ପରିବର୍ତ୍ତେ ପୂର୍ବଭଳି ଶାନ୍ତ ରହିଥାନ୍ତେ, ତେବେ ସେହି ଦେଶରେ ଆଜି ମଧ୍ୟ ସେମାନେ ସୁରକ୍ଷିତ ରହିପାରିଥାଆନ୍ତେ। ଏବେ ଖବର ମିଳିଛି, ଖାଲିଦା ଜିୟାଙ୍କ ବାଂଲାଦେଶ ନ୍ୟାଶ୍‌ନାଲିଷ୍ଟ ପାର୍ଟି (ବିଏନ୍‌ପି) ଭାରତକୁ ଚେତାବନୀ ଦେଇ କହିଛି, ଶେଖ୍ ହାସିନାଙ୍କୁ ଫେରାଇଦିଅ, ନଚେତ୍ ଭବିଷ୍ୟତରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଯିବ। ଏହାର ବିଶ୍ଳେଷଣ କରି ଭାରତର କେତେକ ଅତ୍ୟନ୍ତ ଚତୁର ଗଣମାଧ୍ୟମ ମତ ଦେଇଛନ୍ତି ଯେ, ଯଦି ବାଂଲାଦେଶ କୌଣସି ଅପ୍ରୀତିକର ସ୍ଥିତି ସୃଷ୍ଟି କରେ, ଭାରତ ସେହି ଦେଶକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ବନ୍ଦ କରିଦେବ। ଦେଖିବାକୁ ଗଲେ ବାଂଲାଦେଶର ପ୍ରାୟ ୨୦ ପ୍ରତିଶତ ବିଦ୍ୟୁତ୍‌ଶକ୍ତି ଭାରତରୁ ଆଦାନୀ କମ୍ପାନୀ ଏବଂ ପିଟିସି ଇଣ୍ଡିଆ ଯୋଗାଉଛନ୍ତି। ସେହି ଦେଶର ୮୦ ପ୍ରତିଶତ ବିଦ୍ୟୁତ୍ ଶକ୍ତି ଆମେରିକା ଯୋଗାଇଥିବା ଗ୍ୟାସ୍‌ଚାଳିତ ଟର୍ବାଇନ୍ ମାଧ୍ୟମରେ ସୃଷ୍ଟି ହେଉଛି। ବାଂଲାଦେଶର ନିଜସ୍ୱ ଯଥେଷ୍ଟ ପରିମାଣର ଗ୍ୟାସ୍ ଗଚ୍ଛିତ ଅଛି। ସେଥିପାଇଁ ସେହି ଦେଶ ଭାରତକୁ ଧମକ ଦେଇପାରୁଛି। ଯଦି ବାଂଲାଦେଶ ଭାରତରୁ ବିଦ୍ୟୁତ୍ ଶକ୍ତି କିଣିବା ବନ୍ଦ କରିଦେବ, ତେବେ ଭାରତର ଗୌତମ ଆଦାନୀ କମ୍ପାନୀ ଗୁରୁତର ଭାବେ କ୍ଷତି ସହିବ। ଏହାର ରାଜନୈତିକ ପ୍ରଭାବ ମଧ୍ୟ ପଡ଼ିବ। ତେଣୁ ଭାରତରେ ସଂଖ୍ୟାଲଘୁ ମୁସଲମାନଙ୍କ ପ୍ରତି ଆକ୍ରମଣ, ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଏବଂ ଶେଖ୍ ହାସିନାଙ୍କ ଭବିଷ୍ୟତ ସବୁ ଗୋଟିଏ ସରଳରେଖାରେ ରହିଯାଉଛି। ଏଭଳି ସମସ୍ୟା କେଉଁ କାରଣରୁ ସୃଷ୍ଟି ହେଲା ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ସେତେବେଳକୁ କେବଳ କ୍ଷତି ଭାରତର ହୋଇପାରେ।



ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ମହାରାଷ୍ଟ୍ରର ବିରୋଧୀ ମେଣ୍ଟ (ଏମ୍‌ଭିଏ)ର ନେତା ଉଦ୍ଧବ ଠାକ୍‌ରେ ଓ ଅନ୍ୟମାନେ ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆ ନିକଟରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଟିକିଟି ମଦମୃତ୍ୟୁ: ଆଉ ଜଣଙ୍କ ଜୀବନ ଗଲା

**ଟିକିଟି, ୧।୯ (ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଟିକିଟିରେ ବିଷାକ୍ତ ମଦ ରବିବାର ଆଉ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ ଟିକିଟି ଏନ୍ଏସି ଅନ୍ତର୍ଗତ କରବାଲୁଆ ଗାଁର ବାୟା ସେଠୀ। ସେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭେଣ୍ଟିଲେଟରରେ ରହିଥିବା ବେଳେ ଅପରାହ୍ନରେ ମୃତ୍ୟୁ ଘଟିଛି। ବିଷାକ୍ତ ମଦ ପିଇବା ଘଟଣାରେ ବାୟାଙ୍କୁ ମିଶାଇ ମୃତକଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଅନ୍ୟପଟେ କରବାଲୁଆର ଖଲିଆ ସେଠୀ ଓ ଜେନାପୁରର ଏଣ୍ଡୁ ବେହେରା ଏବେ ବି ଏମ୍‌କେସିଜି ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କୁ ଠିକ ଭାବେ ସେବା ମିଳୁ ନ ଥିବା ପରିବାର ଅଭିଯୋଗ କରିଛନ୍ତି।

ଗତ ୧୯ତାରିଖରେ ଟିକିଟି ବ୍ଲକ ମାଉନ୍ଦପୁରରେ ବିଷାକ୍ତ ମଦପିଇ ଜେନାପୁର ଓ କରବାଲୁଆ ଗ୍ରାମର ୨୩ ଜଣ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ☞ପୃଷ୍ଠା-୪

# ଗ୍ରହ ଶାନ୍ତି ନାଁରେ ବନ୍ୟପ୍ରାଣୀ ଅଙ୍ଗ ଚାଲାଣ

**ଭୁବନେଶ୍ୱର, ୧।୯ (ସତ୍ୟଜିତ୍ ରାଉତ)**

ଗ୍ରହ ଶାନ୍ତି ନାଁରେ ବିରଳ ବନ୍ୟପ୍ରାଣୀ ଅଙ୍ଗ ବିଦେଶକୁ ଚୋରା ଚାଲାଣ ହେଉଛି। ଏଥିପାଇଁ ଓଡ଼ିଶା ସମେତ ଦେଶର ବିଭିନ୍ନ ଜଙ୍ଗଲରୁ ସଂରକ୍ଷିତ ବନ୍ୟପ୍ରାଣୀ ବଜ୍ରକାପ୍ତା, ହରିଣ, ମନିଟର ଲିଜାର୍ଡ ସହ ବହୁ ସାମୁଦ୍ରିକ ଜୀବଙ୍କୁ ଶିକାର କରାଯାଉଛି। ଦେଶରେ ସକ୍ରିୟ ଥିବା ଏହି ଅନ୍ତର୍ଜାତୀୟ ର୍ୟାକେଟର ଚେର ଓଡ଼ିଶାରୁ ଦକ୍ଷିଣପୂର୍ବ ଏସିଆକୁ ଲମ୍ବିଥିବାବେଳେ ବହୁ କୋଟିର କାରବାର ହେଉଥିବା ଜଣାପଡିଛି। ଏନେଇ ସୁରାକ ମିଳିବା ପରେ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଏବଂ ୱାଇଲ୍ଡ ଲାଇଫ୍ ଜଷ୍ଟିସ୍ କମିଶନ (ଡବ୍ଲ୍ୟୁଜେସି)ର ଏକ ମିଳିତ ଟିମ୍ ଭୁବନେଶ୍ୱରରେ ଚଢ଼ାଉ କରିଛି। ଶନିବାର ଏହି ମିଳିତ ଟିମ୍ ଶହୀଦନଗରସ୍ଥିତ ଏକ ଗ୍ରହରତ୍ନ ପଥର ହୋଲ୍‌ସେଲ ଷ୍ଟୋର୍‌ରେ ଚଢ଼ାଉ କରି ବହୁ ବନ୍ୟପ୍ରାଣୀ ଅଙ୍ଗ ଓ ଏଥିରୁ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି। ଏଥିମଧ୍ୟରେ ରହିଛି ବଜ୍ରକାପ୍ତା କାତିରୁ ତିଆରି ମୁଦି, (ମନିଟର୍ ଲିଜାର୍ଡ)ଗୋଧି ପ୍ରଜାତି ପ୍ରାଣୀର ଅଙ୍ଗ, ହରିଣର କସ୍ତୁରୀ ଏବଂ ବିଭିନ୍ନ ସାମୁଦ୍ରିକ ପ୍ରାଣୀର ଅଙ୍ଗରୁ

### ଭୁବନେଶ୍ୱରରେ ଅନ୍ତର୍ଜାତୀୟ ର୍ୟାକେଟ୍



ପ୍ରସ୍ତୁତ ସାମଗ୍ରୀ। ଜବତ ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏସବୁ ବନ୍ୟପ୍ରାଣୀ ୱାଇଲ୍ଡଲାଇଫ୍ ପ୍ରୋଟେକ୍ସନ ଆକ୍ଟ ୧୯୭୨ର ସିଡ୍ୟୁଲ ୧ରୁ ୪ ଅନ୍ତର୍ଭୁକ୍ତ ବୋଲି ଡିଆର୍‌ଆଇ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ତେବେ ଏହି ସାମଗ୍ରୀଗୁଡିକୁ ଡିଆର୍‌ଆଇ ଭୁବନେଶ୍ୱର ସିଟି ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛି।

ଏ ସମ୍ପର୍କରେ ସିଟି ଡିଏଫ୍‌ଓ ଅଜିତ କୁମାର ଶତପଥୀ କହିଛନ୍ତି, ଜବତ ବନ୍ୟପ୍ରାଣୀ ଅଙ୍ଗର ସିଡ୍ୟୁଲ୍ ଯାଞ୍ଚ ପାଇଁ ଭାରତୀୟ ପ୍ରାଣୀ ସର୍ବେକ୍ଷଣ(ଜେଡ୍ଏସ୍ଆଇ) ସଂସ୍ଥା ଏବଂ ଓୟୁଏଟିସ୍ଥିତ କେମିକାଲ ଲ୍ୟାବ୍‌କୁ ପଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

ବନ୍ୟପ୍ରାଣୀ ଅଙ୍ଗ ଚୋରାଚାଲାଣ ର୍ୟାକେଟ୍ ଓଡ଼ିଶା ସମେତ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ନିକୋବର, ହିମାଳୟରେ ସକ୍ରିୟ ରହିଥିବା ତଦନ୍ତ ବେଳେ ଜଣାପଡିଛି। ଏପରିକି ବିରଳ ପ୍ରାଣୀରୁ ପ୍ରସ୍ତୁତ ଏସବୁ ସାମଗ୍ରୀ ଭାରତରୁ ଦକ୍ଷିଣ ପୂର୍ବ ଏସିଆ ଚାଲାଣ ହେଉଥିବା ଡିଆର୍‌ଆଇ ସନ୍ଦେହ କରୁଛି। ଗତ ଜୁନ ୨୨ରେ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି), ଡବ୍ଲ୍ୟୁଜେସି ଓ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌ର ଏକ ମିଳିତ ଟିମ୍ ଆନ୍ଧ୍ରପ୍ରଦେଶ ବିଜୟୱାଡାର ଏକ ଷ୍ଟୋର୍‌ରେ ଚଢ଼ାଉ କରି ୯୧ ଲକ୍ଷ ଟଙ୍କାର ସାମୁଦ୍ରିକ ଜୀବର ଅଙ୍ଗ ଓ ବିରଳ ବନ୍ୟପ୍ରାଣୀ ଅଙ୍ଗରୁ ପ୍ରସ୍ତୁତ ସାମଗ୍ରୀ ଜବତ କରି ଜଣଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଏହାର ଲିଙ୍କ୍ ଭୁବନେଶ୍ୱରରେ ରହିଥିବା ଜଣାପଡିଥିଲା। ଲୋକାଲ ସପ୍ଲାୟର, ମିଡିଲ୍‌ମ୍ୟାନ, ରିଟେଲରଙ୍କ ଜରିଆରେ ଏହି ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଡବ୍ଲ୍ୟୁଜେସିର ସୂଚନା ଆଧାରରେ ଏକ ୧୨ ଜଣିଆ ଟିମ୍ ଶନିବାର ମଧ୍ୟାହ୍ନରେ ଭୁବନେଶ୍ୱରର ୧୬ ନମ୍ବର ଜାତୀୟ ☞ପୃଷ୍ଠା-୪

## ପଶ୍ଚିମବଙ୍ଗରେ ପୁଣି ଯୌନ ନିର୍ଯାତନା

**କୋଲକାତା, ୧।୯**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଥମି ନ ଥିବାବେଳେ ରବିବାର ଉକ୍ତ ରାଜ୍ୟରେ ଅନ୍ୟ ୨ଟି ମହିଳା ବିରୋଧୀ ଅପରାଧ ସାମ୍‌ନାକୁ ଆସିଛି। ଉତ୍ତର ୨୪ ପ୍ରଗଣା ଜିଲାରେ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବାବେଳେ ବୀରଭୂମ ଜିଲାର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟିରେ ଥିବା ଜଣେ ନର୍ସଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି।

ଶନିବାର ରାତିରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କ ରାଜବାରି ଅଞ୍ଚଳରେ ଥିବା ଘର ବାହାରେ ବିକ୍ଷୋଭ କରିଥିଲେ। ଉତ୍ତ୍ୟକ୍ତ ଲୋକେ ତାଙ୍କ ଘର ଭାଙ୍ଗିବା ସହ ଉତ୍ତର ୨୪ ପ୍ରଗଣାର ମଧ୍ୟମଗ୍ରାମରେଥିବା ତାଙ୍କ ସମ୍ପର୍କୀୟଙ୍କ ଦୋକାନକୁ ଭଙ୍ଗାରୁଜା କରିଛନ୍ତି। ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଅନ୍ୟ ଏକ ଘଟଣାରେ ବୀରଭୂମ ଜିଲାର ଇଲମବଜାର ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ତ୍ତବ୍ୟରତ ନର୍ସଙ୍କୁ ଜଣେ ରୋଗୀ ଅସଦାଚରଣ କରିଥିବା ☞ପୃଷ୍ଠା-୪

# ଡେରାବିଶରେ ବାର୍ଡ ଫ୍ଲୁ ଆଶଙ୍କା

**ଡେରାବିଶ, ୧।୯ (ବେବର୍ତ୍ତା ଅଜୟ ଦାସ)**

ପୁରୀ ଜିଲା ପିପିଲି ବ୍ଲକ ପରେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ବାର୍ଡ଼ ଫ୍ଲୁ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବ୍ଲକ ଅଧୀନ ନରସିଂହପୁର ଗ୍ରାମରେ ଏକ ପାଟନାଳୀରୁ ୪ ବସ୍ତା ମଲା କୁକୁଡା ମିଳିବା ପରେ ବାର୍ଡ଼ ଫ୍ଲୁକୁ ନେଇ ସାଧାରଣରେ ଭୟ ସୃଷ୍ଟି ହୋଇଛି। ନରସିଂହପୁର ଗ୍ରାମର କେତେଜଣ ଚାଷୀ ରବିବାର ଜମିକୁ ଯାଉଥିବାବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଚାଷଜମି ଦେଇ ଯାଇଥିବା ପାଟନାଳୀ ମଧ୍ୟରୁ ଏହି ଦୁର୍ଗନ୍ଧ ଆସୁଥିବାବେଳେ କେତେଗୋଟି ମୁହଁବନ୍ଧା ବସ୍ତା ଭାସୁଥିଲା। ଚାଷୀମାନେ ବସ୍ତାକୁ ତନଖି କରିବାରୁ ତାହା ମଧ୍ୟରେ ବହୁ ପରିମାଣରେ ମଲା କୁକୁଡ଼ା ଦେଖିବାକୁ ପାଇଥିଲେ। ପ୍ରବଳ ଦୁର୍ଗନ୍ଧ ଯୋଗୁ ଜମିରେ ଚାଷକାର୍ଯ୍ୟ କରିବା ସମ୍ଭବ ପର ହୋଇ ନ ଥିବାରୁ ସେମାନେ ଘରକୁ ଫେରି ଆସିଥିଲେ। ଗ୍ରାମରେ ଏହି ଖବର ପ୍ରଚାରିତ ହୋଇଥିଲା। କିଏ ଏଠାରେ ଆଣି ମଲା କୁକୁଡ଼ା ପକାଇଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପରେ

### ୪ ବସ୍ତା ମଲା କୁକୁଡ଼ା ଜବତ

ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡା. ସୁବ୍ରତ କୁମାର ମହାପାତ୍ରଙ୍କୁ ଅବଗତ କରିଥିଲେ। ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡା. ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡା. ମୃତ୍ୟୁଞ୍ଜୟ ମହାନ୍ତି ଓ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଦିଲୀପ କୁମାର ସେଠୀଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଟନାଳୀରେ ପଡ଼ିଥିବା ୪ ବସ୍ତା ମଲା କୁକୁଡ଼ାଙ୍କୁ ସଂଗ୍ରହ କରି ତାର ରକ୍ତ ନମୁନା ନେଇଥିଲେ। ଉକ୍ତ କୁକୁଡ଼ାଗୁଡ଼ିକୁ ଗାତ କରି ପୋତି ଦିଆଯାଇଥିଲା। ତେବେ ସମ୍ପୃକ୍ତ ସ୍ଥାନରେ ସାନିଟାଇଜ୍ କରାଯିବା ସହ ନିଆଯାଇଥିବା ନମୁନା ପରୀକ୍ଷା ପରେ କେଉଁ କାରଣରୁ ଏହି କୁକୁଡ଼ାଙ୍କ ମୃତ୍ୟୁ ହୋଇଛି ତାହା ଜଣାପଡ଼ିବ ବୋଲି ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡା. ମହାପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ୨ଦିନ ହେବ ଅଞ୍ଚଳରେ ଶତାଧିକ କୁକୁଡ଼ା ମଡ଼କ ଦେଖାଦେଇଥିବା କୁହାଯାଉଛି। ☞ପୃଷ୍ଠା-୪

# ଚିଦ୍ଦିମା ଅଦେଶ୍ଟିନା 'ମିସ୍ ୟୁନିଭର୍ସ ନାଇଜେରିଆ'

**ଆବୁଜା, ୧।୯**

ଦକ୍ଷିଣ ଆଫ୍ରିକୀୟ ମଡେଲ ଚିଦ୍ଦିମା ଅଦେଶ୍ଟିନା(୨୩) ରବିବାର 'ମିସ୍ ୟୁନିଭର୍ସ ନାଇଜେରିଆ ୨୦୨୪' ଟାଇଟଲ ହାସଲ କରିଛନ୍ତି। ଦକ୍ଷିଣ ପଶ୍ଚିମ ନାଇଜେରିଆର ଲାଗୋସ ସହରରେ ଆୟୋଜିତ ପ୍ରତିଯୋଗିତାରେ ୨୪ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଏହି ସଫଳତା ହାସଲ କରିଛନ୍ତି।

ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଏହି ମଡେଲଙ୍କ ବାପା ନାଇଜେରିଆର ହୋଇଥିବାବେଳେ ତାଙ୍କର ମା' ହେଉଛନ୍ତି ଦକ୍ଷିଣ ଆଫ୍ରିକୀୟ। ଚିଦ୍ଦିମାଙ୍କର ଦକ୍ଷିଣ ଆଫ୍ରିକୀୟ ନାଗରିକତା ମଧ୍ୟ ରହିଛି। 'ମିସ୍ ୟୁନିଭର୍ସ ନାଇଜେରିଆ ୨୦୨୪' ଟାଇଟଲ ହାସଲ କରିବା ପରେ ଚିଦ୍ଦିମା ଉପସ୍ଥିତ ଦର୍ଶକଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ''ସେ ପିନ୍ଧିଥିବା ମିସ୍ ୟୁନିଭର୍ସ ନାଇଜେରିଆ ମୁକୁଟ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ। ଏହା ଏକତା ପାଇଁ ଆହ୍ୱାନ ମଧ୍ୟ। ଅନ୍ତର୍ଜାତୀୟ ସ୍ତରରେ ନିଜ ବାପାଙ୍କ ମାତୃଭୂମିକୁ ପ୍ରତିନିଧିତ୍ୱ କରିବାର ସୁଯୋଗ

### ଦକ୍ଷିଣ ଆଫ୍ରିକାରୁ ପ୍ରତ୍ୟାଖ୍ୟାତ ହୋଇଥିଲେ




ପାଇ ସେ ଗର୍ବିତ। ଉକ୍ତ ପ୍ରତିଯୋଗିତା ଜିତି ସେ ନାଇଜେରିଆବାସୀଙ୍କୁ ଖୁସି ପ୍ରଦାନ କରିବାର ଆଉ ଏକ ସୁଯୋଗ ସୃଷ୍ଟି କରିବେ''। ଗତ ମାସରେ ଆୟୋଜିତ ହୋଇଥିବା 'ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକା ୨୦୨୪' ପ୍ରତିଯୋଗିତାରେ ଚିଦ୍ଦିମା ଭାଗ ନେଇଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ☞ପୃଷ୍ଠା-୪


ବାଘଛାଲ ର୍ୟାକେଟ୍‌ରେ ଯବାନ ........୩........

ଆନନ୍ଦବଜାରରେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ........୪........

## ସଂକ୍ଷେପରେ

### ମଣିପୁରରେ ଗୁଳିକାଣ୍ଡ: ମହିଳା ମୃତ

**ଇମ୍ଫାଲ,୧।୯**

ମଣିପୁରରେ ରବିବାର ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କର ୧୨ ବର୍ଷର ଝିଅ ଆହତ ହୋଇଛନ୍ତି। ଏହି ଆକ୍ରମଣ ବେଳେ ୨ ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଉଗ୍ରପନ୍ଥୀମାନେ ଡ୍ରୋନ୍‌ରୁ ବୋମା ଖସାଇଥିଲେ। ତାହା ବିସ୍ଫୋରଣ ହେବାରୁ ଧାତବ ଖଣ୍ଡ ମାଡ଼ରେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ରବିବାର ଅପରାହ୍ନ ୨ଟା ୩୫ ସମୟରେ କାଙ୍ଗ୍‌ପୋକ୍‌ପିର ନାଖୁଜଙ୍ଗ ଗ୍ରାମରେ ଏହି ଆକ୍ରମଣ ହୋଇଥିଲା। ଗୁଳିମାଡ଼ରେ ଆହତ ମହିଳା ଗଙ୍ଗବାମ୍ ସୁର୍‌ବାଲା (୩୧)ଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ବଳାତ୍କାର ପରେ ସ୍କୁଲ୍‌ଛାତ୍ରୀ ଗର୍ଭବତୀ

**ଫାରୁକାବାଦ,୧।୯**

ଉତ୍ତରପ୍ରଦେଶର ଫାରୁକାବାଦସ୍ଥିତ ଏକ ସରକାରୀ ସ୍କୁଲରେ ଜଣେ ୧୩ ବର୍ଷୀୟା ଛାତ୍ରୀଙ୍କୁ ପିଅନ ବଳାତ୍କାର କରିବାରୁ ସେ ଗର୍ଭବତୀ ହୋଇଛନ୍ତି। ୫ ମାସ ପରେ ଏହି ଅପରାଧ ସାମ୍ନାକୁ ଆସିଛି। ଛାତ୍ରୀ ଜଣକ ଗର୍ଭବତୀ ଥିବା ପରିବାର ଲୋକେ ଜାଣିବା ପରେ ପୋଲିସକୁ ଜଣାଇଛନ୍ତି। ପୋଲିସ ପୋକ୍‌ସୋ ଆଇନ ବଳରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଏତଲା ଦାଏର କରିଛି। ପୀଡ଼ିତାଙ୍କ ମୁହଁରେ ଲୁଗା ଦେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ କଲେ ମାରିଦେବେ ବୋଲି ସେ ଧମକ ଦେଇଥିଲେ।

### ଆର୍.ଜି. କର ଅନିୟମିତତାର ମୁଖ୍ୟ ସାକ୍ଷୀ ହସ୍ପିଟାଲରେ ଭର୍ତ୍ତି

**କୋଲକାତା,୧।୯**

କୋଲକାତା ଆର୍.ଜି. କର ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ଅଭିଯୋଗର ମୁଖ୍ୟ ସାକ୍ଷୀ ଫୋରେନ୍‌ସିକ୍ ମେଡିସିନ୍ ବିଭାଗ ଡେମୋନ୍‌ଷ୍ଟ୍ରେଟର ଦେବାଶିଷ ସୋମ୍‌ଙ୍କୁ ରବିବାର ଗୁରୁତର ଅବସ୍ଥାରେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରକ୍ତ ଶର୍କରା ସ୍ତରରେ ଅସ୍ଥିରତା ଦେଖାଦେବାରୁ ତାଙ୍କୁ ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଚିକିତ୍ସା କରାଯାଉଛି।

# ଏମ୍‌ଭିଏର ବିଶାଳ ପ୍ରତିବାଦ ଶୋଭାଯାତ୍ରା

## ଶିବାଜୀ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

### ମୋଦି, ଶାସକ ମେଣ୍ଟକୁ ସମାଲୋଚନା

**ମୁମ୍ବାଇ,୧।୯**


ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆ ନିକଟରେ ଏମ୍‌ଭିଏ ମେଣ୍ଟର ବିକ୍ଷୋଭ।

ସିନ୍ଧୁଦୁର୍ଗର ମାଲ୍‌ଭାନଠାରେ ଛତ୍ରପତି ଶିବାଜୀଙ୍କ ୩୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଭୁଶୁଡ଼ି ପଡ଼ିବା ଘଟଣାରେ ରବିବାର ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ପକ୍ଷରୁ ମୁମ୍ବାଇରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି 'ଜୋତେ ମାରୋ' ବିକ୍ଷୋଭରେ ଏମ୍‌ଭିଏର ଶୀର୍ଷ ନେତା ଶରଦ ପାୱାର, ଉଦ୍ଧବ ଠାକ୍‌ରେ, ନାନା ପାଟୋଲଙ୍କ ସମେତ ହଜାର ହଜାର କର୍ମୀ ଯୋଗଦେଇ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ଯାଇଥିଲେ। ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ବିରୋଧୀ ନେତାମାନେ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗିବା ତାଙ୍କର ଅହଂକାରକୁ ସୂଚାଉଛି ବୋଲି ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ କହିଛନ୍ତି। ମୂର୍ତ୍ତି ଭୁଶୁଡ଼ିବା ଦୁର୍ନୀତିର ଏକ ଦୃଷ୍ଟାନ୍ତ ବୋଲି ଏନ୍‌ସିପି (ଏସ୍‌ପି) ନେତା ଶରଦ ପାୱାର କହିଛନ୍ତି।

ରାଜକୋଟ୍ ଫୋର୍ଟଠାରେ ସପ୍ତଦଶ ଶତାବ୍ଦୀର ମରାଠା ଶାସକ ଶିବାଜୀଙ୍କୁ ପ୍ରତିମୂର୍ତ୍ତିକୁ ଗତବର୍ଷ ଡିସେମ୍ବର ୪ରେ ପ୍ରଧାନମନ୍ତ୍ରୀ ମୋଦି ଅନାବରଣ କରିଥିଲେ। ଗତ ୨୬ ତାରିଖରେ ଏହା ଭୁଶୁଡ଼ି ପଡ଼ିଥିଲା। ଗେଟ୍‌ୱେ ଅଫ୍ ଇଣ୍ଡିଆଠାରେ ସମାବେଶକୁ ଉଦ୍‌ବୋଧନ ଦେଇ ଠାକ୍‌ରେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ଘଟଣାରୁ ତାଙ୍କ ଅହଂକାର ସ୍ପଷ୍ଟ ବାରି ହେଉଛି। ସେହି ସମୟରେ ଜଣେ ଉପମୁଖ୍ୟମନ୍ତ୍ରୀ ହସୁଥିଲେ। ଶିବାଜୀଙ୍କ ପ୍ରତି ଅପମାନ ପାଇଁ ମହାରାଷ୍ଟ୍ର ଜନସାଧାରଣ କଦାପି କ୍ଷମା ଦେବେ ନାହିଁ। ଶାସକ ଦଳକୁ ପରାଜିତ କରିବା ପାଇଁ ଏମ୍‌ଭିଏ କ୍ୟାଡରମାନେ ଏକାଠି କାର୍ଯ୍ୟ କରିବେ ବୋଲି ଉଦ୍ଧବ କହିଛନ୍ତି। ଅଯୋଧ୍ୟା ରାମମନ୍ଦିର ଏବଂ ନୂଆ ପାର୍ଲାମେଣ୍ଟ କମ୍ପ୍ଲେକ୍ସରୁ ପାଣି ଗଳିବା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ଉଦ୍ଧବ ତାଚ୍ଛଲ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ପାଲ୍‌ଘର ଯାଇଥିବାବେଳେ ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ କ୍ଷମା ମାଗିଥିଲେ। ତେବେ ଏଭଳି ଶିବଦ୍ରୋହୀ (ଶିବାଜୀଙ୍କ ନୀତିକୁ ବିରୋଧ କରୁଥିବା ନେତା) ମାନଙ୍କୁ କ୍ଷମତାରେ ରହିବା ନିମନ୍ତେ ଅନୁମତି ଦେଇଥିବା ଛତ୍ରପତିଙ୍କ ନିକଟରେ ବିରୋଧୀ ନେତାମାନେ ପୂର୍ବରୁ କ୍ଷମା ମାଗିଥିଲେ ବୋଲି କଂଗ୍ରେସ ନେତା ନାନା ପାଟୋଲ କହିଛନ୍ତି।

# ଲେହରୁ ସୋନମ୍‌ଙ୍କ ଦିଲ୍ଲୀ ଚଲୋ ପଦଯାତ୍ରା

**ଲେହ,୧।୯**


ସୋନମ୍ ୱାଙ୍ଗଚୁକ

ଖ୍ୟାତନାମା ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ରବିବାର ଲେହରୁ ଦିଲ୍ଲୀ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ତାଙ୍କ ସହ ଶତାଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ସେମାନଙ୍କର ୪ ସୂତ୍ରୀ ଦାବି ଉପରେ ଲଦାଖର ନେତୃବୃନ୍ଦଙ୍କ ସହ ଅଟକି ରହିଥିବା ଆଲୋଚନା ପୁଣିଥରେ ଆରମ୍ଭ କରିବା ପାଇଁ ସୋନମ୍ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ୪ ବର୍ଷ ହେଲା ଲେହ ଶୀର୍ଷ ସଂଗଠନ (ଏଲ୍‌ଏବି) ଏବଂ କାର୍ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ (କେଡିଏ) ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ଦିଲ୍ଲୀ ଚଲୋ ପଦଯାତ୍ରା ଆୟୋଜନ କରାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ସମେତ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦକୁ ସମ୍ପ୍ରସାରିତ କରିବ, ତ୍ୱରିତ୍ ନିଯୁକ୍ତି ପ୍ରକ୍ରିୟା ସମେତ ଲଦାଖ ପାଇଁ ପବ୍ଲିକ୍ ସର୍ଭିସ କମିଶନ ଏବଂ କାର୍ଗିଲ ଓ ଲେହ ପାଇଁ ଅଲଗା ଲୋକ ସଭା ଆସନ ନିମନ୍ତେ ସେମାନେ ଦାବି କରିଛନ୍ତି।

# ଇସ୍ତଫା ଦେଲେଣି ୪୯ ହିନ୍ଦୁ ଶିକ୍ଷକ

### ବାଂଲାଦେଶରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ

**ନୂଆଦିଲ୍ଲୀ,୧।୯(ପି.ଟି.)**

ଗତ ମାସ ୫ ତାରିଖରେ ବାଂଲାଦେଶର ଶେଖ୍ ହାସିନାଙ୍କ ସରକାରର ପତନ ପରେ ସେଠାରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଇତିମଧ୍ୟରେ ଅନ୍ୟୂନ ୪୯ ଜଣ ହିନ୍ଦୁ ଶିକ୍ଷକ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଆକ୍ରମଣର ସମ୍ମୁଖୀନ ହୋଇଥିବା ବିଭିନ୍ନ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଚାକିରି ଛାଡ଼ିଥିବା ଶିକ୍ଷକଙ୍କ ମଧ୍ୟରୁ ୧୯ ଜଣଙ୍କୁ ପୁନର୍ବାର ନିଯୁକ୍ତ କରାଯାଇଥିବା ବାଂଲାଦେଶ ଛାତ୍ର ଓଇକ୍ୟା ପରିଷଦର କୋ-ଅର୍ଡିନେଟର ସଜୀବ ସର୍କାର କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଧର୍ମୀୟ ଏବଂ ଜାତିଆଣ ସଂଘଖ୍ୟାଲଘୁମାନେ ଆକ୍ରମଣ, ଲୁଟର ଶିକାର ହୋଇଥିବାବେଳେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା ସମେତ ଘର ଓ ଦୋକାନରେ ନିଆଁ ଲଗାଇ ଦିଆଯାଉଛି। ବିବାଦୀୟ କୋଟାକୁ ନେଇ ବାଂଲାଦେଶରେ ସରକାର ବିରୋଧୀ ଆନ୍ଦୋଳନ ତୀବ୍ର ହେବା ପରେ ଗତ ମାସ ୫ରେ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇଥିଲେ। ସେବେଠାରୁ ସେଠାରେ ସଂଖ୍ୟାଲଘୁମାନେ ଅକଥନୀୟ ନିର୍ଯାତନାର ସମ୍ମୁଖୀନ ହୋଇଆସୁଛନ୍ତି।



ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣାରେ ନାବାଳିକାଙ୍କୁ ଯୌନ ନିର୍ଯାତନା ପ୍ରତିବାଦରେ ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୟୁକ୍ରେନ୍‌ର ୧୫୮ ଡ୍ରୋନ୍ ଖସାଇଲା ରୁଷିଆ

**ମସ୍କୋ,୧।୯**

ରୁଷିଆ ସେନା ଗୋଟିଏ ରାତିରେ ୧୫୮ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଖସାଇ ଦେଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ରବିବାର କହିଛି। ପୂର୍ବରୁ ୟୁକ୍ରେନ୍ ସେନା କୁର୍ସ୍କ ଅଞ୍ଚଳରେ ପ୍ରବେଶ କରି ଆକ୍ରମଣ ଚଳାଇଥିବାବେଳେ ଏହାର ୪୬ଟି ଡ୍ରୋନ୍‌କୁ ରୁଷିଆର ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇଦେଇଛି। ସେହିପରି ବ୍ରିଆନ୍ସରେ ୩୪ ଏବଂ ଭୋରୋନେଝ ଅଞ୍ଚଳରେ ୨୮ଟି ଡ୍ରୋନ୍‌କୁ ଖସାଯାଇଥିବାବେଳେ ବେଲଗୋରୋଡ ଅଞ୍ଚଳରେ ୧୪ ଡ୍ରୋନ୍ ଅକାମୀ ହୋଇଛି। ଧ୍ୱଂସ ପାଇଥିବା ଡ୍ରୋନ୍‌ର ଭଗ୍ନାବଶେଷ ଖସି ଏକ ତୈଳ ବିଶୋଧନାଗାରରେ ପଡ଼ିବାରୁ ନିଆଁ ଲାଗିଯାଇଥିଲା। ଚଳିତ ବର୍ଷ ଆରମ୍ଭରୁ ୟୁକ୍ରେନ୍ ସେନା ରୁଷିଆ ଭିତରେ ପଶି ଏହାର ରିଫାଇନାରି ଓ ତୈଳ ଟର୍ମିନାଲଗୁଡ଼ିକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ ଜାରି ରଖିଛି। ଅନ୍ୟପକ୍ଷରେ ୟୁକ୍ରେନର ଆକାଶ ମାର୍ଗରୁ ଆକ୍ରମଣ ଫଳରେ ୯ ରୁଷୀୟ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଡୋନେସ୍କ ଅଞ୍ଚଳ ଅନ୍ତର୍ଗତ ପିର୍ଡ୍ରିଚେ ଏବଂ ଭିଲମ୍ବା ସହରକୁ ରୁଷିଆ ପୁଣିଥରେ ନିୟନ୍ତ୍ରଣକୁ ନେଇଥିବା ରବିବାର ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ତ୍ୱରିତ ନ୍ୟାୟ ପାଇଁ ସ୍ଥଗିତ ସଂସ୍କୃତି ବଦଳିବା ଆବଶ୍ୟକ: ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧।୯(ପି.ଟି.)**


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ତ୍ୱରିତ ନ୍ୟାୟକୁ ସୁନିଶ୍ଚିତ କରିବାକୁ ହେଲେ କୋର୍ଟଗୁଡ଼ିକର ସ୍ଥଗିତ ସଂସ୍କୃତିରେ ପରିବର୍ତ୍ତନ ପାଇଁ ଉଦ୍ୟମ ହେବା ଆବଶ୍ୟକ। ଜିଲ୍ଲା ନ୍ୟାୟପାଳିକା ଉପରେ ଅନୁଷ୍ଠିତ ୨ ଦିନିଆ ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ସେ କହିଛନ୍ତି, ଅଦାଲତରେ ମାମଲାଗୁଡ଼ିକ ପଡ଼ିରହିବା ଆମ ସମସ୍ତଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ନ୍ୟାୟକୁ ସୁରକ୍ଷା ଦେବା ଦେଶର ସବୁ ବିଚାରପତିମାନଙ୍କ ଦାୟିତ୍ୱ। କୋର୍ଟ ରୁମ୍‌ରେ ବ୍ଲାକ୍ କୋଟ୍ ସିଣ୍ଡ୍ରୋମ୍ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଉଛି। ଏହା ଉପରେ ଅଧ୍ୟୟନ ହେବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି। ତେବେ ଦେଶରେ ମହିଳା ନ୍ୟାୟିକ ଅଧିକାରୀଙ୍କ ସଂଖ୍ୟା ବଢ଼ିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ଦ୍ୱିତୀୟ ଦିନର ସମ୍ମିଳନୀରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଯୋଗଦେଇଥିଲେ।

# ଜେଡିୟୁ ମୁଖପାତ୍ର ପଦ ଛାଡିଲେ କେ.ସି. ତ୍ୟାଗୀ

**ନୂଆଦିଲ୍ଲୀ,୧।୯(ପି.ଟି.)**



ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖପାତ୍ର ପଦରୁ କେ.ସି. ତ୍ୟାଗୀ ଇସ୍ତଫା ଦେଇଛନ୍ତି। ଦଳ ଅଧ୍ୟକ୍ଷ ନୀତୀଶ କୁମାର ତାଙ୍କ ସ୍ଥାନରେ ରାଜୀବ ରଞ୍ଜନ ପ୍ରସାଦଙ୍କୁ ଜାତୀୟ ମୁଖପାତ୍ର ନିଯୁକ୍ତ କରିଛନ୍ତି। ତ୍ୟାଗୀ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ତ୍ୟାଗୀ ବାରମ୍ବାର କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରୁଥିଲେ, ଯାହାକି ଭାଜପା-ଜେଡିୟୁ ସମ୍ପର୍କ ପାଇଁ ଭଲ ନ ଥିଲା। ଏକକ ନାଗରିକ ସଂହିତା (ୟୁସିସି) ହେଉ କି ୱାକ୍‌ଫ ସଂଶୋଧନ ବିଲ୍ ଏବଂ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରୁଥିଲେ। ଅନ୍ୟପକ୍ଷରେ ବିହାରର ପୂର୍ବତନ ମନ୍ତ୍ରୀ ଶ୍ୟାମ ରଜକ ରବିବାର ଜେଡିୟୁକୁ ଫେରିଛନ୍ତି। ୨୦୨୦ରେ ରଜକଙ୍କୁ ରାଜ୍ୟ କ୍ୟାବିନେଟ ଏବଂ ଦଳରୁ ବହିଷ୍କାର କରାଯାଇଥିଲା।

# ମାଲୟାଲମ ଚଳଚ୍ଚିତ୍ରରେ ପାୱାର ସେଣ୍ଟର ନାହିଁ: ମାମୁଥି

**ନୂଆଦିଲ୍ଲୀ,୧।୯**



ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିଜ୍‌ର କେତେଜଣ ଶୀର୍ଷ ଅଭିନେତା ଏବଂ ନିର୍ଦ୍ଦେଶକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗକୁ ନେଇ ଝଡ଼ ଦେଖାଦେଇଥିବାବେଳେ ଚଳଚ୍ଚିତ୍ର ଶିଳ୍ପରେ କୌଣସି ପାୱାର ସେଣ୍ଟର ନ ଥିଲା ବୋଲି ଅଭିନେତା ମାମୁଥି କହିଛନ୍ତି। ପୋଲିସ ଅଭିଯୋଗର ତଦନ୍ତ ସାଧୁତାର ସହ କରିବା ପାଇଁ ସେ ନିବେଦନ କରିଛନ୍ତି। ଚଳଚ୍ଚିତ୍ର ଶିଳ୍ପକୁ ଧ୍ୱଂସ ନ କରିବାକୁ ବର୍ଷୀୟାନ ଅଭିନେତା ମୋହନଲାଲ ଶନିବାର ନିବେଦନ କରିଥିଲେ। ମାମୁଥି ଏକ ଫେସ୍‌ବୁକ୍ ପୋଷ୍ଟରେ କହିଛନ୍ତି, ସିନେମା ହେଉଛି ସମାଜର ପ୍ରତିଫଳନ। ସମାଜର ଭଲ ଏବଂ ମନ୍ଦ ଘଟଣା ଏଥିରେ ପ୍ରଦର୍ଶନ କରିଥାଏ। ଅଭିଯୁକ୍ତଙ୍କୁ କ'ଣ ଦଣ୍ଡ ଦିଆଯିବ, ସେ ନିଷ୍ପତ୍ତି କୋର୍ଟ ନେବେ ବୋଲି ମାମୁଥି କହିଛନ୍ତି।

# ଗାଜାରେ ୧୯ ହଜାର ଶିଶୁ ଅନାଥ ହୋଇଛନ୍ତି

**ରାଫାହ, ୧।୯**



ଇସ୍ରାଏଲର କ୍ରମାଗତ ଆକ୍ରମଣ ଯୋଗୁ ଗାଜାରେ ବହୁ ଧନଜୀବନ ନଷ୍ଟ ହେବା ସହ ଅନେକ ଘର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଆକ୍ରମଣରେ ଅନେକ ପାଲେଷ୍ଟିନୀୟ ନିଜର ପରିଜନଙ୍କୁ ହରାଇଛନ୍ତି। ସେହିପରି ବହୁ ଶିଶୁ ମାତାପିତାଙ୍କୁ ହରାଇଛନ୍ତି। ମାତାପିତାଙ୍କୁ ହରାଇଥିବା ଶିଶୁଙ୍କ କାନ୍ଦରେ ଗାଜାର ବିଭିନ୍ନ ପ୍ରାନ୍ତର ଗଳିକନ୍ଦି ଫାଟି ପଡୁଛି। ୟୁନାଇଟେଡ ନେଶନ୍ସ ଚିଲ୍‌ଡ୍ରେନ୍‌ସ ଫଣ୍ଡ(ୟୁନିସେଫ୍)ର ତଥ୍ୟ ଅନୁଯାୟୀ, ଗତବର୍ଷ ଅକ୍ଟୋବରରୁ ଗାଜା ଷ୍ଟ୍ରିପରେ ଇସ୍ରାଏଲର ଆକ୍ରମଣ ଆରମ୍ଭ ହେବା ପରେ ୪୦,୫୦୦ ଲୋକଙ୍କର ମୃତ୍ୟୁ ଘଟିଛି। ସେହିପରି ୧୯ ହଜାର ଶିଶୁ ଅନାଥ ହୋଇଛନ୍ତି କିମ୍ବା ସେମାନେ ନିଜର ମାତାପିତାଙ୍କଠାରୁ ଅଲଗା ହୋଇଛନ୍ତି। ବର୍ତ୍ତମାନ ପରିବାରର ଅନ୍ୟ ସଦସ୍ୟ ସେହି ଶିଶୁମାନଙ୍କର ଦେଖାଶୁଣା କରୁଛନ୍ତି।

### ପରିବାରର ଅନ୍ୟ ସଦସ୍ୟ ମାତାପିତାଙ୍କ ଦାୟିତ୍ୱ ନିଭାଉଛନ୍ତି

ଏହାସତ୍ତ୍ୱେ ମଧ୍ୟ ମାତାପିତାଙ୍କୁ ହରାଇବାର ଦୁଃଖ ପିଲାମାନଙ୍କ ମନରୁ ଲିଭିପାରୁ ନାହିଁ। ୟୁନିସେଫ୍ କହିଛି, ଗାଜାରେ ଇସ୍ରାଏଲୀ ସେନା ପକ୍ଷରୁ ବାରମ୍ବାର ଏୟାର ଷ୍ଟ୍ରାଇକ କରାଯିବା ସହ ସ୍ୱଳ୍ପ ନୋଟିସରେ ବିସ୍ଥାପନ ପାଇଁ ଆଦେଶ ଦିଆଯାଉଛି, ଯାହାଫଳରେ ଭୟଙ୍କର ହାରରେ ପିଲାମାନେ ଅନାଥ ହେବା ସହ ସେମାନଙ୍କ ପରିବାରଠାରୁ ବିଚ୍ଛିନ୍ନ ହେଉଛନ୍ତି। ବିଭିନ୍ନ ବିସ୍ଫୋରଣ ଏବଂ ଆକ୍ରମଣରୁ ବର୍ତ୍ତିଯାଉଥିବା ଶିଶୁମାନେ ଗାଜାରେ ଥିବା ବିଭିନ୍ନ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟ ଶିବିରଗୁଡ଼ିକରେ ପରିତ୍ୟକ୍ତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଶିଶୁମାନେ ବହୁତ ଛୋଟ ହୋଇଥିବାରୁ ନିଜ ପରିବାରର ପରିଚୟ ଓ ଠିକଣା ମଧ୍ୟ କହିପାରୁ ନାହାନ୍ତି। ତେଣୁ ଗାଜାର ଯୁଦ୍ଧ ବହୁଳ ଅଞ୍ଚଳରେ ହଜି ଯାଇଥିବା ନିଜ ନିଜର ପିଲାମାନଙ୍କୁ ଟ୍ରାକ୍ କରିବାରେ ପାଲେଷ୍ଟିନୀୟଙ୍କୁ ସାହାଯ୍ୟ କରିବା ପାଇଁ ୟୁନିସେଫ୍ ୪ ଲକ୍ଷ ୫୦ ହଜାର ବ୍ରେସ୍‌ଲେଟ ବଣ୍ଟନ କରିବ ବୋଲି ଘୋଷଣା କରିଛି। ଉକ୍ତ ଯୋଜନା ଅନୁଯାୟୀ, ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ୬ ବର୍ଷରୁ କମ୍ ଶିଶୁମାନଙ୍କୁ ହସ୍ପିଟାଲ ଶୈଳୀରେ ବ୍ରେସ୍‌ଲେଟ ପ୍ରଦାନ କରାଯିବ।

## ଫୁର୍‌ସତ୍

# ଭାଲୁ ସହ ଫଟୋ ଶୁଟ୍

**ନୂଆଦିଲ୍ଲୀ**




ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଭାଇରାଲ ହେଉଛି ଯାହା ଦେଖି ଅଧିକାଂଶ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଉକ୍ତ ଭିଡିଓରେ ଜଣେ ମହିଳା ଏକ ବିଶାଳ ଭାଲୁ ସହ ଆଲିଙ୍ଗନ କରି ଫଟୋ ଶୁଟ୍ କରୁଥିବା ନଜରକୁ ଆସିଛନ୍ତି। ଭିଡିଓରେ ମହିଳାଙ୍କ ଶାନ୍ତତା ଏବଂ ଭାଲୁର ଭଦ୍ର ଆଚରଣ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ମହିଳାଜଣକ ଏକ ସେଓ ପରିପୂର୍ଣ୍ଣ ଥିବା ବକେଟ୍ ମଧ୍ୟ ଭାଲୁ ପାଇଁ ଆଣିଛନ୍ତି। ସେ ଉକ୍ତ ବକେଟରୁ ଗୋଟିଏ ପରେ ଗୋଟିଏ ସେଓ କାଢ଼ି ଭାଲୁଟିକୁ ଖାଇବାକୁ ଦେଉଛନ୍ତି। ଭାଲୁଟି ମଧ୍ୟ ଆଗ୍ରହର ସହ ମହିଳା ଦେଇଥିବା ଉକ୍ତ ସେଓଗୁଡ଼ିକୁ ଖାଇବାରେ ଲାଗିଛି। ତେବେ ଉକ୍ତ ଭାଲୁଟି କିଭଳି ଏତେମାତ୍ରାରେ ଶାନ୍ତ ଓ ଭଦ୍ର ସ୍ୱଭାବର ହୋଇପାରିଛି ବୋଲି ଭିଡିଓ ଦେଖି ଅନେକ ୟୁଜର୍ସ ପ୍ରଶ୍ନ କରିଛନ୍ତି।

# ରାଜକୁମାରଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ମାଲିକ୍'

**ମୁମ୍ବାଇ**

ବଲିଉଡ୍ ଅଭିନେତା ରାଜକୁମାର ରାଓ ଶନିବାର ତାଙ୍କର ୪୦ ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ରର ନାମ 'ମାଲିକ' ହୋଇଥିବା ଘୋଷଣା କରି ନିଜ ପ୍ରଶଂସକଙ୍କୁ ଜନ୍ମଦିନର ଉପହାର ଦେଇଛନ୍ତି। ରାଜକୁମାର ନିଜ ଇନଷ୍ଟାଗ୍ରାମ ଆଇଡିରେ 'ମାଲିକ' ଫିଲ୍ମର ପୋଷ୍ଟର ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, " ମାଲିକଙ୍କ ଦୁନିଆକୁ ଆପଣଙ୍କୁ ସ୍ୱାଗତ। ଶୁଟିଂ ଆରମ୍ଭ ହୋଇ ସାରିଛି, ଖୁବ୍‌ଶୀଘ୍ର ଆପଣଙ୍କ ସହ ଭେଟ ହେବ"। ଫିଲ୍ମରେ ରାଜକୁମାରଙ୍କ ଆକ୍ସନ୍ ଅବତାର ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି।

# ମନ୍ଦିରରେ ବିବାହ କରିବେ ଆଦିତି

**ହାଇଦ୍ରାବାଦ**



ଅଭିନେତ୍ରୀ ଆଦିତି ରାଓ ହାଇଦରି ଖୁବ୍‌ଶୀଘ୍ର ନିଜ ଦୀର୍ଘ ଦିନର ପ୍ରେମିକ ତଥା ଅଭିନେତା ସିଦ୍ଧାର୍ଥଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏହି ଯୋଡ଼ି ଚଳିତ ବର୍ଷ ମାର୍ଚ୍ଚରେ ଗୁପ୍ତ ଭାବରେ ନିର୍ବନ୍ଧ କରିଥିଲେ। ପରିବାର ସଦସ୍ୟ ଓ ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ତେଲଙ୍ଗାନାର ୱାନାପର୍ଥି ନିକଟସ୍ଥ ଶ୍ରୀରଙ୍ଗପୁରମ୍ ମନ୍ଦିରରେ ଏହି କପଲଙ୍କର ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଶନିବାର ଏକ ସାକ୍ଷାତ୍‌କାରରେ ଆଦିତି ନିଜ ବିବାହ ସମ୍ପର୍କରେ ସୂଚନା ଦେଇଛନ୍ତି। ଆଦିତି ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ସିଦ୍ଧାର୍ଥଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ସିଦ୍ଧାର୍ଥଙ୍କ ସହ ତାଙ୍କର ବିବାହ ୱାନାପର୍ଥିର ଏକ ୪୦୦ ବର୍ଷର ପୁରୁଣା ମନ୍ଦିରରେ ହେବ ବୋଲି ଆଦିତି କହିଛନ୍ତି। ଉକ୍ତ ପ୍ରାଚୀନ ମନ୍ଦିର ତାଙ୍କ ପରିବାର ପାଇଁ ବହୁ ଗୁରୁତ୍ୱ ବହନ କରେ ବୋଲି ଆଦିତି କହିଛନ୍ତି। ଆଦିତି ଏବଂ ସିଦ୍ଧାର୍ଥଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ ୨୦୨୧ରେ ରିଲିଜ୍ ହୋଇଥିବା ଫିଲ୍ମ 'ମହାସମୁଦ୍ରମ'ର ସେଟ୍‌ରେ ହୋଇଥିଲା। ଏହା ପରଠାରୁ ଦୁହେଁ ପରସ୍ପରକୁ ଭଲ ପାଇ ବସିଥିଲେ। ଦୀର୍ଘ ୩ ବର୍ଷ ଧରି ଉଭୟ ଆଦିତି ଓ ସିଦ୍ଧାର୍ଥ ରିଲେଶନ୍‌ଶିପ୍‌ରେ ଥିବା ସହ ପରସ୍ପରକୁ ଡେଟ୍ କରି ଆସୁଥିଲେ।

# କାନ୍ଥ ପଡ଼ି ଶିଶୁ ମୃତ, ମା'ବାପା ଗୁରୁତର


ବସନ୍ତ ପ୍ରଧାନଙ୍କ ଭଙ୍ଗା ଘର

ଭଞ୍ଜନଗର,୧୯(ବାବୁଲା ପ୍ରଧାନ)

## ୨ ମାସ ପୂର୍ବେ ହାତୀ ଭାଙ୍ଗିଥିଲା କାନ୍ଥ

ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅନ୍ତର୍ଗତ ବାଇବାଲି ତୋଟାସାହିରେ ଶନିବାର ରାତିରେ ମାଟିକାନ୍ଥ ପଡ଼ି ୨ବର୍ଷର ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ମା', ବାପା ଗୁରୁତର ହୋଇଛନ୍ତି। ମୃତ ଶିଶୁଟି ହେଉଛି ବସନ୍ତ ପ୍ରଧାନଙ୍କ ପୁଅ ଋଷି। ବସନ୍ତ ଓ ତାଙ୍କ ସ୍ତ୍ରୀ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭଞ୍ଜନଗର ପୋଲିସ, ରାଜସ୍ୱ ଏବଂ ବନ ବିଭାଗ ଅଧିକାରୀ ତୋଟାସାହିରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

ପ୍ରକାଶ ଯେ, ଦୁଇ ମାସ ପୂର୍ବେ ହାତୀପଲ ଆସି ବସନ୍ତଙ୍କ ଘରର କାନ୍ଥ ଅଧାଭାଙ୍ଗି ଦେଇଥିଲେ। କ୍ଷତିପୂରଣ ପାଇଁ ସେ ବନ ବିଭାଗ ଏବଂ ରାଜସ୍ୱ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସହାୟତା କିମ୍ବା ପଲିଥିନ ଖଣ୍ଡେ ବି ମିଳି ନ ଥିଲା। ଅଧିକାରୀମାନେ କେବଳ ଘଟଣାର ତଦନ୍ତ କରି ପଳାଇଥିଲେ। ଆର୍ଥିକ ଅଭାବ ଯୋଗୁ ବସନ୍ତ ଘରକୁ ଆଉ ମରାମତି କରିପାରି ନ ଥିଲେ। ଏଭଳି ସ୍ଥିତିରେ ଗତ କିଛିଦିନ ଧରି ହେଉଥିବା ଝିପିଝିପି ବର୍ଷା ଯୋଗୁ ଭଙ୍ଗାକାନ୍ଥଟି ଭିଜି ରହିଥିଲା। ଶନିବାର ରାତିରେ ଘରର ସମସ୍ତ ସଦସ୍ୟ ଶୋଇଥିବା ବେଳେ କାନ୍ଥଟି ଭୁଶୁଡ଼ି ଉପରେ ପଡିଥିଲା। ସେମାନଙ୍କର ଚିତ୍କାର ଶୁଣି ପଡ଼ୋଶୀମାନେ ଗୁରୁତର ଅବସ୍ଥାରେ ବସନ୍ତ, ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ରକୁ ଉଦ୍ଧାର କରି ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲେ। ରବିବାର ସକାଳେ ଶିଶୁପୁତ୍ର ଋଷିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ଆହତଦ୍ୱୟଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଏବଂ ବନ ବିଭାଗ ଅଧିକାରୀଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ଉପ ଜିଲାପାଳ ଅନିଲ କୁମାର ସେଠୀ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି।

# ବାଘଛାଲ ର୍ୟାକେଟରେ ଯବାନ

ଭୁବନେଶ୍ୱର,୧୯
(ସୂର୍ଯ୍ୟକାନ୍ତ ବେହେରା)

## ଗ୍ରାହକ ସାଜି ୭ ଜଣଙ୍କୁ ଧରିଲା ବନବିଭାଗ

ବାଘ ଛାଲ ବିକ୍ରି ପାଇଁ ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ କାଶୀପୁରରେ ଚାଲିଥିଲା ଡିଲ୍। ଗ୍ରାହକ ବେଶରେ ଚଢ଼ାଉ କରି ସମ୍ପୃକ୍ତ ର୍ୟାକେଟକୁ ଧରିଛି ବନ ବିଭାଗ। ଏହି ଅପରେଶନରେ ଜଣେ ଯବାନଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରାଯିବା ସହ ଏକ ବାଘ ଛାଲ ଜବତ ହୋଇଛି। ଗତ ୨୮ ତାରିଖରେ ବାଘ ଛାଲ ଜବତ ସହ ଅଭିଯୁକ୍ତ ବିଭୂତି ଭୂଷଣ ନାୟକ, ସନତ ଉର୍ମା, ସନ୍ତୋଷ ସାହୁ ଏବଂ ଓଆଇଏସ୍ଏଫ୍ ଯବାନ ପପୁ ସାହୁଙ୍କୁ ଗିରଫ କରାଯାଇଥିବାବେଳେ ଫେରାର ଥିବା ଏବେ ଅନ୍ୟ ୩ଜଣଙ୍କୁ ବୌଦ୍ଧ ଓ ନୟାଗଡ଼ରୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରବୀଣ କୁମାର ପ୍ରଧାନ, କବିରାଜ ସ୍ୱାଇଁ ଓ ଅମିତ ମଲ୍ଲିକ। ପ୍ରବୀଣ ଓ କବିରାଜଙ୍କୁ ବନବିଭାଗ କୋର୍ଟ ଚାଲାଣ କରିଥିବା ବେଳେ ଅମିତଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ସେମାନଙ୍କ ନିକଟରୁ ୫ ମୋବାଇଲ, ବାଘ ନିଶ, ବାଘ ଦାନ୍ତ ଓ ବାଘ ନଖ ଆଦି ଜବତ ହୋଇଛି। ନୟାଗଡ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ, ଡବ୍ଲ୍ୟୁସିସିବିର କର୍ମଚାରୀଙ୍କ ଜଏଣ୍ଟ ଟାସ୍କ ଫୋର୍ସଙ୍କ ସହଯୋଗରେ ନଗର ବନଖଣ୍ଡ କର୍ମଚାରୀମାନେ ଏହି ଅପରେଶନରେ ସାମିଲ ଥିଲେ। ଅମିତ ମଲ୍ଲିକ ଶିକାରୀ ହୋଇଥିବା ବେଳେ ଅନ୍ୟମାନେ ଏହି ରାକେଟର ସଦସ୍ୟ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଅଗଷ୍ଟ ୨୮ ସକାଳେ ତମାଣ୍ଡୋ କାଶୀପୁରରେ ଏକ କଲରାପତିଆ ବାଘ ଛାଲ ବେପାର ଚାଲିଥିବା ସମ୍ପର୍କରେ ବନବିଭାଗ ଖବର ପାଇଥିଲା। ଏହାପରେ ଭୁବନେଶ୍ୱର ନଗର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ବନବିଭାଗର ଜଣେ କର୍ମଚାରୀ ଗ୍ରାହକ ବେଶ୍‌ରେ ସନ୍ଦିଗ୍ଧ ବିଭୂତି ଭୂଷଣଙ୍କୁ ଭେଟିଥିଲେ। ଏହାପରେ ବେପାରୀ ସାଜିଥିବା ବନ କର୍ମଚାରୀ ବାଘ ଛାଲ କଥା ପଚାରିବାରୁ ଅଭିଯୁକ୍ତ ବିଭୂତି ବସ୍ତାରେ ରଖିଥିବା ଛାଲକୁ ଦେଖାଇଥିଲେ। ଏହି ସମୟରେ ବନ ବିଭାଗର କର୍ମଚାରୀମାନେ ଘେରିଯାଇ ତାଙ୍କୁ କାବୁ କରିବା ସହ ଛାଲ ଜବତ କରିଥିଲେ। ଅଭିଯୁକ୍ତ ବିଭୂତିଙ୍କୁ ପଚରାଉଚରା ବେଳେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରି ସେମାନଙ୍କୁ ଗିରଫ କରାଯାଇଥିଲା।

# ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୧୯
(ଅନୁରାଧା ମହାରଣା)



ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୪ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ପରେ ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଅବପାତଟି ଛତିଶଗଡ଼ ମୁହାଁ ହେବା ନେଇ ମଧ୍ୟ ଆକଳନ କରାଯାଇଛି। ଏହା ପ୍ରଭାବରେ ୪ ତାରିଖରୁ ପୁଣି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଇତିମଧ୍ୟରେ ଅବପାତର ରୂପ ନେଇଛି। ଏଥିଯୋଗୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ଲାଗି ରହିଛି। ଅବପାତଟି କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମକୁ ମୁହାଁଇ ଉପକୂଳ ଅଞ୍ଚଳ ଓ ପରେ ଉତ୍ତର ଆନ୍ଧ୍ର ଓ ସଂଲଗ୍ନ ଦକ୍ଷିଣ ଓଡିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବ। ରବିବାର ସନ୍ଧ୍ୟାସୁଦ୍ଧା ଏହା ବିଶାଖାପାଟଣାରୁ ୯୦ କି.ମି. ଏବଂ ମାଲକାନଗିରିରୁ ୧୨୦ କି.ମି. ଦୂରରେ ରହିଥିବାବେଳେ ସୋମବାର ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ପରେ ଦୁର୍ବଳ ହୋଇ ୱେଲ୍‌ମାର୍କ ଲୋପ୍ରେସରରେ ପରିଣତ ହେବ। ତେବେ ଏହା ପ୍ରଭାବରେ ରବିବାର ଦକ୍ଷିଣ ଓଡିଶା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନାନୁସାରେ, ତାଳଚେରରେ ୨୦.୦ ମିମି, ଖୋର୍ଦ୍ଧା ଜିଲାରେ ୧୭.୦ ମିମି, ମାଲକାନଗିରିରେ ୧୧.୬ ମିମି ଓ ଯାଜପୁରରେ ୧୦.୦ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ୨ ଓ ୩ ତାରିଖରେ ବଡ଼ ବର୍ଷା ହେବନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଥିବା ବେଳେ ୪ ତାରିଖରୁ ବର୍ଷାର ପରିମାଣ ପୁଣିଥରେ ବଢ଼ିପାରେ ବୋଲି ସୂଚନା ଦିଆଯାଇଛି।

# କେନ୍ଦ୍ରାପଡ଼ା ପୁଅ ଅଷ୍ଟ୍ରେଲିଆରେ ସମ୍ମାନିତ

## ଭାରତ-ଅଷ୍ଟ୍ରେଲିଆ ସମ୍ପର୍କ ସୁଦୃଢ଼ କରୁଛି 'ଅସ୍ଇଣ୍ଡ ବ୍ରିଜ୍'



କେନ୍ଦ୍ରାପଡ଼ା,୧୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ପ୍ରଫେସର କମଳାକାନ୍ତ ଦାଶଙ୍କୁ ଅଷ୍ଟ୍ରେଲିଆର ମେଲବର୍ନସ୍ଥିତ ଭିକ୍ଟୋରିଆ ରାଜ୍ୟ ସଂସଦରେ ଶନିବାର ସମ୍ମାନିତ କରାଯାଇଛି। ସେ ହେଉଛନ୍ତି ଅନାମ ଚରଣ ଦାଶ ଓ ମନୋରମା ଦାଶଙ୍କ ଜ୍ୟେଷ୍ଠ ପୁତ୍ର। ପ୍ରଫେସର ଦାଶ ଭାରତ ଓ ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଦୀର୍ଘ ୪ବର୍ଷ ଧରି ଅଷ୍ଟ୍ରେଲିଆ ଅସ୍ଇଣ୍ଡ ବ୍ରିଜ୍ ଅନୁଷ୍ଠାନକୁ ପ୍ରତିଷ୍ଠା କରି ଦୃଢ଼ ନେତୃତ୍ୱ ବଳରେ ଭାରତ ଓ ଅଷ୍ଟ୍ରେଲିଆର ଯୁବ ସମାଜକୁ ସଂଯୋଗ କରାଇବାରେ ସମର୍ଥ ହୋଇଛନ୍ତି। ପ୍ରଫେସର ଦାଶଙ୍କୁ ସମ୍ମାନିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ସଂସଦ ପରିସରରେ ସାଂସଦ ଇୱାନ ୱାଲର୍ଟରସ ପ୍ରଫେସର ଦାଶଙ୍କୁ ସମ୍ମାନିତ କରିବା ସହ ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଆଗାମୀଦିନରେ ପ୍ରଫେସର ଦାଶଙ୍କ ଅବଦାନ ଉଭୟ ଦେଶର ଯୁବ ସମାଜ ପାଇଁ ଅନୁକରଣୀୟ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଦାଶ ଅଷ୍ଟ୍ରେଲିଆର ବିଦେଶ ନୀତିକୁ ସୁଦୃଢ଼ କରିବାକୁ ଏସିଆ ମହାଦେଶ ଓ ଭାରତୀୟ ଉପମହାଦେଶ ସହ କିଭଳି ସମ୍ପର୍କକୁ ସୁଦୃଢ଼ କରାଯିବ ସେ ନେଇ ଆଲୋକପାତ କରିଥିଲେ। ପ୍ରଫେସର ଦାଶ ଅଷ୍ଟ୍ରେଲିଆର ମୋନାସ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ଏବେ ରାଜସ୍ଥାନ ସରକାରଙ୍କ ପାଇଁ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଛନ୍ତି। ପ୍ରଫେସର ଦାଶଙ୍କୁ ଅଷ୍ଟ୍ରେଲିଆରେ ସମ୍ବର୍ଦ୍ଧିତ କରାଯାଇଥିବା ସମ୍ପର୍କରେ ଜଣାପଡ଼ିବା ପରେ ଜିଲାବାସୀ ଗର୍ବ ଅନୁଭବ କରିବା ସହ ଭୂୟସୀ ପ୍ରଶଂସା କରିଛନ୍ତି।

# ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

## ନଦୀବନ୍ଧରୁ ମିଳିଲା ମୃତଦେହ

ଯାଜପୁର,୧୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ କୟାଁ ପଞ୍ଚାୟତ ଗୁଣ୍ଡୁଣିପଡ଼ା ଗ୍ରାମର ଚାଷୀ କୁଶାସନ ଦାଶ(୪୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ରବିବାର ସକାଳେ ବୈତରଣୀ ନଦୀବନ୍ଧର କାଶିଆପାଳ ନିକଟରୁ ମିଳିଛି। କୁଶାସନ ଶନିବାର ତାଙ୍କ ଚାଷଜମିକୁ ରୁଆ ପୋତା କାମରେ ଯାଇଥିଲେ। କିନ୍ତୁ ସେଦିନ ସନ୍ଧ୍ୟାରେ ସେ ଆଉ ଘରକୁ ଫେରି ନ ଥିଲେ। ରାତିରେ ସ୍ୱାମୀ ଘରକୁ ନ ଆସିଥିବାରୁ ସ୍ତ୍ରୀ ମାମି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ମାତ୍ର ରବିବାର ସକାଳେ ନଦୀବନ୍ଧକୁ ଗାଈ ଚରାଇବାକୁ ଯାଇଥିବା ଜଣେ ଗ୍ରାମବାସୀ କୁଶାସନ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ମଙ୍ଗଳପୁର ଥାନା ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ତଦନ୍ତ କରିଛି। ଏକ ଅପମୃତ୍ୟୁ ମାମଲା ନଂ ୨୧/୨୦୨୪ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ମଙ୍ଗଳପୁର ଥାନାଧିକାରିଣୀ କହିଛନ୍ତି। ମୃତ୍ୟୁର କାରଣ ଏଯାଏ ଅସ୍ପଷ୍ଟ ରହିଛି। କୁଶାସନଙ୍କ ୨ ଜଣ ଝିଅ ଥିବାବେଳେ ବର୍ତ୍ତମାନ ତାଙ୍କ ସ୍ତ୍ରୀ ମାମି ଦାସ ଗର୍ଭବତୀ ଥିବା ଜଣାଯାଇଛି। କୁଶାସନଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ** “ ଦେଶର ସଂଖ୍ୟାଲଘୁ ବିଶେଷ କରି ମୁସଲମାନଙ୍କ ଉପରେ କ୍ରମାଗତ ଆକ୍ରମଣ ହେଉଥିବାବେଳେ ଭାଜପା ସରକାର ନୀରବ ଦର୍ଶକ ସାଜିଛି । ଏଭଳି ଘଟଣାରେ ସମ୍ପୃକ୍ତ ଅରାଜକତାବାଦୀ ତତ୍ତ୍ୱଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । **–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଯୁଗ ଜ୍ୟୋତି ଯୁବକ ସଙ୍ଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିଜୁଆ, ଡୁନ୍ ସ୍କୁଲ ପାଖ, ସମୟ: ପୂର୍ବାହ୍ନ ୧୧ଟା ।
- ୯୧ତମ ପଦ୍ମଶ୍ରୀ ରଜତ କୁମାର କର ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ନୃତ୍ୟାଞ୍ଜଳିର ୧୯ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ଦେବଦାସୀ', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ମହମ୍ମଦ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଅମାବାସ୍ୟା ବିହିତ ପୂଜା, ସ୍ଥାନ: ସୁନ୍ଦରାପାଳ, ହାଟଡିହୀ, ସମୟ: ସକାଳ ୬ ଟା ।
- ମା' ବିଶ୍ୱ ତାରିଣୀ ମନ୍ଦିରରେ ଅମାବାସ୍ୟା ଉପଲକ୍ଷେ ପୂଜାର୍ଚ୍ଚନା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦୀ, ହାଟଡିହୀ, ସମୟ : ସକାଳ ଏବଂ ସନ୍ଧ୍ୟା ୭ ଟା ।
- ନବଗ୍ରହ ମନ୍ଦିରରେ କେତୁ ଗ୍ରହ ଜୟନ୍ତୀ ପାଳିତ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ : ସକାଳ ୮ ଟା ।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ସାରସକଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ନିୟୁ ରାଜସ୍ଥାନୀ କଟନ ଫେବ୍ ପ୍ରଦର୍ଶନୀ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର କମିଟି, କରଞ୍ଜିଆ, ସମୟ: ଅପରାହ୍ନ ୨ଟା ।
- ସାଧାରଣ ସଭା ଓ ପୁରସ୍କାର ବିତରଣ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦ ।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ–ଓଡାପଡା ବ୍ଲକ କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା ।

## ଜଗତସିଂହପୁର
- ରାଜ୍ୟ ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀଙ୍କ ସହ ଆଲୋଚନା, ସ୍ଥାନ: ଜିରୋ ପଏଣ୍ଟ, ଦୋଛକି, ପାରାଦୀପ, ସମୟ: ସକାଳ ୮ଟା ।

## କେନ୍ଦ୍ରାପଡ଼ା
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ମ୍ୟୁନିସିପାଲିଟି ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସଚେତନତା ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ଯାତ୍ରୀନିବାସ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା ।
- ଧର୍ମଶାଳା ବିଡିଓଙ୍କ ମିଳିତ ଅଭିଯୋଗ ଶୁଣାଣି,ସ୍ଥାନ: ଅଭୟପୁର ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ସପ୍ତପୁରୀ ଅମାବାସ୍ୟା ପର୍ବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ସାଢ଼େ ୭ଟା ।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା
- ପିଏମ୍ ଜନମନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ରଡାଙ୍ଗ ଗ୍ରାମ, ବିଷମକଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଭଦ୍ରା ଯୋଜନାର ବ୍ଲକ୍‌ସ୍ତରୀୟ ଯାଞ୍ଚ କମିଟି ଗଠନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ଦଶମନ୍ତପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ : ପୂର୍ବାହ୍ନ ୧୦ଟା ।
- ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ ଟା ।
- ଧାମନାହାଣ୍ଡିରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ଧାମନାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, କୋଟପାଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ନାଲ୍‌କୋ କୃଷକ ବଜାର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ– ଦାମନଯୋଡି ଆଦର୍ଶ ଥାନା ସମ୍ମୁଖ, ସମୟ: ଅପରାହ୍ନ ୪ଟା ।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ , ସମୟ : ସକାଳ ୭ଟା ।
- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ୭ଟା ।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ, ସ୍ଥାନ : ଧନକୁଡା ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁର ଧନୁଯାତ୍ରାର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଆଗଲପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ଦେଓଗାଁ ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଧଣ୍ଡାମାଲ ଗ୍ରାମ ପଞ୍ଚାୟତ, ଧଣ୍ଡାମାଲ , ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ପୁଇଁତଲା ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁରୁଲ ଗ୍ରାମପଞ୍ଚାୟତ, କୁରୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ବଲାଙ୍ଗୀର ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଝାଙ୍କରପାଲି ଗ୍ରାମ ପଞ୍ଚାୟତ, ଝାଙ୍କରପାଲି, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ସପ୍ତପୁରୀ ଅମାବାସ୍ୟା ପାଳନ ସ୍ଥାନ: ଅମୂଲ୍ୟମଣୀ ରାଣୀପୁର,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ଟା ।
- ପୁରାଉଁଆସ ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ:ଅପରାହ୍ନ ୪ଟା ।
- ଲଙ୍କାପୋଡ଼ିରେ ନଗର ପରିକ୍ରମା, ସ୍ଥାନ: ସୁବଳୟା, ବୀରମହାରାଜପୁର , ସମୟ: ସନ୍ଧ୍ୟା ୬ଟା ।
- ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଲଙ୍କାପୋଡି ମହୋତ୍ସବ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ।

## ବରଗଡ଼
- ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଭେଡେନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।

## ସୁନ୍ଦରଗଡ଼
- ଜିଲାପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ସୁନ୍ଦରଗଡ଼ ସଦ୍‌ଭାବନା ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- କବି ବିନୋଦ ଚନ୍ଦ୍ର ନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ,ସ୍ଥାନ: ସଂସ୍କୃତି ଭବନ, ସମୟ:ସନ୍ଧ୍ୟା ୬ଟା ।

## ରାଉରକେଲା
- ଅପରାଧ ନିରୋଧ ଅଭିଯାନ, ସ୍ଥାନ: ରାଉରକେଲା ଷ୍ଟେଶନ ରୋଡ୍, ସମୟ: ସକାଳ ୭ଟା ।
- ଡିପିଏସ୍‌ର ବାର୍ଷିକ ପ୍ରତିଯୋଗିତା, ସ୍ଥାନ: ଡିପିଏସ୍ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ୱେଷାର ବାର୍ଷିକୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସି ବ୍ଲକ, ଜଗଦା, ସମୟ: ପୂର୍ବାହ୍ନ ୧୧ଟା ।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କବିତା ପଠନୋତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦ ।

## ଦେବଗଡ଼
- ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: ଜାମୁନାଳୀ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ମଠ ସାହି ଦୁର୍ଗା ପୂଜା କମିଟି ବୈଠକ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୮ଟା ।

## କଳାହାଣ୍ଡି
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀମଦଭଗବତ ସାପ୍ତାହିକ କଥା, ସ୍ଥାନ: କେସିଙ୍ଗା ସହରସ୍ଥିତ ଆମ୍ବାଜି ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ ଟା ।
- ପ୍ରଥମ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ କ୍ଲବ, ସମୟ: ଅପରାହ୍ନ ୪ଟା ।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭା ଗୃହ, ନୂଆପଡା, ସମୟ: ପୂର୍ବାହ୍ନ ୧୦ ଟା ।
- ୧୬ତମ ଇଣ୍ଡିପେଣ୍ଡେନ କପ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ ଟା ।
- ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ପୁରା ଉଆଁସ ପାଳିତ, ସ୍ଥାନ: ରାଜା ଏଟି ହାଇସ୍କୁଲ ପଡିଆ, ଅପରାହ୍ନ ୪ଟା ।

## ବୌଦ୍ଧ
- ହରଭଙ୍ଗା ବ୍ଲକରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା ।



ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ ଅବସରରେ ପୂର୍ବତନ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ ।

# 'ସୁଭଦ୍ରା' ଯୋଜନା ଲାଗି ଆରମ୍ଭ ହେଲା ଆବେଦନ

ଭୁବନେଶ୍ୱର, ୧।୯ (ସୁନିତ୍ ମିଶ୍ର)

'ସୁଭଦ୍ରା' ଯୋଜନା ପାଇଁ ରବିବାରଠାରୁ ଆବେଦନ ଆରମ୍ଭ ହୋଇଛି । ସେଥିପାଇଁ ଅଙ୍ଗନୱାଡି କେନ୍ଦ୍ରରେ ଲମ୍ବା ଲାଇନ ଦେଖିବାକୁ ମିଳିଛି । ସେହିପରି ବ୍ଲକ୍ ଅଫିସ୍, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ମଧ୍ୟ ଆବେଦନକାରୀଙ୍କ ଭିଡ଼ ଦେଖିବାକୁ ମିଳିଛି । ଏମିତି କି ଗାଁରେ ଘର ଘର ବୁଲି ଅଙ୍ଗନୱାଡି ଦିଦିମାନେ ଫର୍ମ ବାଣ୍ଟୁଛନ୍ତି । ଏହା ସହିତ ଫର୍ମ କେମିତି ପୂରଣ କରାଯିବ, ଆଉ କେଉଁସବୁ ପ୍ରମାଣପତ୍ର ଦେଇ ଆବେଦନ କରିବେ ସେନେଇ ମଧ୍ୟ ସଚେତନ କରୁଛନ୍ତି । ଫର୍ମ ପୂରଣ ଲାଗି ପ୍ରଥମେ ଆଧାର କାର୍ଡରେ ଥିବା ନାମ ଲେଖି, ଆଧାର ନମ୍ବର ଲେଖିବାକୁ ପଡ଼ିବ । ଏହାପରେ ସ୍ୱାମୀ କିମ୍ବା ବାପାଙ୍କ ନାମ





ଲେଖିପାରିବେ । ଜନ୍ମ ତାରିଖ ସ୍ଥାନରେ ଆଧାର କାର୍ଡରେ ଥିବା ତାରିଖ ଦେବାକୁ ପଡ଼ିବ । ଜୁଲାଇ ୧ ସୁଦ୍ଧା ଆବେଦନକାରୀଙ୍କୁ ଅତିକମ୍‌ରେ ୨୧ ବର୍ଷ ହେଉଥିବା ଦରକାର । ଏହାପରେ ଜାତି ସମ୍ପର୍କରେ ଥିବା ବକ୍ସରେ ଟିକ୍ ମାରିବାକୁ ହେବ । ମୋବାଇଲ ନମ୍ବର ବକ୍ସରେ ଆଧାର କାର୍ଡ ଲିଙ୍କ୍ ହୋଇଥିବା ନମ୍ବର ଦେବାକୁ ହେବ । ବିକଳ୍ପ ଭାବେ ଅନ୍ୟ ନମ୍ବର ମଧ୍ୟ ଦେଇହେବ । ଏହାପରେ ଠିକଣା ଲେଖି, ଆଧାର ଲିଙ୍କ୍ ଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବାକୁ ପଡ଼ିବ । ଏହା ପର ପୃଷ୍ଠାରେ ଥିବା ଯୋଗ୍ୟତା ମାନଦଣ୍ଡ ଆଧାରିତ ଏକ ଘୋଷଣା ପତ୍ରକୁ ନିଜେ ଆବେଦନକାରୀ ଦସ୍ତଖତ କରି ଆବେଦନ କରିବେ । ଫର୍ମ ଫିଲ୍‌ଅପ୍ ପରେ ଏହା ସହ ନିଜର ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଓ ରାଶନ କାର୍ଡର ଫଟୋକପି ଦେଇ ଅନ୍‌ଲାଇନରେ ସୁଭଦ୍ରା ପୋର୍ଟାଲରେ ଆବେଦନ କରାଯିବ । ଏହାପରେ ଆବେଦନ ଗ୍ରହଣ ପତ୍ର ଆଣିବାକୁ ଯେମିତ ନ ଭୁଲନ୍ତି, ଯେଉଁଥିରେ ଆପଣଙ୍କ ଆବେଦନ ପତ୍ରର ନମ୍ବର ରହିଥିବ । ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୭ ତାରିଖରେ ଯୋଜନାର ଶୁଭାରମ୍ଭ ଦିନ କାର୍ଡ ସହ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିବ । ଏହା ପୂର୍ବରୁ ଆବେଦନ ପରେ ଇ–କେୱାଇସି ଯାଞ୍ଚ କରି ହିତାଧିକାରୀ ତାଲିକା ଚୂଡାନ୍ତ ହେବ ।

## ପ୍ରଥମ ପୃଷ୍ଠାରୁ...

### ଚିକିଟି ମଦମୃତ୍ୟୁ: ଆଉ ...

ପ୍ରଥମ ପୃଷ୍ଠାରୁ...

୧୦ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୨୦ ତାରିଖରେ ଜେନାପୁରର ଜ୍ଞୁର ବେହେରା, ୨୧ ତାରିଖରେ ଲୋକନାଥ ବେହେରା, ଗତ ଶୁକ୍ରବାର ରାତିରେ ଜେନାପୁରର ଲକ୍ଷ୍ମଣ ବେହେରା ଓ ରବିବାର ବାୟାଙ୍କ ମୃତ୍ୟୁ ହୋଇଛି । ବିଷାକ୍ତ ମଦ ଯୋଗୁ ଜଣକ ପରେ ଜଣଙ୍କର ମୃତ୍ୟୁ ହେଉଥିଲେ ମଧ୍ୟ ଅଞ୍ଚଳରେ ଚୋରା ମଦ ବିକ୍ରି ବନ୍ଦ ହେବାର ନାଁ ଧରୁନି । ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତ ନନ୍ଦିଗାଁର ଜଣେ ଯୁବକ ଦିଗପହଣ୍ଡିରୁ ମଦ ଆଣୁଥିବାବେଳେ ରବିବାର ଅବକାରୀ ଗୋଇନ୍ଦା କର୍ମଚାରୀଙ୍କ ହାବୁଡରେ ଧରାପଡିଛନ୍ତି । ଅନ୍ୟପକ୍ଷରେ ଚିକିଟି ମଦମୃତ୍ୟୁ ଘଟଣାରେ ବର୍ତ୍ତମାନ ସୁଦ୍ଧା କେ. ନୂଆଗାଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଚଢ଼ାଉ କରାଯାଇ ୧୬ ଜଣଙ୍କୁ ଗିରଫ କରାଯାଇଛି ।

### ଚିଦ୍ଦିମା ଅଦେଶ୍ଟିନା ....

ସେ ଦକ୍ଷିଣ ଆଫ୍ରିକାର ମୂଳ ନିବାସୀ ହୋଇ ନ ଥିବା ଦର୍ଶାଇ କେତେକ ଦକ୍ଷିଣ ଆଫ୍ରିକୀୟ ସଙ୍ଗଠନ ଓ ରାଜନେତାଙ୍କ ପକ୍ଷରୁ 'ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକା' ପ୍ରତିଯୋଗିତାରେ ଚିଦ୍ଦିମାଙ୍କ ଅଂଶଗ୍ରହଣକୁ ବିରୋଧ କରାଯାଇଥିଲା । ତାଙ୍କର ନାଗରିକତ୍ୱକୁ ନେଇ ବିବାଦ ଉଠିବା ପରେ ଦେଶର ଗୃହ ବିଭାଗ ଏନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ । ବିବାଦ ବଢ଼ିବାରୁ ଚିଦ୍ଦିମା ଉକ୍ତ ପ୍ରତିଯୋଗିତାରୁ ଓହରିବାକୁ ବାଧ୍ୟ ହୋଇଥିଲେ । ଏନେଇ ଏକ ସାକ୍ଷାତ୍‌କାରରେ ଚିଦ୍ଦିମା କହିଛନ୍ତି, ତାଙ୍କର ଦକ୍ଷିଣ ଆଫ୍ରିକୀୟ ନାଗରିକତ୍ୱ ରହିଛି । ସେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ନିକଟସ୍ଥ ସୋୱେଟୋ ସହରରେ ଜନ୍ମ ହୋଇଥିବାବେଳେ କେପଟାଉନରେ ବଢ଼ିଥିଲେ । ପିଲାବେଳୁ ହିଁ ସେ ଦକ୍ଷିଣ ଆଫ୍ରିକାରେ ରହୁଛନ୍ତି । ତେବେ 'ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକା ୨୦୨୪' ପ୍ରତିଯୋଗିତାରେ ତାଙ୍କୁ ନେଇ ବିବାଦ ବଢ଼ିବାରୁ ସେ ନିଜ ଓ ନିଜ ପରିବାରର ସୁରକ୍ଷା ପାଇଁ ଉକ୍ତ ପ୍ରତିଯୋଗିତାରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଦକ୍ଷିଣ ଆଫ୍ରିକାରେ ତାଙ୍କୁ ନେଇ ବହୁ ଆଲୋଚନା ଓ ବିବାଦ ଚାଲିଥିବା ବେଳେ ମିସ୍ ୟୁନିଭର୍ସ ନାଇଜେରିଆରେ ଅଂଶଗ୍ରହଣ କରିବାକୁ ଏହାର ଆୟୋଜକଙ୍କଠାରୁ ଆମନ୍ତ୍ରଣ ମିଳିଥିଲା ବୋଲି ଏହି ଦକ୍ଷିଣ ଆଫ୍ରିକୀୟ ମଡେଲ କହିଛନ୍ତି । ଆସନ୍ତା ନଭେମ୍ବର ୧୬ରୁ ମେକ୍ସିକୋର ରାଜଧାନୀ ମେକ୍ସିକୋ ସିଟିରେ ଆରମ୍ଭ ହେବାକୁ ଥିବା 'ମିସ୍ ୟୁନିଭର୍ସ ୨୦୨୪' ପ୍ରତିଯୋଗିତାରେ ସେ ନାଇଜେରିଆର ପ୍ରତିନିଧିତ୍ୱ କରିବେ । ସୂଚନାଯୋଗ୍ୟ, ଦକ୍ଷିଣ ଆଫ୍ରିକାରେ ନାଇଜେରିଆର ଲୋକଙ୍କ ପାଇଁ ଜେନୋଫୋବିଆ ଚିନ୍ତାଧାରା ରହି ଆସିଛି । ଏଠାରେ ଅନେକ ସମୟରେ ନାଇଜେରୀୟ ବ୍ୟବସାୟୀଙ୍କ ବିରୋଧରେ ହିଂସା ଓ ଆକ୍ରମଣ ହୋଇଥିବାର ମାମଲା ସାମ୍ନାକୁ ଆସିଛି ।

### ପଶ୍ଚିମବଙ୍ଗରେ ପୁଣି ...

ଅଭିଯୋଗ ହୋଇଛି । ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀ ଜଣଙ୍କୁ ନର୍ସ ସାଲାଇନ୍ ଲଗାଉଥିଲେ । ଏହି ସମୟରେ ରୋଗୀ ଜଣଙ୍କ ନର୍ସଙ୍କ ଗୁପ୍ତାଙ୍ଗକୁ ସ୍ପର୍ଶ କରିଥିଲେ । ଏଥିସହିତ ସେ ନର୍ସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି । ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେବା ସହ ପୋଲିସକୁ ଜଣାଇ ଦିଆଯାଇଥିଲା । ପୋଲିସ ଅଭିଯୁକ୍ତ ରୋଗୀଙ୍କୁ ଗିରଫ କରିଛି ।

ସେହିପରି ହାଓଡ଼ା ସଦର ହସ୍ପିଟାଲ ପରିସରରେ ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଠିକା ଲାବରେଟୋରି ଟେକ୍‌ନିସିଆନ୍ ଗିରଫ ହୋଇଛନ୍ତି । ନିମୋନିଆରେ ପୀଡ଼ିତା ନାବାଳିକା ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଶନିବାର ରାତିରେ ତାଙ୍କୁ ସିଟି ସ୍କାନ୍ ପାଇଁ ନିଆଯାଇଥିଲା । ସ୍କାନର ରୁମ୍‌ରେ ଲାବରେଟୋରି ଟେକ୍‌ନିସିଆନ୍ ଅମନ ରାଜ୍ ତାଙ୍କୁ ଅସଦାଚରଣ କରିଥିଲେ । ନାବାଳିକା ଜଣକ ସ୍କାନର ରୁମ୍‌ରୁ ପଳାଇଆସି ଅନ୍ୟ ଜଣେ ରୋଗୀ ସମ୍ପର୍କୀୟଙ୍କ ସହାୟତା ଲୋଡ଼ିଥିଲେ । ଏହି ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକେ ଓ ପୀଡ଼ିତାଙ୍କ ସମ୍ପର୍କୀୟ ହସ୍ପିଟାଲ ପରିସରରେ ବିକ୍ଷୋଭ କରିବା ସହ ଅଭିଯୁକ୍ତଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ପୋଲିସ ତାଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରି ଗିରଫ କରିଛି ।

ସୂଚନାଯୋଗ୍ୟ, ଗତ ମାସ ୯ ତାରିଖରେ ଆର୍.ଜି. କର ହସ୍ପିଟାଲର ସେମିନାର ହଲ୍‌ରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜୋର୍ ଧରିଥିଲା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅବହେଳା ପାଇଁ ବିରୋଧୀ ଭାଜପା ତାଙ୍କୁ ସମାଲୋଚନା କରିଥିଲା । ଘଟଣା ସହ ଜଡ଼ିତ ଥିବା ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ଏବଂ ଅନ୍ୟମାନଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗକୁ ନେଇ ଉତ୍ତେଜନା ବଢ଼ିଥିଲା । ଘଟଣାକୁ ୨୦ ଦିନରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ମୃତା ଡାକ୍ତରଙ୍କୁ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ଆନ୍ଦୋଳନ ଜାରି ରଖିଛନ୍ତି । ରବିବାର ଚଳଚ୍ଚିତ୍ର ନିର୍ଦ୍ଦେଶିକା ଅପର୍ଣ୍ଣା ସେନ୍‌ଙ୍କ ସମେତ ବେଙ୍ଗଲୀ ଫିଲ୍ମ ଇଣ୍ଡଷ୍ଟ୍ରିଜ୍‌ର ବହୁ ଖ୍ୟାତନାମା ବ୍ୟକ୍ତିତ୍ୱ ଆନ୍ଦୋଳନରେ ସାମିଲ ହୋଇ ଆର୍.ଜି. କର ହସ୍ପିଟାଲର ଟ୍ରେନି ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବି କରିଛନ୍ତି । ସେମାନେ ଏକ ବିଶାଳ ରାଲି ବାହାର କରିଥିଲେ । ସେହିପରି କୋଲକାତାରେ ଅନ୍ୟ ୨ଟି ରାଲି ମଧ୍ୟ ରବିବାର ଆୟୋଜିତ ହୋଇଥିଲା । ଗୋଟିଏ ରାମକ୍ରିଷ୍ଣ ମିଶନ ପରିଚାଳିତ ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ରୀଛାତ୍ର କରିଥିବାବେଳେ ଅନ୍ୟଟିରେ କନ୍‌ଭେଣ୍ଟ ସ୍କୁଲ୍‌ର ବର୍ତ୍ତମାନର ଓ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

### ଡେରାବିଶରେ ବାର୍ଡ ...

ସ୍ଥାନୀୟ ତିଲଙ୍ଗ ଛକରେ ଜଣେ ବ୍ୟବସାୟୀ ମାଇକ୍ ଯୋଗେ କୁକୁଡ଼ା ଗୋଟି ୩୦ ଟଙ୍କା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ବାର୍ଡ଼ ଫ୍ଲୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ଆଇନଜୀବୀ ବିଦୁ ଭୂଷଣ ମହାପାତ୍ର ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

### ଗ୍ରହ ଶାନ୍ତି ନାଁରେ ...

ରାଜପଥ ପାର୍ଶ୍ୱ ଶହୀଦନଗରସ୍ଥିତ ଉକ୍ତ ଷ୍ଟୋର୍‌ରେ ଚଢ଼ାଉ କରିଥିଲା । ଅପରାହ୍ନରୁ ରାତି ୯ଟ୍ରା ୩୦ରେ ଯାଏ ୯ ଘଣ୍ଟା ଧରି ଟିମ୍ ଯାଞ୍ଚ ଜାରି ରଖିଥିଲା । ପରେ ଏହି ମାମଲାରେ ଡିଆର୍‌ଆଇ କେତେଜଣ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିବା ସହ ବହୁ ତଥ୍ୟ ହାସଲ କରିଥିଲା । ଅନ୍ୟପକ୍ଷରେ ଏହି ଚଢ଼ାଉ ଓ ଜବତ ଘଟଣାକୁ ନେଇ ଷ୍ଟୋର ପକ୍ଷରୁ ସଫେଇ ଦିଆଯାଇଛି । ଜୁଲୋଜିକାଲ୍ ଯାଞ୍ଚ ପରେ ଏହାର ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଷ୍ଟୋର କର୍ତ୍ତୃପକ୍ଷ କହିଛନ୍ତି ।

ତେବେ ଭୁବନେଶ୍ୱରର ଏକ ଷ୍ଟୋରରୁ ବହୁ ବଣ୍ୟପ୍ରାଣୀ ଅଙ୍ଗ ମିଳିବା ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି । ବନ୍ୟପ୍ରାଣୀ ଚୋରାଚାଲାଣ ରୋକିବାକୁ ଏସ୍‌ଟିଏଫ୍ ସ୍ପେଶାଲ ଡ୍ରାଇଭ୍ ଚଳାଇଥିବା ବେଳେ ବନବିଭାଗ ଏହା ଉପରେ ବେଶି ଗୁରୁତ୍ୱ ଦେଉଥିବା କହୁଛି । ହେଲେ ଭୁବନେଶ୍ୱରରୁ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ର୍ୟାକେଟ ପଦାକୁ ଆସିବା ପରେ ଏସ୍‌ଟିଏଫ୍ ଓ ବନବିଭାଗ କ'ଣ କରୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ଟଙ୍କା ପଇସା, ଯାତ୍ରା, ବାଣିଜ୍ୟ, ବ୍ୟବସାୟ,ପ୍ରତିଯୋଗିତା ପାଇଁ ଚିନ୍ତା କରିବେ । ଶେଷ ପର୍ଯ୍ୟାୟକୁ ଯାଇଥିବା କୌଣସି ନିଷ୍ପତ୍ତି ଆତ୍ମୀୟସ୍ୱଜନଙ୍କ ବିରୁଦ୍ଧାଚରଣ ଯୋଗୁ ବଦଳିଯିବାର ସୂଚନା ରହିଛି । ଶାରୀରିକ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ । ବନ୍ଧୁଙ୍କ ସହିତ ଆଲୋଚନା ପରିସରରେ ଫଳପ୍ରଦ ଆଲୋଚନା କରିପାରନ୍ତି ।

**ବୃଷ** ବନ୍ଧୁଙ୍କ ସହ ତର୍କବିତର୍କ ଉପରାନ୍ତେ ଅବଶ୍ୟ ଆଶା କରିଥିବା ଅର୍ଥ ପାଇପାରିବେ । କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । କୃତ୍ତିକା ନକ୍ଷତ୍ରର ଗୃହ ସମସ୍ୟା ମନରେ ଭାବାନ୍ତର ସୃଷ୍ଟି କରିବ । ମାତ୍ର ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ ।

**ମିଥୁନ** ବନ୍ଧୁଙ୍କ ମାଧ୍ୟମରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ସାମାଜିକ ସ୍ତରରେ ସୁନାମ ଅର୍ଜନ କରିବେ । ପୁନର୍ବସୁ ନକ୍ଷତ୍ର ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ପାରିବାରିକ ଅଶାନ୍ତିର ମୂଳକାରଣ ଜାଣିଥିଲେ ମଧ୍ୟ ଚୁପ୍ ରହିବାକୁ ବାଧ୍ୟ ହୋଇପାରନ୍ତି ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ରର ପାରିବାରିକ ସମ୍ପର୍କରେ ଭୁଲ୍ ବୁଝାମଣା ସହ ସାମାଜିକ ସ୍ତରରେ ସମର୍ଥନ ହ୍ରାସ ଘଟିବ । କାମ ଚାପରେ ମନ ଭଲ ରହିବ ନାହିଁ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକଙ୍କ ଉପରେ ସନ୍ଦେହ କରିପାରନ୍ତି । ଋଣ ସୂତ୍ରରେ ଅର୍ଥଲାଭ କରିବେ, ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ ।

**ସିଂହ** ମଘା ନକ୍ଷତ୍ର ବୃଥା ଆଶଙ୍କା, ବାଧବାଧକତାର ଯାତ୍ରା, ଅନ୍ୟମାନଙ୍କ ସକାଶେ ଖର୍ଚ୍ଚାନ୍ତଜନିତ ମନସ୍ତାପ କରିପାରନ୍ତି । ସହକର୍ମୀଙ୍କ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ । କରଜଦାତାଙ୍କ ଚାପ ବୃଦ୍ଧି ପାଇବା ସହ ବାକ୍‌ବିତଣ୍ଡାର ସମ୍ମୁଖୀନ ହେବାକୁ ପଡିପାରେ । ବିଦେଶୀଙ୍କ ଘର କଥା ମନକୁ ବେଶି ଆନ୍ଦୋଳିତ କରିବ ।

**କନ୍ୟା** ଭଲ ସମ୍ପର୍କ ରହିଥିବା ସହକର୍ମୀଟି ଅର୍ଥ ସଙ୍କଟକୁ ଦୂରେଇବାରେ ସାହାଯ୍ୟ କରିବେ । କୌଣସି ବିଜାତୀୟ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ସାହାଯ୍ୟ ସମସ୍ୟା ବିଜଡିତ କାର୍ଯ୍ୟକୁ ସମାଧାନ କରିବାରେ ସହାୟକ ହେବ । ରାଜନୈତିକ କ୍ଷେତ୍ରରେ ଏବଂ ବାଣିଜ୍ୟ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ । ଅପରାହ୍ନରେ ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ ।

**ତୁଳା** ସକାଳୁ ସକାଳୁ ବନ୍ଧୁଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ । ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇପାରନ୍ତି । ସ୍ୱାତୀ ନକ୍ଷତ୍ର ଆଜିର ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ ।

**ବିଛା** ନିଜର କାର୍ଯ୍ୟଦକ୍ଷତା କାରଣରୁ ଉଚ୍ଚ ପଦାଧିକାରୀ ଆପଣଙ୍କ କାର୍ଯ୍ୟ ପରିସରକୁ ବୃଦ୍ଧି କରିପାରନ୍ତି । ଦେଖିଚାହିଁ କାମ କରନ୍ତୁ, ଅନ୍ୟଥା ଅସୁବିଧାରେ ପଡିପାରନ୍ତି । ଅନୁରାଧା ନକ୍ଷତ୍ର ବନ୍ଧୁଙ୍କ ସହ ଆଳାପରେ ବିଶେଷ ସମୟ କଟାଇବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ସୂଚନା ରହିଛି ।

**ଧନୁ** ଆଜି ମନୋରଞ୍ଜନର ଶେଷ ପର୍ଯ୍ୟାୟରେ ବନ୍ଧୁମିଳନରେ କଳହର ଆଶଙ୍କା ଦେଖାଦେଇପାରେ । ମାନସିକ ଅସୁସ୍ଥତାଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିବେ । ପାଖ ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତାର ଚିନ୍ତା ମନକୁ ଆନ୍ଦୋଳିତ କରିବ । ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ ପାଇଁ ଅସୁବିଧା ହେବନି ।

**ମକର** ଶ୍ରବଣା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ । କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ନିଜ ପରିସରରେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି ।

**କୁମ୍ଭ** ଶତଭିଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟାକୁ ସୁଧାରି ନେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ । ତଥାପି ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ ।

**ମୀନ** ଆଜି ଦିନଟିରେ ଏକାଧାରରେ ମାନସିକ ଓ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ । ଯାହା ଓ ଯେମିତି ଚିନ୍ତା କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ । ବନ୍ଧୁଙ୍କ ସହ ଆଲୋଚନା ପରିପ୍ରେକ୍ଷୀରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଉତ୍ତରଭାଦ୍ର ନକ୍ଷତ୍ରର ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ ।

ଆଜି ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ଭାଦ୍ରବ ମାସର ସପ୍ତପିତୃକା ଅମାବାସ୍ୟା ସୋମବାର, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ସପ୍ତପୁରୀ ଭୋଗ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର, ମଘା/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୫।୩୫ ଗତେ, ଘ. ୦୬।୦୭ ମଧ୍ୟେ, ଘ.୧୦।୩୧ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୬।୦୭ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ ।



ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ରବିବାର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଚିକିତ୍ସା ଅବହେଳାରୁ ଡେଙ୍ଗୁ ଆକ୍ରାନ୍ତଙ୍କ ମୃତ୍ୟୁ ଅଭିଯୋଗ

**ଜିଲା ମୁଖ୍ୟ ଚିକିତ୍ସାଳୟ**

**୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ**

କେନ୍ଦୁଝର,୧।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଜଣେ ଡେଙ୍ଗୁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ବଡ଼ବିଲ ଶ୍ରୀରାମ ନଗର, ୱାର୍ଡ ନଂ.୪ର ବିରି ବିଶ୍ୱକର୍ମା(୩୭)। ସେ ଜଣେ ଟ୍ରକ୍ ମାଲିକ ବୋଲି ଜଣାପଡ଼ିଛି। ସେ ଡେଙ୍ଗୁ ପଜିଟିଭ୍ ରିପୋର୍ଟ ନେଇ ଆସିଥିଲେ ମଧ୍ୟ ତାଙ୍କୁ ସାଧାରଣ ୱାର୍ଡରେ ରଖି ଚିକିତ୍ସା କରାଯାଉଥିଲା। ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ଓ ଦୋଷ ଲୁଚାଇବାକୁ ମୃତ୍ୟୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବିରି ଡେଙ୍ଗୁରେ ଆକ୍ରାନ୍ତ ହୋଇ ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ଗତ ଅଗଷ୍ଟ ୨୯ରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ପ୍ରଥମେ ଜେନାରାଲ ୱାର୍ଡରେ ରଖି ଚିକିତ୍ସା ଆରମ୍ଭ କରାଯାଇଥିଲା। ଶନିବାର ତାଙ୍କୁ ଡେଙ୍ଗୁ ୱାର୍ଡକୁ ନିଆଯାଇଥିଲା। ବିଳମ୍ବିତ ରାତିରେ ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ। ରବିବାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଆମ୍ବୁଲାନ୍ସରେ ନେବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ ହେବାରୁ ଡ୍ରାଇଭର ଡାକ୍ତରଙ୍କୁ ଯାଞ୍ଚ କରିବାକୁ କହିଥିଲେ। ଯାଞ୍ଚରେ ସେ ମୃତ ବୋଲି ଜଣାପଡ଼ିଥିଲା। ତେବେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲେ ହେଁ ଆଇସିୟୁ ବ୍ୟବସ୍ଥା କରାଯାଇ ନ ଥିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏପରିକି ଡେଙ୍ଗୁ ପଜିଟିଭ୍ ଥିଲେ ହେଁ ଜେନାରାଲ ୱାର୍ଡରେ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସେ ନିଜ ସ୍ତ୍ରୀ ସହ ମେଡିକାଲ ଆସିଥିଲେ, ଘରେ ତାଙ୍କର ୨ଟି ଛୋଟ ପୁଅ ଝିଅ ଅଛନ୍ତି। ମୃତଦେହ ବ୍ୟବଚ୍ଛେଦ ନ କରି ଘରକୁ ପଠାଇ ଦିଆଯାଇଥିଲା। ଡାକ୍ତରଖାନା କର୍ମଚାରୀ ଭୟରେ ମୃତଦେହ ଉଠାଇ ନ ଥିଲେ। ଶେଷରେ ରୋଗୀଙ୍କ ସମ୍ପର୍କୀୟମାନେ ମହାପ୍ରୟାଣ ଗାଡ଼ିରେ ମୃତଦେହ ଲଦିଥିଲେ। ମୃତକ ଜଣେ ଟ୍ରକ୍ ମାଲିକ ହୋଇଥିଲେ ବି କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ଗାଡ଼ିରେ ମୃତଦେହ ନେବାକୁ ତେଲ ଖର୍ଚ୍ଚ ଦାବି କରିବାରୁ କିଛି ସମୟ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ଗାଡ଼ିରୁ ମୃତଦେହ ଓହ୍ଲାଇବା ପରିସ୍ଥିତି ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ମୃତ୍ୟୁବରଣ କରିଥିବା ରୋଗୀ ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ରରୁ ରେଫର ହୋଇ ଆସିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ କଟକ ରେଫର ସମୟରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ। ଅନ୍ୟ ଅଭିଯୋଗଗୁଡ଼ିକ ମଧ୍ୟ ସିଡିଏମ୍‌ଓ ଖଣ୍ଡନ କରିଛନ୍ତି। ଡେଙ୍ଗୁ ଜନିତ ମୃତ୍ୟୁ କି ନୁହେଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିବ। କେନ୍ଦୁଝରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨ ଦିନ ତଳେ ମିଳିଥିବା ସୂଚନା ଅନୁଯାୟୀ, ୫୨ ରହିଛି। ଚିକିତ୍ସା ପାଇଁ ସବୁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ।

ପ୍ରକାଶଯୋଗ୍ୟ, ଖଣି ଅଞ୍ଚଳରେ ଏବେ ଡେଙ୍ଗୁ ବ୍ୟାପକ ହୋଇଛି। ବିଶେଷକରି ବଡ଼ବିଲ, ଚମ୍ପୁଆ ଅଞ୍ଚଳରୁ ଅନେକ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ଡେଙ୍ଗୁ ୱାର୍ଡରେ ରହି ଚିକିତ୍ସିତ ହେଉଛନ୍ତି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଡେଙ୍ଗୁ ୱାର୍ଡରେ ସବୁ ଶଯ୍ୟାରେ ରୋଗୀ ଅଛନ୍ତି। ତେଣୁ ସରକାରୀ ରିପୋର୍ଟରେ ୫୨ କୁହାଯାଉଥିଲେ ବି ସଂଖ୍ୟା ଅଧିକ ଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ଡେଙ୍ଗୁ ରୋଗୀ ବାହାରୁ ପଜିଟିଭ ରିପୋର୍ଟ ଧରି ଆସୁଥିଲେ ମଧ୍ୟ ଡାକ୍ତରଖାନାରେ ତୁରନ୍ତ ବେଡ୍ ମିଳୁନି। ରକ୍ତ ପରୀକ୍ଷା କରି ଏଲିସା ରିପୋର୍ଟ ବହୁ ବିଳମ୍ବରେ ମିଳୁଥିବା ଅଭିଯୋଗ ହେଉଛି।


ସମ୍ପର୍କୀୟ ଷ୍ଟ୍ରେଚରରେ ମୃତଦେହ ନେଉଛନ୍ତି।

# ଦ୍ୱାରଶୁଣୀ ଘାଟିରେ ଓଲଟିଲା ଆଇରନ ବୋଝେଇ ଟ୍ରକ୍

**ଚାଳକ ମୃତ, ହେଲ୍‌ପର ଗୁରୁତର**

ବାଙ୍ଗିରିପୋଷି,୧।୯
(ସଞ୍ଜୀୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ରବିବାର ଏକ ଆଇରନ୍ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲ୍‌ପର ଗୁରୁତର ହୋଇଥିବା ଜଣାପଡ଼ିଛି। ଉଭୟଙ୍କ ପରିଚୟ ମିଳିପାରିନାହିଁ।

ସୂଚନା ଅନୁଯାୟୀ, ଆଇରନ୍ ବୋଝେଇ ଟ୍ରକ୍ (ନଂ.ୟୁପି ୧୨ ଏଟି ୧୪୯୩)ଟି କୋଲକାତା ଅଭିମୁଖେ ଯାଉଥିଲା। ଦ୍ୱାରଶୁଣୀ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ସୁରକ୍ଷା ପାଚେରିରେ ବାଡ଼େଇ ହୋଇ ଓଲଟି ପଡ଼ିଥିଲା। ଫଳରେ ଉଭୟ ଚାଳକ ଓ ହେଲପର ଟ୍ରକ୍ ମଧ୍ୟରେ ଚାପିହୋଇ ରହିଯାଇଥିଲେ। ଖବରପାଇ ବାଙ୍ଗିରିପୋଷି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟର ମେଶିନ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ମଧ୍ୟରୁ ହେଲ୍‌ପରଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆଇରନ୍ ଭିତରେ ଚାପିହୋଇ ରହିଥିବା ଚାଳକଙ୍କୁ ଦୀର୍ଘ ସମୟ ପରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହି ଘାଟି ଜାମ୍ ହୋଇ ରହିଥିଲା। ଦୀର୍ଘ ସମୟ ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ରାସ୍ତାରେ ଓଲଟି ପଡ଼ିଥିବା ଆଇରନ ବୋଝେଇ ଟ୍ରକ୍।

# ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ପରଲୋକ

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଅଶ୍ୱିନୀ ଗୁରୁଙ୍କର ରବିବାର ହୃଦ୍‌ଘାତରେ ତାଙ୍କ ବ୍ରଜରାଜନଗର ହରିଓମ୍‌ବିହାରସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ୧୯୮୦ ମସିହାରେ ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ। ୨୦୧୮ ମସିହାରୁ ୨୦୨୨ ପର୍ଯ୍ୟନ୍ତ ସେ ସମ୍ବଲପୁର ଜିଲା କଂଗ୍ରେସର ସଭାପତି ଦାୟିତ୍ୱ ତୁଲାଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ଅଶ୍ୱିନୀ ଓଡ଼ିଶା ପ୍ରଦେଶ କଂଗ୍ରେସର ସଦସ୍ୟ ରହିଥିଲେ।

ସ୍ୱର୍ଗତ ଗୁରୁ ୧୯୫୪ ମସିହା ଏପ୍ରିଲ ୧ ତାରିଖରେ ସମ୍ବଲପୁର ଜିଲା ବୁର୍ଲାଠାରେ ଜନ୍ମଗ୍ରହଣ କରିଥିଲେ। ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ବିଜ୍ଞାନରେ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ସେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ଗୁରୁ ୧୯୭୫ ମସିହାରୁ ଜିଲା କଂଗ୍ରେସ ସହିତ ଜଡ଼ିତ ହୋଇ ଛାତ୍ର କଂଗ୍ରେସ(ଏନ୍‌ଏସ୍‌ୟୁଆଇ) ରାଜ୍ୟ ଶାଖା ସଭାପତି ହୋଇଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ସହିତ ଜଡ଼ିତ ଗୁରୁ ୧୯୮୦ ମସିହାରେ ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଧର୍ମପତ୍ନୀ ଜଣେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରି ନିକଟରେ ଅବସର ଗ୍ରହଣ କରିଛନ୍ତି। ଅଶ୍ୱିନୀ ଗୁରୁଙ୍କର ୨ ଝିଅ। ରାୟପୁରରେ ଚାକିରି କରୁଥିବା ବଡଝିଅ ଫେରିଲା ପରେ ସୋମବାର ବ୍ରଜରାଜନଗରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

ଅଶ୍ୱିନୀ ଗୁରୁଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସମ୍ବଲପୁର ଲୋକ ସଭା ସଦସ୍ୟ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ। ଜନପ୍ରତିନିଧିଭାବେ ସମ୍ବଲପୁର ପ୍ରତି ତାଙ୍କର ଅନେକ ଅବଦାନ ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅମରନାଥ ପ୍ରଧାନ, ବରିଷ୍ଠ ନେତା ସୁରେଶ୍ୱର ମିଶ୍ର, ଦୁର୍ଗା ପାଢୀ, ବିଜେଡି ନେତା ତଥା ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି ସ୍ୱର୍ଗତ ଗୁରୁଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।


ଅଶ୍ୱିନୀ ଗୁରୁ

# ଆନନ୍ଦ ବଜାରରେ ସ୍ୱତନ୍ତ୍ର ସୁରକ୍ଷାକର୍ମୀ

**ଶୃଙ୍ଖଳା ପାଇଁ ନିଯୁକ୍ତି ପାଇଲେ ୨୦ ଅବସରପ୍ରାପ୍ତ ଯବାନ**

■ **ଅଣସୂପକାର, ଦଲାଲଙ୍କ ଉପରେ ନଜର ରଖିବେ**

■ **ବାସି ଅବଢ଼ା, ଅନ୍ୟ ଖାଦ୍ୟ ପଦାର୍ଥ ବିକ୍ରିକୁ ରୋକିବେ**

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଏଣିକି ଶ୍ରୀମନ୍ଦିର ଆନନ୍ଦବଜାରରେ ଆସିବ ଶୃଙ୍ଖଳା। ଏଥିପାଇଁ ନିଯୁକ୍ତି ପାଇଛନ୍ତି ୨୦ଜଣ ସ୍ୱତନ୍ତ୍ର ସୁରକ୍ଷା କର୍ମୀ। ଏମାନେ ଆନନ୍ଦ ବଜାରରେ ଅଣସୂପକାର ଓ ଦଲାଲଙ୍କ ଉପରେ ନଜର ରଖିବା ସହ ବାସି ଅବଢ଼ା, ଅନ୍ୟ ଖାଦ୍ୟ ପଦାର୍ଥ ବିକ୍ରି ରୋକିବାକୁ ପଦକ୍ଷେପ ନେବେ। ସ୍ୱତନ୍ତ୍ର ସୁରକ୍ଷା କର୍ମୀ ଭାବେ ସେବାନିବୃତ୍ତ ୨୦ଜଣ ସେନା କର୍ମଚାରୀ ରବିବାରଠାରୁ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଆନନ୍ଦବଜାରରେ ଭକ୍ତଙ୍କୁ ସୁବିଧା ପ୍ରଦାନ ସହ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ନିମନ୍ତେ ବିଭିନ୍ନ ମହଲରେ ଅନେକ ଦିନ ହେବ ଦାବି ହୋଇଆସୁଥିଲା। ସେହିପରି ସୁପ୍ରିମକୋର୍ଟଙ୍କ ଏ ସଂକ୍ରାନ୍ତ ଅନ୍ତରୀଣ ଆଦେଶ ରହିଥିଲା। ଶ୍ରୀମନ୍ଦିର ପ୍ରଶାସନ ତାହାକୁ କାର୍ଯ୍ୟକାରୀ କରିଛି। ସେପ୍ଟେମ୍ବର ୧ତାରିଖଠାରୁ ୨୦ଜଣ ସେନା ନିବୃତ୍ତ କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଦେଶ ସେବା ଭଳି ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ସମ୍ପୃକ୍ତ ସ୍ୱତନ୍ତ୍ର ସୁରକ୍ଷା କର୍ମୀମାନେ ନିଜକୁ ଧନ୍ୟ ମନେ କରୁଥିବା କହିଛନ୍ତି। ସୂଚନା ଅନୁଯାୟୀ, ଅନେକ ସମୟରେ ମହାପ୍ରସାଦ କ୍ରୟବେଳେ ଭକ୍ତଙ୍କୁ ଆନନ୍ଦ ବଜାରରେ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ସେହିପରି ବିଶେଷ ପର୍ବପର୍ବାଣି ସମୟରେ ମହାପ୍ରସାଦର ଆକାଶଛୁଆଁ ଦର ରହିଥାଏ। ଫଳରେ ଭକ୍ତ ଅବଢ଼ା ପାଇବାରୁ ବଞ୍ଚିତ ହୋଇଥାନ୍ତି। ବେଳେବେଳେ ବାସି ଅବଢ଼ା ମଧ୍ୟ ବିକ୍ରି କରାଯାଉଥିଲା। କିନ୍ତୁ ଏବେ ସେଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। କାରଣ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ଭାବେ ୨୦ଜଣ ସେନା ନିବୃତ୍ତ କର୍ମଚାରୀ ତଥା ଅବସରପ୍ରାପ୍ତ ଯବାନ ନିୟୋଜିତ ହେବା ଫଳରେ ଭକ୍ତ ଆଉ ଆଗ ଭଳି ଶୋଷଣ ହେବେ ନାହିଁ ବୋଲି ଆଶା କରାଯାଉଛି। ସମ୍ପୃକ୍ତ ସ୍ୱତନ୍ତ୍ର ସୁରକ୍ଷା କର୍ମୀମାନେ ଆନନ୍ଦ ବଜାର ଉପରେ କଡ଼ା ନଜର ରଖିବେ। ଅଣସୂପକାରଙ୍କ ପ୍ରାଦୁର୍ଭାବକୁ ରୋକିବା ସହ ଭକ୍ତଙ୍କୁ ବାସି ଅବଢ଼ା ଦେଉଥିବା ସୂପକାରଙ୍କୁ ଚିହ୍ନଟ କରିବେ। ସେହିପରି କୌଣସି ଆପରାଧିକ ଘଟଣା ନଜରକୁ ଆସିଲେ, ସେମାନେ ପୋଲିସକୁ ଜଣାଇବେ ନଚେତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଜିମା ଦେବେ। ରବିବାର ପ୍ରଥମ ଦିନରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଯତିନ କୁମାର ପଣ୍ଡା ସମ୍ପୃକ୍ତ ସୁରକ୍ଷା କର୍ମୀମାନଙ୍କୁ ଆନନ୍ଦବଜାର ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ପଣ୍ଡା କହିଛନ୍ତି, ଭାରତୀୟ ସେନାର ୨୦ ଜଣ ଅବସରପ୍ରାପ୍ତ ଯବାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୟନ କରାଯାଇ ନିଯୁକ୍ତି ଦିଆଯାଇଛି। ସେମାନେ ଆନନ୍ଦବଜାରକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବେ। କୌଣସି ବିବାଦ, ଗଣ୍ଡଗୋଳ ରୋକିବାରେ ମଧ୍ୟ ସହାୟକ ହେବେ। ଦୁଇଟି ଶିଫ୍ଟରେ ଅର୍ଥାତ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୧୦ ଜଣ ଏବଂ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନ୍ୟ ୧୦ ଜଣ ଏହି ସ୍ୱତନ୍ତ୍ର ସୁରକ୍ଷା କର୍ମୀ ଆନନ୍ଦ ବଜାର ଜଗିବେ। ଆବଶ୍ୟକ ପଡ଼ିଲେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଆଉ ଦୁଇଜଣ ଶ୍ରୀମନ୍ଦିର ଭିତରେ ମୁତୟନ ହେବେ ବୋଲି ଜଣାପଡ଼ିଛି। ସେମାନଙ୍କ ପାଇଁ ଡ୍ରେସ୍ କୋଡ୍ କରାଯିବ।

ସେହିପରି ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର ଶ୍ରୀମନ୍ଦିର ପ୍ରଶାସନର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ବହୁଦିନ ହେବ ଆନନ୍ଦବଜାର ଶୃଙ୍ଖଳା ନିମନ୍ତେ ଦାବି କରି ଆସୁଥିଲୁ। ଏବେ ସରକାର ପଦକ୍ଷେପ ନେଇଛନ୍ତି, ଯାହା ଖୁସିର କଥା। ଖୁବଶୀଘ୍ର ମହାପ୍ରସାଦର ଦର ତାଲିକା ନିର୍ଦ୍ଧାରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# କୋଣାର୍କ ଚକ ନିର୍ମାଣରେ ସାମିଲ ଥିଲେ ଖିଚିଂର ୬ ଭାସ୍କର୍ଯ୍ୟ ଶିଳ୍ପୀ

■ **କୋଣାର୍କ ଚକର ସୂକ୍ଷ୍ମକାମ ଦେଖି ପାଟମହାଦେଈ ଅଭିଭୂତ ହୋଇ ୩୨ ମାଢ଼ ସୁନା ପୁରସ୍କାର ଦେଇଥିଲେ**

■ **ଦ୍ୱାଦଶ ଆଦିତ୍ୟଙ୍କ ପିଣ୍ଡିର ବାସ୍ତୁ ନିର୍ଦ୍ଧାରଣ ପାଇଁ ଭାରତର ୭ଜଣ ପଣ୍ଡିତଙ୍କୁ ଆମନ୍ତ୍ରଣ କରାଯାଇଥିଲା**

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଗତ ସଂଖ୍ୟାରେ ଗୋଟିଏ ଅଘଟଣ ଘଟିଥିବାର ଚିତ୍ର ଏବଂ ଏକ ଉତ୍ସବର ଚିତ୍ର ସମ୍ପର୍କରେ ଆମେ ଆଲୋଚନା କରିଥିଲେ। ଏଥିରେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିବାର ଗନ୍ଧ ଆମେ ଖୋଜି ପାଇଲୁ ନାହିଁ। ଅପରନ୍ତୁ ଫଗୁ ଦଶମୀଠାରୁ ଚାରି କାହାଣର 'ଅବିର' ପଠେଇବା ପାଇଁ ଗଜପତି ଜଣେଇ ଦେଇଥିଲେ। ଆମେ ସୂଚନା ଦେଇଥିଲୁ ଏରବଙ୍ଗସ୍ଥିତ ଶ୍ରୀଦଧିବାମନ ମନ୍ଦିରର ପୂଜାରୀ କିପରି ଶିଳ୍ପୀମାନଙ୍କୁ ସହଯୋଗ କରୁଥିଲେ।

ଶ୍ରୀକ୍ଷେତ୍ର ପରିତ୍ୟାଗ କରି ମହାପୁରୁଷ ବଳରାମ ଦାସ ଏରବଙ୍ଗର ଉକ୍ତ ମନ୍ଦିର ପରିସରରେ ସାଧନା ଅବ୍ୟାହତ ରଖିଥିଲେ। ଏବେ ସେହି ମନ୍ଦିର ନୂତନ ଭାବରେ ଗଢ଼ି ଉଠିଛି। ପଥରବୁହା ନଦୀଦାଢ଼ରେ ଥିବା ଶ୍ରୀଦକ୍ଷିଣେଶ୍ୱର ମନ୍ଦିରର ଦକ୍ଷିଣ ଦିଗକୁ ତାଙ୍କର ସମାଧି ରହିଛି। ସେଇଠି ଶେଷ ଜୀବନରେ ମହାପ୍ରଭୁ, ସାଆନ୍ତାଣୀଙ୍କ ସହିତ ଅନ୍ତିମ ମୁହୂର୍ତ୍ତରେ ଦର୍ଶନ ଦେଇଥିଲେ। ଏରବଙ୍ଗର ଅବଦାନ ମୂଳରୁ କୋଣାର୍କଠାରେ ମନ୍ଦିର ନିର୍ମାଣ ସମୟରୁ ରହିଥିଲା।

ପୂର୍ବରୁ ଆରମ୍ଭ ହୋଇଥିବା କୋଣାର୍କ ମନ୍ଦିରର 'ଚକ'ର ସୂକ୍ଷ୍ମକାମ ଦୋଳପୂର୍ଣ୍ଣିମା ପରେ ବିଶେଷ ଆଗେଇଥିଲା। ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ 'ବଳଶ୍ରୀ' ଉପହାର ପ୍ରଦାନ କରିଥିଲେ। ପୂର୍ବରୁ 'ଚକ'ର ଜାଲି କାମ କରୁଥିବା ଯୋଗୀ ଓ ଲକ୍ଷ୍ମଣ ମହାପାତ୍ରଙ୍କ ସହିତ ଆଉ ୪ଜଣ ଭାସ୍କର୍ଯ୍ୟ ଶିଳ୍ପୀ ଯୋଗ ଦେଇଥିଲେ। ମୋଟ ୬ଜଣ ଜାଲିକାମ ସିନା କଲେ, ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ୮ଜଣ ନିଯୁକ୍ତ ଭାସ୍କର୍ଯ୍ୟ ଶିଳ୍ପୀ ପୂର୍ବପରି କାମ କରୁଥାନ୍ତି। ଏହା ମଧ୍ୟରେ ଖିଚିଂରୁ ଆସିଥିବା ୬ଜଣ ଭାସ୍କର୍ଯ୍ୟଶିଳ୍ପୀ ସାମିଲ ଥିଲେ। ଗଜପତିଙ୍କ ପାଟମହାଦେଈ କୋଣାର୍କ 'ଚକ'ର ସୂକ୍ଷ୍ମକାମ ଦେଖି ଅଭୀଭୂତ ହୋଇଯାଇଥିଲେ। ସେଥିପାଇଁ ସେ ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରି ଫେରିଥିଲେ। ପୁରସ୍କାର ଦେଇ ନ ଥିଲେ। ଏଥର 'ବଳଶ୍ରୀ'ଙ୍କ ମାର୍ଫତରେ ସେ ପୁରସ୍କାର ବାବଦ ୩୨ ମାଢ଼ ସୁନା ପଠାଇଥିଲେ। ଏହା ତାଙ୍କର ବ୍ୟକ୍ତିଗତ। ଶିଳ୍ପୀମାନେ ପାଉଥିବା ପାଉଣାଠାରୁ ଏହା ଅଲଗା ଥିଲା।

ମନ୍ଦିର ନିର୍ମାଣବେଳେ ବିଭିନ୍ନ ବିଭାଗ ସୃଷ୍ଟି ହୋଇଥିବାର ଜଣାଯାଉଛି। ବିଭାଗୀୟ ଖର୍ଚ୍ଚ ଆନୁମାନିକ ବରାଦ ବି ହୋଇଥିଲା। ତଥାପି କେଉଁ ବିଭାଗରେ ବେଳେବେଳେ ନିର୍ଦ୍ଧାରିତ ଖର୍ଚ୍ଚ ଅଧିକ ହୋଇଯାଉଥିବାର ଦୃଷ୍ଟିକୁ ଆସିଛି। ତେଣୁ ମୋଟ ଖର୍ଚ୍ଚର ପରିମାଣ ନିଅଣ୍ଟିଆ ଧରୁଛି। ଏକଥା ଥରେ ପାଟମହାଦେଈଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ସେ ୪୭ ମାଢ଼ ସୁନା ବ୍ୟକ୍ତିଗତ ତହବିଲରୁ ଭରଣା କରି ସମତୁଲ କରିଥିଲେ। ଏଠାରେ କହିବା କଥା ହେଉଛି– ଗଜପତି ଯେ କେବଳ ନିର୍ମାଣ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉଥିଲେ ତାହା ନୁହେଁ, ପାଟମହାଦେଈ ମଧ୍ୟ ଦୃଷ୍ଟି ଦେବାରେ ହେଳା କରୁ ନ ଥିଲେ।

ଆମେ ପାଟମହାଦେଈଙ୍କ ସଚେତନ ଦୃଷ୍ଟିଭଙ୍ଗୀକୁ ଜାଣିଲେ। ଗଜପତି କିପରି ଏକ ବ୍ୟାପକ ଦୃଷ୍ଟିକୋଣ ରଖିଥିଲେ ନିର୍ମାଣ କାଳରେ ଆମେ ଦେଖିବା। କଥା ଆସିଲା ଦ୍ୱାଦଶ ଆଦିତ୍ୟଙ୍କ ପିଣ୍ଡିର ଅବସ୍ଥିତି କିପରି, କେଉଁ ଶୈଳୀରେ। ଶାସ୍ତ୍ରୀୟ ବିଧିରେ ନିର୍ମିତ ହେବ। ସେଥିପାଇଁ ଗଜପତି ଆଦେଶ ଜାରି କଲେ ବଡ଼ଜେନା ବିଶ୍ୱନାଥ ହରିଚନ୍ଦନଙ୍କ ନାମରେ। କେଉଁ କେଉଁ ସ୍ଥାନରୁ କେଉଁ କେଉଁ ପଣ୍ଡିତ ଆସିବେ, ସୁବ୍ୟବସ୍ଥିତ କରିବାକୁ ତାହା ବି ବଡ଼ଜେନାଙ୍କ ସହିତ ଆଲୋଚନା କଲେ। ନିଷ୍ପତ୍ତି ହେଲା– ନରସିଂହପୁର ଶାସନରୁ ପଣ୍ଡିତ ମାନଗୋବିନ୍ଦ ରାଜଗୁରୁ ଓ ପଣ୍ଡିତ ଆନନ୍ଦ ରଥ କୋଣାର୍କ ଆସିବେ। ପୋଥିରେ କେବଳ 'ଶାସନ' ନାମ ଅଛି, ଜିଲା ବା ମଣ୍ଡଳ ନାମ ନ ଥିବାରୁ ଆମ୍ଭେ ପୁରୀ ଜିଲାର ପ୍ରସିଦ୍ଧ ନରସିଂହପୁର ଶାସନକୁ ଗ୍ରହଣ କରିପାରିବା। ମନେହୁଏ ଏହି ପ୍ରାଚୀନ ଶାସନର ନାମ ପୂର୍ବରୁ 'ବୀର' ଶବ୍ଦ ନ ଥିଲା। ଗଜପତି ନରସିଂହଦେବ ବାସ୍ତୁ ବ୍ୟବସ୍ଥା କରି ଯଜ୍ଞ ନିର୍ବାହ କରାଇ ନିଷ୍କର ଜମି ଦାନ କଲାପରେ ଶାସନର ନାମ ପୂର୍ବରୁ 'ବୀର' ଶବ୍ଦ ସଂଯୋଗ ହୋଇଅଛି। ଯଦି ପୁରୀର ଚନ୍ଦନପୁର ନିକଟ ନରସିଂହପୁର ଶାସନର ଏହି ଦୁଇଜଣ ପଣ୍ଡିତ ହୋଇଥିବେ, ତେବେ ଜାଣିବାକୁ ହେବ ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ ନରସିଂହପୁର ଶାସନ ପ୍ରତିଷ୍ଠିତ ହୋଇ ସାରିଥିଲା।

୭ଜଣ ପଣ୍ଡିତଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଉପର ବର୍ଣ୍ଣିତ ୨ଜଣଙ୍କ ପରେ ଅନ୍ୟ ୫ଜଣଙ୍କ ମଧ୍ୟରେ ଭୁକ୍ତା ସଦାନନ୍ଦ ଦାସ ଉପାଧ୍ୟାୟ ଥିଲେ। 'ଭୁକ୍ତା' ଶବ୍ଦ ବ୍ୟବହାରରୁ ଜଣାଯାଏ ସେ ତନ୍ତ୍ରଶାସ୍ତ୍ର ବିଶାରଦ ଥିଲେ। ତନ୍ତ୍ରଶାସ୍ତ୍ରରେ 'ବାସ୍ତୁ' ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭାବରେ ସ୍ଥାନ ପାଇଛି। ସେ କେଉଁଠାରୁ ଆମନ୍ତ୍ରିତ ହୋଇଥିଲେ ଲେଖା ନାହିଁ। ଏହାପରେ ପଣ୍ଡିତ ଆଦିନାରାୟଣ ଆଚାର୍ଯ୍ୟ, ଅନିରୁଦ୍ଧ ନାରାୟଣ ଫଉଦାର, ପଣ୍ଡିତ ମୁଖି ବିଶ୍ୱକେଶନ ଆୟେଙ୍ଗାର ଓ ପଣ୍ଡିତ ପାଟୁପାନୁ ଏହି ୭ଜଣଙ୍କ ମଧ୍ୟରେ ଥିଲେ।


ଖିଚିଂ ମନ୍ଦିର

srjan
Guru Kelucharan Mohapatra Odissi Nrityabasa Presents
30 GURU KELUCHARAN MOHAPATRA AWARD FESTIVAL
GKCMAF 2024
30 years in the fulfilment of Art - Celebrating three decades of the Award Festival
5th to 11th September, 7 pm, Rabindra Mandap, Bhubaneshwar

5th September
Ghazal
Chandan Dass

6th September
Bharatanatyam
Shrimant Yogi by
Vaibhav Arekar
and Sankhya Dance Company

7th September
Carnatic Vocal
Kalaimamani O S Arun

8th September
Musical Fusion
Ambi Subramaniam
Bindu Subramaniam
with SubraMania

9th September
Hindustani Flute
Rakesh Chaurasia
Ojas Adhiya (Tabla)

10th September
Kathak
Moonstruck by
Ashimbandhu Bhattacharjee
and Upasana Centre for Dance

11th September
Odissi
Tantra by
Ratikant Mohapatra
Srjan Ensemble



Donation · Institutional Support · Supported by
Media Partner: ଧରିତ୍ରୀ DHARITRI · OrissaPOST
Our Sponsers: SBI · PRIYADARSHINI · imfa · Paradeep Phosphates Limited
Hospitality Partner · Web Partner SATHAKI
ENTRY BY INVITATION ONLY
All Lovers of music & dance are welcome to the show. Please collect your invitation card from Srjan Office after 3rd September 2024
SRJAN, 1340, Guru Kelucharan Marg, Bhimatangi, Kapilaprasad, Bhubaneshwar - 751002 | 7008109602
www.srjan.com · srjan.bbsr@gmail.com · srjangkcmon · SRJAN / GKCMAwardFestival

# ଗାଦି ହାସଲ ପଲିଟିକ୍ସ ଗଣତନ୍ତ୍ରକୁ ଭ୍ରଷ୍ଟ କରୁଛି



ସହଦେବ ସାହୁ

୨୫ ଅଗଷ୍ଟ ୨୦୨୪ ରବିବାରର ମାସିକ ମନ୍‌କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି କହିଲେ, ରାଜନୀତି ପୃଷ୍ଠଭୂମି ନ ଥିବା ଲକ୍ଷେ ଯୁବତୀ ଯୁବକ ରାଜନୀତିକୁ ଆସିଲେ ଗଣତନ୍ତ୍ର ସୁଦୃଢ ହେବ। ସ୍ୱାଧୀନତା ସଂଗ୍ରାମରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଥିବା ଅଗଣିତ ଲୋକଙ୍କ ସମାନ୍ତରାଳ ଉଦାହରଣ ସେ ଥୋଇଛନ୍ତି। ସେ ଭୁଲିଯାଇଛନ୍ତି ଯେ ଆଜିକାଲି ରାଜନୈତିକ ଦଳର ସମର୍ଥକ ବା ଅଂଶ ହୋଇ ନ ଥିବା ପରିବାର ପ୍ରାୟ ନାହିଁ, ଯାହାକୁ ପଚାରିବ ସେ କହୁଛି ସେ ଭାଜପା ବା ବିଜେଡି ବା କଂଗ୍ରେସ ସମର୍ଥକ – ଅବଶ୍ୟ ଆହୁରି କେତେ ଛୋଟ ଛୋଟ ଦଳର ସମର୍ଥକ ବି ଅଛନ୍ତି। ତେଣୁ ରାଜନୀତି ପୃଷ୍ଠଭୂମି ନ ଥିବା ପରିବାର ପ୍ରାୟ ନାହିଁ। କେତେକ ଦଳ ନିର୍ବାଚନ କମିଶନଙ୍କ ପାଖରେ ରେଜିଷ୍ଟର୍ଡ ହୋଇଥାନ୍ତି କେବଳ କମ୍ପାନୀ ଓ ଠିକାଦାରମାନଙ୍କଠାରୁ ଖୋଲାଖୋଲି ଚାନ୍ଦା ପାଇବା ପାଇଁ। ଆୟକର-ଛାଡ ଚାନ୍ଦା। ପକ୍କା ଅପରାଧୀମାନେ ସବୁବେଳେ ଶାସକ ଦଳରେ ଯୋଡି ହୁଅନ୍ତି, ରାଜନେତାଙ୍କ ଛତ୍ରଛାୟା ପାଇବାକୁ, ପୋଲିସର ଜୁଲୁମରୁ ରକ୍ଷା ପାଇବା ଆଶାରେ। ନଜିର ଅଛି ସେମାନଙ୍କୁ ଗିରଫ କରିବା ପୂର୍ବରୁ ପୋଲିସକୁ ସ୍ଥାନୀୟ ଏମ୍‌ଏଲ୍‌ଏଙ୍କୁ ଜଣାଇବାକୁ ପଡେ। ଆମେ ଶୁଣିଛୁ ମହାତ୍ମା ଗାନ୍ଧୀ ଚାହୁଁଥିଲେ ସ୍ୱାଧୀନତା ପାଇଲା ପରେ ଜାତୀୟ କଂଗ୍ରେସ ଦଳକୁ ଭାଙ୍ଗି ଦିଆଯାଉ, କାରଣ ସେମାନେ ସ୍ୱାଧୀନତା-ସଂଗ୍ରାମରେ ଭାଗନେବାଟାକୁ ପୁଞ୍ଜି କରି ତାହାର ଡିଭିଡେଣ୍ଡ(ଲାଭାଂଶ) ଭାବେ ଦେଶରେ ଭ୍ରଷ୍ଟାଚାର ବଢାଇପାରନ୍ତି। ପ୍ରତି ପ୍ରତିନିଧି ଯେତେ ଦରମା ପାଇବେ ତାହାଠାରୁ ବହୁତ ବେଶି ଖର୍ଚ୍ଚ ନିର୍ବାଚନ ଲଢିବାରେ ଖର୍ଚ୍ଚ କରିପାରିବେ ବୋଲି ସେମାନେ ନିୟମ କରାଇନେଇଛନ୍ତି: ଯଥା ଏମ୍‌ପିଙ୍କ ଦରମା ୫ ବର୍ଷରେ ୬୦ ଲକ୍ଷ ଟଙ୍କା ପାଖାପାଖି ଜାଣି ମଧ୍ୟ ପ୍ରତି ଏମ୍‌ପି ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ୯୫ ଲକ୍ଷ ଯାଏ ଖର୍ଚ୍ଚ କରିପାରିବେ, ଆଗତୁରା ୯୫ ଲକ୍ଷ ଟଙ୍କା ଓ ପରେ ପରେ ତା' ଉପରେ ସୁଧ ତ କେଉଁଠୁ ଆଣିବ ଭ୍ରଷ୍ଟାଚାର ନ କଲେ! (ଗ୍ରାମର ୱାର୍ଡମେମ୍ବର ଭଳି ନିମ୍ନ ସ୍ତରର ନିର୍ବାଚନରେ ବି ପ୍ରାର୍ଥୀ ଖର୍ଚ୍ଚ କରିବାର ଯେଉଁ ସୀମା ରଖାଯାଇଛି ତାହା ସମ୍ଭାବ୍ୟ ଦରମାର ଦଶ ପଚାଶ ଗୁଣ, ତା' ମାନେ ତିଆରି ହୋଇଥିବା ଆଇନରେ ଭ୍ରଷ୍ଟାଚାରର ବୀଜ ପୋତା ହୋଇଛି)।

ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ଭିତରେ ଦଳ କରୁଥିବା ଖର୍ଚ୍ଚ ଗଣାଯିବ ନାହିଁ। ତା'ମାନେ ରାଜନୈତିକ ଦଳଗୁଡ଼ିକ ବି ଭ୍ରଷ୍ଟାଚାରରେ ଲିପ୍ତ ହେବେ, କଳାଟଙ୍କାବାଲାଙ୍କଠୁ ହେଉ ବା କମ୍ପାନୀମାନଙ୍କଠାରୁ ଚାନ୍ଦା ଆକାରରେ ହେଉ ଯୋଗାଡ କରିବେ। ଦାତାମାନେ ଏହାକୁ ସରକାରୀ ଅନୁଗ୍ରହ ପାଇବାର ଲାଞ୍ଚ ଭାବେ ଧରିନେବେ! ଏଇ ତ ପଲିଟିକ୍ସ! ରେଜିଷ୍ଟର୍ଡ ଦଳକୁ ଚାନ୍ଦା ଉପରେ ଉଭୟ ଦାତା ଓ ପ୍ରାପକଙ୍କୁ ଆୟକର ଛାଡ ଉପର ଦେଖାଣିଆ କଥା। ପ୍ରକୃତରେ ଶାସନକୁ ଆସିବାର ସମ୍ଭାବନା ଥିବା ଦଳକୁ ବେଶି ଦାନ ମିଳେ, ସେମାନେ ଦାତାଙ୍କ ବିପକ୍ଷରେ ଯିବା ଭଳି ଆଇନ ଆଣିବେ ନାହିଁ ଆଶାରେ; ବିରୋଧୀ ଦଳମାନେ ବି ଚାନ୍ଦା ପାଆନ୍ତି ବେଶି ଆପତ୍ତି



କରିବେ ନାହିଁ ଆଶାରେ! ଶାସକ ଦଳ ଟିକସଦାତାମାନଙ୍କ ପଇସାରେ କମ୍ପାନୀମାନଙ୍କ ପାଇଁ ରାସ୍ତାଘାଟ, ବିମାନବନ୍ଦର ଆଦି କରେ, ସେମାନଙ୍କୁ ମାଗଣା ବା ଶସ୍ତାରେ ଦେଶର ପ୍ରାକୃତିକ ସମ୍ପଦ ଟେକିଦିଏ, ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ଉପରେ ଟିକସ ରିହାତି ଦିଏ। ଗରିବର ଗରିବୀ ବଢେ, ସେମାନଙ୍କ ଭୋଟ ପାଇବା ପାଇଁ ରାଜନୈତିକ ଦଳମାନେ ମାଗଣା ରସଦ ଓ ରକମ ରକମର ଫ୍ରିବି ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରନ୍ତି! ତେଣୁ ଅଧିକ ଭୋଟ ପାଇବାର ଚେଷ୍ଟାରେ ଚାଲିଥିବା ପଲିଟିକ୍ସ ଗଣତନ୍ତ୍ରର କଳଙ୍କ। ପଲିଟିକ୍ସ ପୃଷ୍ଠଭୂମି ନ ଥିବା ଲୋକ ତ ନାହାନ୍ତି, ପଲିଟିକ୍ସବିହୀନ ଲକ୍ଷେ ସଜ ଲୋକ ଆସିବେ କେଉଁଠୁ!

ଆମ ଦେଶରେ ୫୪୫ ଲୋକ ସଭା, ୨୪୫ ରାଜ୍ୟ ସଭା ଏବଂ ୪୧୨୩ ବିଧାନସଭା ଆସନ – ମୋଟ ୪୯୧୩ ଆସନ। ପଞ୍ଚାୟତ ସ୍ତରରେ ଆସନ ସଂଖ୍ୟା ଦଶ ହଜାରରୁ ବେଶି। ସମସ୍ତେ ସମ୍ଭାବ୍ୟ ଦରମାଠାରୁ ବହୁତ ବେଶି ଖର୍ଚ୍ଚ କରନ୍ତି ଆସନଟିଏ ଜିତିବା ପାଇଁ, ସେତକ ଖର୍ଚ୍ଚ ତ ଉଠାଇବେ, ତା' ଉପରେ ପୁଣି ପରିବାର 'ଏବେ ସମ୍ଭାଳିବାର ଓ ଭବିଷ୍ୟତରେ ସମ୍ଭାଳି ହେବାର ଖର୍ଚ୍ଚ' ତ ଉଠାଇବେ – ଏ ସବୁ ତ ଭ୍ରଷ୍ଟାଚାର ବଢାଏ। ଲେଜିସ୍ଲେଚରରେ ନିଜର ସଦସ୍ୟ ସଂଖ୍ୟା ଯେତେ ବଢିବ ରାଜନୈତିକ ଦଳ ସେତେ ପ୍ରଭାବଶାଳୀ। ତେଣୁ ସରକାର ଗଢିବା ପାଇଁ ଶାସକଦଳ ଅନ୍ୟ ଦଳରୁ ଅସନ୍ତୁଷ୍ଟଙ୍କୁ ଫୁସୁଲାଇ ପଦ-ଲୋଭ ଦେଖାଇ ଆକର୍ଷିତ କରନ୍ତି, ନ ହେଲେ ସନ୍ଦିଗ୍ଧ ଆର୍ଥିକ ଅପରାଧ ପାଇଁ ଇଡି ବା ସିବିଆଇ ଲଗାଇ ଭୀତତ୍ରସ୍ତ କରାନ୍ତି ଯେଉଁଥିରୁ ରକ୍ଷା ପାଇବା ଲାଗି ସମ୍ପୃକ୍ତ ରାଜନେତା ଶାସକ ଦଳରେ ମିଶେ। ଏଥିପାଇଁ ଆଇନକୁ ଲାଗୁ କରୁଥିବା ଅଧିକାରୀ(ରେଗୁଲେଟର)ମାନଙ୍କୁ ଶାସକ ଦଳ ବ୍ୟବହାର କରିଥାଏ, ଶାସକ ଦଳରେ ମିଶିଗଲେ ମାମଲା ବନ୍ଦ ହୋଇଯିବ ବା କୋହଳ ଦଣ୍ଡ ମିଳେ। ଏ ପ୍ରକାରର ପଲିଟିକ୍ସ ତ ଭ୍ରଷ୍ଟାଚାରର ଜନନୀ।

ପଲିଟିକ୍ସ କେବଳ ଲେଜିସ୍ଲେଚର ୱିଙ୍ଗ(ବିଧାୟିକା ଶାଖା)ରୁ ଜନ୍ମ ନିଏ, ଗଣତନ୍ତ୍ରର ଅନ୍ୟ ଦୁଇ ଶାଖାକୁ ବ୍ୟାପେ, ତା' ସାଙ୍ଗରେ ଭ୍ରଷ୍ଟାଚାର ବି। ପଲିଟିକ୍ସ ହିଁ ଗଣତନ୍ତ୍ର ଶାସନରେ ଥିବା ତିନି ଶାଖା ଭିତରେ ଥିବା ପ୍ରତିଯୋଗିତା ଓ ଛକାପଞ୍ଝାର ପରିବେଶକୁ ହଟାଇବାକୁ ଚାହେଁ, ଅନ୍ୟ ଦୁଇ ଶାଖାକୁ ଲେଜିସ୍ଲେଚରର ବୋଲକରା କରିବାକୁ ଚାହେଁ। ଏଗ୍‌ଜିକ୍ୟୁଟିଭ ହିଁ ଲେଜିସ୍ଲେଚର କରିଥିବା ଆଇନ ଅନୁଯାୟୀ ଦେଶକୁ ଚଳାଏ। ଜୁଡିସିଆରି ଆଇନର ବୈଧତା ପରଖିବାରେ ଲେଜିସ୍ଲେଚର ଉପରେ ନଜର ରଖେ ଏବଂ ଏଗ୍‌ଜିକ୍ୟୁଟିଭ ପ୍ରଚଳିତ ଆଇନ ଅନୁଯାୟୀ ପ୍ରଶାସନ ଚଳାଉଛି କି ନାହିଁ ଓ ନାଗରିକମାନଙ୍କ ଅଧିକାରକୁ ସୁରକ୍ଷିତ ରଖୁଛି କି ନାହିଁ ତାହା ଦେଖେ: ସୁପ୍ରିମକୋର୍ଟ ରାୟ ଦେଶର ଆଇନ ଭଳି କାମ କରେ ଯେ ପର୍ଯ୍ୟନ୍ତ ଲେଜିସ୍ଲେଚର ନୂଆ ଆଇନ ଆଣି ସେ ରାୟକୁ ରଦ୍ଦ ନ କରିଛି। ଭୁଲ ବାଟରେ ଆଇନକୁ ନେଉଥିବା ଅଧିକାରୀଙ୍କୁ ନ୍ୟାୟପାଳିକା ଦଣ୍ଡିତ କରିପାରେ। ଲେଜିସ୍ଲେଚରମାନଙ୍କ (ବିଧାୟକମାନଙ୍କ) ପଲିଟିକ୍ସ ହିଁ ଗଣତନ୍ତ୍ରର ରୂପ ବଦଳାଉଛି, ଦଳର ପ୍ରତିନିଧି ହିଁ ଲୋକ ପ୍ରତିନିଧି ପ୍ରାର୍ଥୀ ହେବାର ଶ୍ରେୟତା ପାଉଛନ୍ତି, ନିର୍ବାଚନମଣ୍ଡଳୀର ଲୋକେ ତାଙ୍କ ଭିତରୁ ପ୍ରାର୍ଥୀ ବାଛିବାର ଅଧିକାର ରଦ୍ଦ ହୋଇଗଲାଣି, ଦଳର ମତକୁ ପ୍ରତିଫଳିତ କରୁଥିବା ବ୍ୟକ୍ତି ବିଧାୟକ ପ୍ରାର୍ଥୀ ହେଲେ ରାଜ୍ୟର, ସାଂସଦ ପ୍ରାର୍ଥୀ ହେଲେ ଦେଶର ଯେକୌଣସି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇପାରିବେ। ତେଣୁ ଦଳର କଣ୍ଟ୍ରୋଲରେ ଏମ୍‌ଏଲ୍‌ଏ ଓ ଏମ୍‌ପି ପଦ, ଦଳର ମୁଖିଆଙ୍କ ଅଧୀନରେ ଏକ ଚାକିରି ଭଳି; ଦଳୀୟ ବିଶୃଙ୍ଖଳା ପାଇଁ ତାଙ୍କୁ ଦଳରୁ ମୁଖିଆ ବହିଷ୍କାର କରିପାରିବେ, ଏମ୍‌ଏଲ୍‌ଏ ବା ଏମ୍‌ପି ଆସନରୁ ତଡା ହେବାର ଆଦେଶ ବାଚସ୍ପତିଙ୍କଠାରୁ ନେଇପାରିବେ। ସରକାରୀ ଦଳରୁ ବାଚସ୍ପତି ହୋଇଥିବାରୁ ଶାସକ ଦଳର ମୁଖିଆଙ୍କ ଅନୁରୋଧକୁ ଗ୍ରହଣ କରିବାକୁ ଏକପ୍ରକାର ବାଧ୍ୟ, ନ ହେଲେ ତାଙ୍କ ବାଚସ୍ପତି ପଦ ପ୍ରତି ଅନାସ୍ଥା ପ୍ରସ୍ତାବ ଅଣାଯାଇପାରେ(ଶାସକ ଦଳର ସଂଖ୍ୟାଧିକ ଭୋଟ ଅଛି ନା) ! ଗଣତନ୍ତ୍ରର ପୋଷାକରେ ଦଳତନ୍ତ୍ର (ଫାସିଜିମ୍) ଚାଲିଛି। ରାଷ୍ଟ୍ରର ତିନୋଟି ଶାଖା ଭିତରେ ଯେଉଁ ଦୂରତା ଥିଲା ତାକୁ ଦଳମାନଙ୍କର ପଲିଟିକ୍ସ ହଟାଇ ଦେଲାଣି। ଗୋଟିଏ ଶାଖାର ଅଧିକାରୀ (ସର୍ବଭାରତୀୟ ଚାକିରି ବା ବିଚାରପତି ପଦ ଛାଡି ରାଜନୈତିକ ଦଳରେ ଯୋଗଦେବାକୁ ଆଉ ଅପେକ୍ଷା କରିବାକୁ ପଡୁନାହିଁ (କୁଲିଂ ଅଫ୍ ପିରିଅଡ୍ ନାହିଁ)। ତେଣୁ ନିର୍ବାଚନ ଆସନ୍ନ ହେଲେ ଇଚ୍ଛିତ ରାଜନୈତିକ ଦଳ ସପକ୍ଷରେ କାମ କଲେ, ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଇସ୍ତଫା ଦେଲେ, ସମ୍ପୃକ୍ତ ଦଳ କୋଳେଇ ନେଉଛି। ଏପରି ଅଧିକାରୀମାନେ ରାଜନୈତିକ ନେତାମାନଙ୍କ ତ୍ରୁଟି ତଥା ଭ୍ରଷ୍ଟାଚାରକୁ ରୋକିବାର ନିୟମସବୁକୁ ଲାଗୁ କରୁନାହାନ୍ତି। ହାଇକୋର୍ଟ ଜଜ୍‌ମାନେ ବି ଆନୁଗତ୍ୟ ଦେଖାଇ ଏମ୍‌ପି ହେବାର ଉଦାହରଣ ଅଛି ଯଥା ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ। ଆନୁଗତ୍ୟ ଦେଖାଇ ଆଇପିଏସ୍ ଓ ଆଇଏଏସ୍ ଅଫିସରମାନେ ସାଙ୍ଗେ ସାଙ୍ଗେ ଚାକିରି ଛାଡି ଦଳ ତରଫରୁ ବିଧାୟକ ବା ସାଂସଦ ହେଉଛନ୍ତି। ୨୦୨୪ ନିର୍ବାଚନରେ ଦେଖାଗଲା କମ୍ପାନୀର ସାମାଜିକ ଦାୟିତ୍ୱ ନାମକ ପାଣ୍ଠିରୁ ସହାୟତା ଦେଇ ଓ ଶାସକ ଦଳକୁ ୪୦୦ କୋଟିର ଇଲେକ୍ଟୋରାଲ ବଣ୍ଡ୍ ଦେଇ ଜଣେ କମ୍ପାନୀ ମ୍ୟାନେଜର ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ଶାସକ ଦଳ ଏକ ଲାଭଖୋର କମ୍ପାନୀ ଭଳି କାମ କଲେଣି – ଗାଦି-ହାସଲ ପଲିଟିକ୍ସ ଗଣତନ୍ତ୍ରକୁ ସ୍ୱୈରତନ୍ତ୍ର କରୁଛି।

sahadevas@yahoo.com

## ଏଇ ଭାରତରେ

ଏଲ୍‌ଆଇସି ପଲିସିରେ ସମସ୍ତେ ନିଜ ନିଜ ଆତ୍ମୀୟମାନଙ୍କୁ ନୋମିନି ରଖନ୍ତି। କିନ୍ତୁ ଏମିତି ବି ଲୋକ ଅଛନ୍ତି ଯିଏ ତାଙ୍କ ସବୁ ପଲିସିର ନୋମିନି ରଖିଛନ୍ତି ଭଗବାନ ମହାଦେବଙ୍କୁ। କଥାଟା ଶୁଣିଲେ ହୁଏତ ଅନେକେ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏଭଳି ଏକ କାମ କରି ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ମଧ୍ୟପ୍ରଦେଶ ଗ୍ୱାଲିୟରରେ ରହୁଥିବା ମାଧୁରୀ ସକସେନା। ସେ ତାଙ୍କ ଏଲଆଇସି ପଲିସିରେ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ମହାଦେବ ଅଚଳେଶ୍ୱରଙ୍କୁ ନିଜର ନୋମିନି କରିଥିଲେ। ଗତ ମାର୍ଚ୍ଚ ମାସରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବାରୁ ତାଙ୍କର ବୀମା ରାଶି ସ୍ୱରୂପ ୭ ଲକ୍ଷ ୪୨ ହଜାର ଟଙ୍କା ଅଚଳେଶ୍ୱର ମନ୍ଦିରକୁ ଦିଆଯାଇଛି। ମାଧୁରୀଙ୍କ ବୀମା ଏଜେଣ୍ଟ ଏନେଇ ଜଣାଇଛନ୍ତି। ସୂଚନା ଅନୁସାରେ ମାଧୁରୀ ବିବାହ କରି ନ ଥିଲେ ଓ ପ୍ରଭୁ ଅଚଳେଶ୍ୱରଙ୍କୁ ହିଁ ସେ ତାଙ୍କର ସବୁକିଛି ବୋଲି ଗ୍ରହଣ କରି ନେଇଥିଲେ। ଆରମ୍ଭରୁ ସେ ମହାଦେବଙ୍କ ଭକ୍ତ ଥିଲେ। ତେଣୁ ବିବାହ ନ କରି ବାପା ମା'ଙ୍କ ପାଖରେ ରହିଥିଲେ। ବାପାମା'ଙ୍କ ସେବା କରିବା ପରେ ସମ୍ପର୍କୀୟମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ଆର୍ଥିକ ସାହାଯ୍ୟ କରିଥିଲେ। ଏହାପରେ ସେ ଭଗବାନଙ୍କୁ କିଛି ଦାନ କରିବାକୁ ଇଚ୍ଛା କରିଥିଲେ। ତେଣୁ ୨୦୧୭ ମସିହାରେ ସେ ଏକ ପଲିସି କରି ଭଗବାନ ଅଚଳେଶ୍ୱରଙ୍କୁ ନୋମିନି ରଖିଥିଲେ। ଏହି ନିୟମ ଅନୁସାରେ ଏବେ ମନ୍ଦିର ଆକାଉଣ୍ଟକୁ ସବୁ ଅର୍ଥ ଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୭୫

- ବନ୍ୟା ଜଳରେ ପରିପୂର୍ଣ୍ଣ ରାପ୍ତି ନଦୀରେ ଏକ ନୌକା ଦୁର୍ଘଟଣା ଘଟି ୨୩ ମୃତ।
- ବାଂଲାଦେଶର ନୂତନ ସରକାରଙ୍କୁ ଚୀନ୍‌ର କୂଟନୈତିକ ସ୍ୱୀକୃତି ପ୍ରଦାନ।
- ଆଙ୍ଗୋଲାର ଜାତୀୟ ମୁକ୍ତି ସାମ୍ମୁଖ୍ୟ ସୈନ୍ୟମାନେ ରାଜଧାନୀ ଲୁଆଣ୍ଡାକୁ ଦଖଲ କରି ରଖିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | | |
| | 1 | 3 | | | | | | 7 |
| 5 | 9 | | 6 | | | | 8 | |
| | 5 | | | 9 | | | | |
| | | 7 | | 8 | 3 | 9 | | |
| | | | 4 | 7 | | | | |
| | 8 | 6 | | | | | 2 | 3 |
| | | 4 | | | | 1 | | |
| 2 | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 4 | 8 | 2 | 7 | 3 | 5 | 1 |
| 8 | 5 | 7 | 3 | 9 | 1 | 4 | 6 | 2 |
| 3 | 1 | 2 | 5 | 6 | 4 | 9 | 8 | 7 |
| 4 | 2 | 6 | 1 | 8 | 9 | 7 | 3 | 5 |
| 9 | 7 | 3 | 2 | 4 | 5 | 8 | 1 | 6 |
| 5 | 8 | 1 | 7 | 3 | 6 | 2 | 9 | 4 |
| 1 | 4 | 8 | 9 | 5 | 2 | 6 | 7 | 3 |
| 7 | 6 | 9 | 4 | 1 | 3 | 5 | 2 | 8 |
| 2 | 3 | 5 | 6 | 7 | 8 | 1 | 4 | 9 |

ଗତକାଲିର ଉତ୍ତର

# ଜନ ଅଭିଯୋଗ ଶୁଣାଣି



ଯଦୁମଣି ପାଣିଗ୍ରାହୀ

ସାଧାରଣ ଲୋକେ ସେମାନଙ୍କ ସମସ୍ୟା ନେଇ ଆପତ୍ତି ଅଭିଯୋଗ କରିବା ଏକ ନିତିଦିନିଆ ଘଟଣା। କେବଳ ସାଧାରଣ ଲୋକ ନୁହନ୍ତି, ବରଂ ବିଭିନ୍ନ ସରକାରୀ ଓ ବେସରକାରୀ କର୍ମସଂସ୍ଥାନରେ କାର୍ଯ୍ୟରତ ଓ କାର୍ଯ୍ୟନିବୃତ୍ତ କର୍ମଚାରୀମାନେ ବି ସେମାନଙ୍କ ସମସ୍ୟା ନେଇ ଉପରିସ୍ଥ ବାବୁମାନଙ୍କ ପାଖରେ ଅଭିଯୋଗମାନ ଆଗତ କରିଥାନ୍ତି। ଦୈନନ୍ଦିନର ଜୀବନରେ ଗଣ୍ଡଗୋଳ, ମାର୍‌ପିଟ୍, ଚୋରି, ଠକାମି, ଶୋଷଣ, ନାରୀ ନିର୍ଯାତନା, ହତ୍ୟା ଓ ଜମିଜମା ବାଦବିବାଦ ଆଦି ଘଟଣାକୁ ନେଇ ଲୋକେ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗମାନ କରିଥାନ୍ତି। କାର୍ଯ୍ୟରତ ଥାନାବାବୁ ଅଭିଯୋଗଗୁଡ଼ିକ ମଧ୍ୟରୁ କିଛି ଅଭିଯୋଗ ଉପରେ ତଦନ୍ତକରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି। ଉଭୟ ପକ୍ଷଙ୍କ ସହମତିକ୍ରମେ କିଛି ଅଭିଯୋଗର ଆପୋସ ସମାଧାନ କରାଇଥାନ୍ତି। ଆଉ କିଛି ଅଭିଯୋଗ ଉପରେ ଟାଳଟୁଳ ନୀତି ବି ଅବଲମ୍ବନ କରିଥାନ୍ତି, ଯାହାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ବେଳେବେଳେ ଅସନ୍ତୋଷ ତଥା ଆକ୍ରୋଶ ପ୍ରକାଶ ପାଇଥାଏ। ଏ କ୍ଷେତ୍ରରେ ଟଙ୍କାପଇସା କାରବାର କିମ୍ବା ରାଜନୈତିକ ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ କରାଯାଇଥିବା ନେଇ ଲୋକେ ଅନେକ ସମୟରେ ଅଭିଯୋଗ କରିଥାନ୍ତି। ପୁଣି ଥାନାରୁ ମିଳୁଥିବା ନ୍ୟାୟରେ ସନ୍ତୁଷ୍ଟ ହେଉ ନ ଥିବା ଲୋକେ ଉପରିସ୍ଥ ପୋଲିସବାବୁ କିମ୍ବା କୋର୍ଟ କଚେରିରେ ହାକିମ ହୁକୁମାଙ୍କଠାରେ ଏଥିନେଇ ଅଭିଯୋଗ କରିବାର ବି ଦେଖାଯାଏ। ଏହି କ୍ରମରେ ଲୋକେ ଦୈନିକ ବ୍ଲକ୍, ତହସିଲ୍‌ଠାରୁ ଆରମ୍ଭକରି ଜିଲାପାଳ ଓ ବିଭିନ୍ନ ବିଭାଗର ରାଜ୍ୟସ୍ତରୀୟ ପଦାଧିକାରୀ ଆଦିଙ୍କ ଦପ୍ତର ଯାଏ ପହଞ୍ଚି ଦପ୍ତର ମୁଖ୍ୟଙ୍କଠାରେ ନାନାଦି ଆପତ୍ତି ଅଭିଯୋଗ ଆଗତ କରିଥାନ୍ତି। ତେବେ ଲୋକଙ୍କ ସେସବୁ ଆପତ୍ତି ଅଭିଯୋଗ ଶୁଣିବା ଓ ପଢ଼ିବା ପରେ ସରକାରୀ ବାବୁମାନେ କି ପ୍ରକାର ସମାଧାନର ବାଟ ବାହାର କରିଥାନ୍ତି ସେକଥା ସେହି ଅଭିଯୋଗକାରୀଙ୍କୁ ହିଁ ଜଣାଥିବ। କିନ୍ତୁ ସେହି ଏକା ଅଭିଯୋଗକୁ ନେଇ ଲୋକେ ବାରମ୍ବାର ସରକାରୀ ବାବୁମାନଙ୍କ ପାଖକୁ ଦୌଡ଼ି ଦୌଡ଼ି ଶେଷରେ ନିରାଶ ହେଉଥିବାର ଅଭିଯୋଗ ବି ନଜରକୁ ଆସିଥାଏ। ତେବେ କ୍ରମାଗତ ଭାବେ ଜନ ଅଭିଯୋଗଗୁଡ଼ିକ ଶୁଣିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ସରକାରୀ ଉପରିସ୍ଥ ବାବୁମାନେ ନିର୍ଦ୍ଦିଷ୍ଟ ବାର ନିର୍ଘଣ୍ଟ କରିଛନ୍ତି। କେବଳ ଏହି ବାରଗୁଡ଼ିକରେ ଲୋକେ ଯାଇ ସେମାନଙ୍କଠାରେ ଆପତ୍ତି ଅଭିଯୋଗ କରିପାରିବେ। ଏହି କ୍ରମରେ ସବୁ ଜିଲାର ଜିଲାପାଳମାନେ ନିଜ ଦପ୍ତରରେ ସପ୍ତାହକୁ ଥରେ କ୍ରମାନ୍ୱୟରେ ବିଭିନ୍ନ ବ୍ଲକର ଅଭିଯୋଗ ଶୁଣିବା ଲାଗି ବ୍ୟବସ୍ଥା କରିଛନ୍ତି। ସେହିପରି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ବିଭାଗୀୟ ପଦାଧିକାରୀମାନେ ମଧ୍ୟ ମାସର ଗୋଟିଏ ଦିନ ନିଜ ନିଜ ଜିଲା ଅଧୀନସ୍ଥ ବ୍ଲକଗୁଡ଼ିକୁ ଯାଇ ମିଳିତ ଜନ ଅଭିଯୋଗ ଶୁଣିବାର ବ୍ୟବସ୍ଥା ବି କରାଯାଇଛି। ଏଠି ଲୋକେ ବ୍ୟକ୍ତିଗତଠାରୁ ପୁଣି ସାମୂହିକ ସମସ୍ୟାଗୁଡିକୁ ନେଇ ଅଭିଯୋଗ ଆଗତ କରୁଛନ୍ତି। ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ବିଭିନ୍ନ ବର୍ଗର ହିତାଧିକାରୀଙ୍କ ବ୍ୟକ୍ତିଗତ ସମସ୍ୟାଠାରୁ ପୁଣି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ଜଳସେଚନ ଆଦି ସାମୂହିକ ସମସ୍ୟାକୁ ନେଇ ଶହ ଶହ ଅଭିଯୋଗ ଆଗତ ହେଉଛି ସତ, ହେଲେ ପରିତାପର ବିଷୟ ମାତ୍ର ହାତଗଣତି କିଛି ଅଭିଯୋଗର ସମାଧାନ ହେଉଛି, ଯେଉଁଥିପାଇଁ ଏହି ଅଭିଯୋଗ ଶୁଣାଣି ପ୍ରହସନରେ ପରିଣତ ହୋଇଛି ଆଉ ଲୋକେ ପ୍ରଶାସନ ଉପରୁ ଆସ୍ଥା, ବିଶ୍ୱାସ ହରାଇ ଏଭଳି ଜନ ଅଭିଯୋଗ ଶୁଣାଣିକୁ ଆସିବା ଲାଗି ଅନାଗ୍ରହ ପ୍ରକାଶ କଲେଣି। ତଳସ୍ତରରୁ ପୁଣି ଉପରସ୍ତର ଯାଏ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନଙ୍କର ନିଷ୍ଠା ଓ ଆନ୍ତରିକତାର ଅଭାବରୁ ଆଜି ଏମିତି ଅବସ୍ଥା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି।



ଆହୁରି ମଧ୍ୟ ଦେଖିବାକୁ ପାଇବେ ବିଭିନ୍ନ ସରକାରୀ ଦପ୍ତରରେ 'ଅଭିଯୋଗ ପ୍ରକୋଷ୍ଠ' ଖୋଲାଯାଇ ଜନ ଅଭିଯୋଗ ଶୁଣିବାର ବ୍ୟବସ୍ଥା କରାଯାଇଛି। କିଛି ଦପ୍ତରରେ 'ଅଭିଯୋଗ ବାକ୍ସ' ବସାଯାଇ ଜନ ଅଭିଯୋଗ ଗ୍ରହଣ କରିବାର ବ୍ୟବସ୍ଥା କରାଯାଇଛି। ହେଲେ ସେସବୁ କେବଳ ନାଁକୁ ମାତ୍ର। ଆପଣ ଅଭିଯୋଗ କରିବାର ମାସେ ନୁହେଁ ବରଂ ବର୍ଷାଧିକ କାଳ ଅତିବାହିତ ହୋଇଗଲା ପରେ ବି ଏହା ଉପରେ ଯେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବ ଏହା ଆପଣ ଅନୁଭବ କରିଥିବେ ନିଶ୍ଚୟ। କେବଳ ବ୍ଲକ ଓ ଜିଲାସ୍ତରର ପ୍ରଶାସନିକ ଅଧିକାରୀ ନୁହନ୍ତି ବରଂ ରାଜ୍ୟର ବିଭିନ୍ନ ବିଭାଗର ସଚିବ ଓ ଅତିରିକ୍ତ ସଚିବମାନେ ବିଭିନ୍ନ ଅଞ୍ଚଳ ଗସ୍ତକରି ଜନ ଅଭିଯୋଗ ଶୁଣିଥାନ୍ତି। ମାତ୍ର ସେସବୁ କେବଳ ସେହି ଅଭିଯୋଗରେ ହିଁ ସୀମିତ ରହିଯାଏ। ପୁରୁଣା ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବି ଜନ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଥିଲା। ଲୋକେ ସମସ୍ୟାକୁ ନେଇ ସେଠାରେ ଅଭିଯୋଗ କରିଥିଲେ। ଆଶା ରଖିଥିଲେ କିଛି ସୁଫଳ ମିଳିବ। ହେଲେ ସେସବୁ ଅଭିଯୋଗର କେତେ ପ୍ରତିଶତ ସମାଧାନ କରାଯାଇଛି ତାହା ସମସ୍ତଙ୍କୁ ଭଲଭାବେ ଜଣାଥିବ। ସେ ସମୟରେ କିଛି ଜନପ୍ରତିନିଧି ବି ବ୍ୟକ୍ତିଗତ ଭାବେ ଅଭିଯୋଗ ଶୁଣାଣିର ବ୍ୟବସ୍ଥା କରାଇଥିଲେ। ତେବେ ଏଥିରୁ ଲୋକେ କେତେମାତ୍ରାରେ ଉପକୃତ ହୋଇଛନ୍ତି ତାହା ସେମାନଙ୍କୁ ହିଁ ଜଣାଥିବ। ବିଭିନ୍ନ ସମୟରେ ଅମୁକ ଟୋଲ୍ ଫ୍ରି ନମ୍ବରରେ ଆପଣ ନିଜର ବା ଆପଣଙ୍କ ଅଞ୍ଚଳରେ ରହିଥିବା ସମସ୍ୟାକୁ ନେଇ ଅଭିଯୋଗ ଆଗତ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥାଏ। ହେଲେ ଅଧିକାଂଶ ସମୟରେ ଏହି ନମ୍ବରଟି ବ୍ୟସ୍ତ କିମ୍ବା ଅଚଳ ଥିବାର ଜଣାଯାଏ। ଯଦିବା କେବେ କେମିତି କେହି ଆପଣଙ୍କ ସମସ୍ୟାକୁ ଶୁଣିଲା ତେବେ ଆପଣ ଆଶା କରିଥିବା କଥାଟି ଶେଷରେ ଭୁଲ୍ ପ୍ରମାଣିତ ହେବ। ଏବେ ନୂଆ ସରକାରରେ ସରକାରୀ ଦଳର ପ୍ରମୁଖ ଓ ଅନ୍ୟ ଜନପ୍ରତିନିଧିମାନେ ବି ଅଭିଯୋଗ ଶୁଣାଣିର ବ୍ୟବସ୍ଥା କରିଛନ୍ତି। ଏହା ଭଲ କଥା। ହଜାର ହଜାର ସାଧାରଣ ଲୋକ ସେମାନଙ୍କ ସମସ୍ୟା ଓ ସୁବିଧା ଅସୁବିଧା ନେଇ ଅଭିଯୋଗ କରୁଛନ୍ତି। ହେଲେ କେବଳ ଅଭିଯୋଗ ଶୁଣିଲେ ତ ହେବନାହିଁ, ସେସବୁର ସମାଧାନ ନେଇ ସରକାର ଯତ୍ନବାନ୍ ହେବା ଉଚିତ। ଜନ ଅଭିଯୋଗ ଶୁଣାଣି ଯେପରି ଲୋକଙ୍କ ବିଶ୍ୱାସ ଓ ଭରସା ହରାଇ ପ୍ରହସନରେ ପରିଣତ ନ ହୁଏ ସେଥିପ୍ରତି ସରକାର ସଜାଗ ରହିବା ଏକାନ୍ତ ଅପରିହାର୍ଯ୍ୟ। ଅନ୍ୟପକ୍ଷେ ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ତଳସ୍ତରରେ ରହିଥିବା ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ସରକାର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ବି କଡ଼ା ନିର୍ଦ୍ଦେଶ ଦେବାର ଆବଶ୍ୟକତା ରହିଛି। ତେବେ ଯାଇ ଲୋକେ ସମସ୍ୟାମୁକ୍ତ ଜୀବନ ବିତାଇପାରିବେ।

ଶଂଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

# 'ଆରମ୍ଭରୁ ସ୍ମାର୍ଟ ଫିଡ୍'



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତାଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ। ଚଳିତବର୍ଷର ସ୍ଲୋଗାନ୍ ରହିଛି : 'ଆରମ୍ଭରୁ ସ୍ମାର୍ଟ ଫିଡ୍' (ଫିଡିଂ ସ୍ମାର୍ଟ ରାଇଟ ଫ୍ରମ୍ ଷ୍ଟାର୍ଟ)। ବିଶେଷକରି ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତାନ୍ତ ଅପରିହାର୍ଯ୍ୟ, ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ଆସନ୍ତାକାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ, ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁ ଲାଗି ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟ ପାଇଁ ଏକ ଦିବ୍ୟ ସଞ୍ଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁ ପାଇଁ ଏହା ଏକପ୍ରକାର ଈଶ୍ୱରପ୍ରଦ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ କରାନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡିନ୍‌ଯୁକ୍ତ ଲୁଣ ଯେପରି ସାମିଲ ହେବ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟରେ ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ହେବା ଜରୁରୀ। କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟିଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ, ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ସହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ।

ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତି ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି, ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁ ପାଇଁ ଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେକୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତୁ ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରିକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର

## ପାଠକ ଶ୍ରେଷ୍ଠ ବିଚାରକ

### ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ତୁରନ୍ତ ଦଣ୍ଡ ମିଳୁ

ମହାଶୟ,

କୋଲକାତାସ୍ଥିତ ରାଧା ଗୋବିନ୍ଦ କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ଦେଶବାସୀଙ୍କୁ ମର୍ମାହତ କରିଛି। ଏତଦ୍‌ଭିନ୍ନ ଡାକ୍ତରଙ୍କ ମନରେ ନିରାଶାଭାବ ସୃଷ୍ଟି ହୋଇଛି। ଦୁରାରୋଗ୍ୟ ରୋଗୀକୁ ଡାକ୍ତରମାନେ ନୂତନ ଜୀବନ ଦେବାରେ ସମର୍ଥ ହୋଇଥାନ୍ତି। ସେଥିପାଇଁ ଲୋକେ ଡାକ୍ତରଙ୍କୁ ଦ୍ୱିତୀୟ ଭଗବାନ ମାନିଥାନ୍ତି। ମାତ୍ର ଉପରୋକ୍ତ ଘଟଣାରେ ଅପରାଧୀ ଜଣକ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରିବାକୁ ଦୁଃସାହସ ଜୁଟାଇଲା। ଏପରି ହୃଦୟହୀନ ଜଘନ୍ୟ ଘଟଣା ଘଟାଇଥିବା ଅପରାଧୀଙ୍କୁ ପ୍ରାଣଦଣ୍ଡ ଦେବା ଏକାନ୍ତ ବିଧେୟ। ପ୍ରକୃତପକ୍ଷେ ବଳାତ୍କାର ଅପରାଧୀଙ୍କୁ ଗୁଳି କରି ହତ୍ୟା କରାଯିବା ଉଚିତ। ଯାହା ଫଳରେ ଭବିଷ୍ୟତରେ ଅନ୍ୟ କେହି ଜଣେ ଏଭଳି କୁକାର୍ଯ୍ୟ କରିବାକୁ ସାହସ ଜୁଟାଇପାରିବ ନାହିଁ। ବିଶେଷକରି ଉପରୋକ୍ତ ଘଟଣାଗୁଡ଼ିକ ପାଇଁ ୧୫ ଦିନ ଅବଧି ମଧ୍ୟରେ ତଦନ୍ତ ଶେଷ ପୂର୍ବକ କୋର୍ଟ ରାୟ ପ୍ରକାଶ କରିବା ଦରକାର। ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଆଇନ ସଂସ୍କାର ଅଣାଯିବା ଉଚିତ।

-ଶରତ ଚନ୍ଦ୍ର ରାଉତ, ଗାଙ୍ଗପଡ଼ା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ !
ପ୍ରଭାତେ ନିତି ଯେହ୍ନୁ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହ୍ନୁ ଫୁଟାଅ ବାଣୀ।
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସ ଇନ୍ସପେକ୍ଟରର ପରିଚୟ ଦେଇ ୩ଜଣଙ୍କୁ ବିବାହ

ଭୁବନେଶ୍ୱର,୧୯
(ସୂର୍ଯ୍ୟକାନ୍ତ ବେହେରା)

■ ୫୫ବର୍ଷୀୟ ଅଭିଯୁକ୍ତ ଗିରଫ
■ ଶାରୀରିକ ସମ୍ପର୍କ ରଖିବା ସହ ଟଙ୍କା ଲୁଟୁଥିଲେ

ପୋଲିସ ଇନ୍ସପେକ୍ଟରର ପରିଚୟ ଦେଇ ଯୁବତୀମାନଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରୁଥିଲେ। ଶାରୀରିକ ସମ୍ପର୍କ ରଖିବା ସହ ସେମାନଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଭଳି ଜଣେ ନକଲି ଇନ୍ସପେକ୍ଟରଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଭଦ୍ରକର ୫୫ବର୍ଷୀୟ ସୁବାସ ଚନ୍ଦ୍ର କହଁର। ତାଙ୍କଠାରୁ ନକଲି ଆଧାର କାର୍ଡ, ପୋଲିସ ପୋଷାକ ପିନ୍ଧା ଫଟୋ ଓ ବିବାହ ଫଟୋ ଜବତ କରାଯାଇଛି। ଅଭିଯୁକ୍ତ ମିଛ ପରିଚୟ ଦେଇ ୩ ଜଣଙ୍କୁ ବିବାହ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ଜଣେ ପୀଡ଼ିତା ଆଗକୁ ଆସି ଅଭିଯୁକ୍ତଙ୍କ ନାଁରେ ଥାନାରେ ଅଭିଯୋଗ କରିବାରୁ ଘଟଣା ସାମ୍ନାକୁ ଆସିଛି। ଅଭିଯୋଗକାରିଣୀ ଯୁବତୀ ଜଣଙ୍କୁ ବିବାହ ପରେ ଅଭିଯୁକ୍ତ ସୁବାସ ଟଙ୍କା ଠକି ନେଇଥିବାରୁ ସେ ଏଭଳି ଅନ୍ୟମାନଙ୍କୁ ବିବାହ କରିବା ପରେ ଠକେଇ କରିଥିବା ସନ୍ଦେହ କରାଯାଉଛି। ତେଣୁ ଏ ଦିଗରେ ପୋଲିସ ଅଧିକ ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ସୁବାସ ନିଜକୁ ଇନ୍ସପେକ୍ଟର ମନୋଜ କୁମାର ମିଶ୍ର ଭାବେ



ପୋଲିସ ପୋଷାକରେ ଥିବା ଅଭିଯୁକ୍ତ ସୁବାସ ଚନ୍ଦ୍ର କହଁର।

ପରିଚୟ ଦେଉଥିଲେ। ଏପରିକି ଫେସ୍‌ବୁକରେ ନିଜକୁ ଇନ୍ସପେକ୍ଟର ଭାବେ ଉଲ୍ଲେଖ କରିଥିଲେ। ବୟସ ୫୫ ବର୍ଷ ହୋଇଥିଲେ ମଧ ଫଟୋ ଏଡିଟ୍ କରି ପ୍ରୋଫାଇଲରେ ରଖିଥିଲେ। ଏହି ଫେସ୍‌ବୁକ୍ ଆକାଉଣ୍ଟ ଜରିଆରେ ସେ ଅଭିଯୋଗକାରିଣୀଙ୍କ ପାଖକୁ ପ୍ରଥମେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇ କଥା ହୋଇଥିଲେ। ଧୀରେ ଧୀରେ କଥା ହେବା ପରେ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ତାଙ୍କ ମନରେ ଯେପରି ସନ୍ଦେହ ନ ହେବ, ସେଥିପାଇଁ ପୋଲିସ ଡ୍ରେସ୍‌ରେ ଫଟୋ ଏଡିଟ କରି ତାଙ୍କ ପାଖକୁ ପଠାଇଥିଲେ। ଗାଡ଼ିରେ ଯାଉଥିବାବେଳେ ବା କୌଣସି କୋଠାରେ ପୋଲିସ ପୋଷାକରେ ବସି ଥିବାବେଳର ଫଟୋ ପଠାଇ ବିଶ୍ୱାସ ଜନ୍ମାଇଥିଲେ। ରାଉରକେଲା ସେକ୍ଟର ୧୫ ଥାନାରେ ଇନ୍ସପେକ୍ଟର ଥିବା କହିଥିଲେ। ଏହାପରେ ଅଭିଯୁକ୍ତ ସୁବାସ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେବାରୁ ସେ ରାଜି ହୋଇ ପରବର୍ତ୍ତୀ ସମୟରେ ବିବାହ କରିଥିଲେ। ବିବାହ ପରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ସତ ଧରାପଡ଼ିଯିବା ଭୟରେ ଅଭିଯୁକ୍ତ ବିଭିନ୍ନ ବାହାନ ଦେଖାଇ ତାଙ୍କୁ ଘରକୁ ନ ନେଇ ଖଣ୍ଡଗିରି ସରକନ୍ତରାସ୍ଥିତ ଏକ ଭଡାଘରେ ରଖିଥିଲେ। ଫଳରେ ଯୁବତୀ ଜଣଙ୍କର ସନ୍ଦେହ ହେବାରୁ ସେ ଅଭିଯୁକ୍ତ ସୁବାସଙ୍କ ଉପରେ ଟିକିନିଖି ନଜର ରଖିଥିଲେ। ଏହି ସମୟରେ ତାଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ବଢ଼ିବାରୁ ସେ ସୁବାସ ଚଢୁଥିବା ଏକ ସୁଇଫ୍ଟ ଡିଜାୟାର କାରର ରେଜିଷ୍ଟ୍ରେଶନ ନମ୍ବର ଜରିଆରେ ପ୍ରକୃତ ସତ ଜାଣିବାକୁ ପାଇଥିଲେ। ଏହାପରେ ପୀଡିତା ଜଣକ ଏ ନେଇ ଥାନାରେ ଏତଲା ପରେ ପୋଲିସ ଅଭିଯୁକ୍ତ ସୁବାସଙ୍କୁ ଗିରଫ କରିବା ସହ ତାଙ୍କ କେଲେଙ୍କାରୀର ପର୍ଦ୍ଦାଫାଶ କରିଛି।

# ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା

## ୩ଦିନ ଧରି ନିଖୋଜ ଥିଲେ, ଅଭିଯୁକ୍ତ ଗିରଫ

ନାକଟୀଦେଉଳ, ୧୯(ବୈକୁଣ୍ଠନାଥ ସାହୁ)

ନିଖୋଜର ୩ ଦିନ ପରେ ଜଙ୍ଗଲରୁ ମିଳିଲା ଯୁବତୀଙ୍କ ଉଲଗ୍ନ ଗଳିତ ମୃତଦେହ। ତାଙ୍କୁ ବଳାତ୍କାର ପରେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହଭଳି ଅଭିଯୋଗ ଆସିଛି ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ସାହେବୀ ଅଞ୍ଚଳରୁ। ଅଭିଯୋଗକ୍ରମେ ପୋଲିସ ସାହେବୀ ଗାଁର ହରି ବେହେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ନାଳରେ ଶୌଚ ସମୟରେ ସମ୍ପୃକ୍ତ ଯୁବତୀଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ତାଙ୍କୁ ଚାପୁଡ଼ା ମାରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ଲୁଚାଇବା ପାଇଁ ପାଖରେ ଥିବା ବୁଦାରେ ମୃତଦେହ ଲୁଚାଇ ଦେଇଥିଲେ। ରାତିରେ ନାଳ ସମୀପ କାଉଁଶୀଖୁଜ ଜଙ୍ଗଲକୁ ମୃତଦେହ ନେଇ ଫିଙ୍ଗି ଦେଇଥିବା ଅଭିଯୁକ୍ତ ପଚରାଉଚରା ବେଳେ ସ୍ୱୀକାର କରିଥିବା ସମ୍ବଲପୁର ଅତିରିକ୍ତ ଏସ୍‌ପି ଆଲବିନୁସ କେରକେଟା କହିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବଳାତ୍କାର ହୋଇଛି କି ନାହିଁ ତାହା ଜଣାପଡିବ ବୋଲି ସେ କହିଛନ୍ତି।

ସୂଚନା ଅନୁସାରେ, ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଘର ନିକଟ ସୁଆଗିଝରଣ ନାଳକୁ ସମ୍ପୃକ୍ତା ୧୯ବର୍ଷୀୟା ଯୁବତୀ ଗାଧୋଇବାକୁ ଯାଇଥିଲେ। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ନାଳ ନିକଟକୁ ଯାଇଥିଲେ। ଗାଧୁଆ ତୁଠରେ ତାଙ୍କ ଚପଲ, ଡ୍ରେସ ଏବଂ ମୋବାଇଲ ପଡ଼ିଥିବା ବେଳେ ସେଠାରେ ତାଙ୍କ ପତ୍ତା ମିଳି ନ ଥିଲା। ପରିବାର ଲୋକେ ଆଖପାଖ ସ୍ଥାନରେ ବହୁ ସମୟ ଧରି ଖୋଜାଖୋଜି କରି ଝିଅକୁ ନ ପାଇ ନାକଟୀଦେଉଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଝିଅକୁ ହତ୍ୟା କରାଯାଇଛି ଏବଂ ସାହେବୀ ଗ୍ରାମର ହରି ବେହେରାଙ୍କର ଏଥିରେ ହାତ ଅଛି ବୋଲି ସେମାନେ ସନ୍ଦେହ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। ଘଟଣାକ୍ରମରେ ରବିବାର ସକାଳୁ ଝାରବେଡ଼ା ପାଣ୍ଡୁରିପଶି ସାହି ନିକଟ କାଉଁଶୀଖୁଜ ଜଙ୍ଗଲ ପାଖ ଜମିକୁ କାମ କରିବାକୁ ଯାଇଥିବା ଝାରବେଡ଼ା ଗ୍ରାମର କେତେଜଣ ମହିଳା ପଚାଗନ୍ଧ ଆସୁଥିବା ସ୍ଥାନକୁ ଯିବାରୁ ସେଠାରେ ଏକ ଖାଲ ସ୍ଥାନରେ ଉଲଗ୍ନ ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପାଇ ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ସାମଲ ଏବଂ ନାକଟୀଦେଉଳ ଥାନା ଅଧିକାରୀ ଝସକେତନ ଭୋଇ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇବାକୁ ଉଦ୍ୟମ କରିବା ବେଳେ ଉତ୍ତ୍ୟକ୍ତ ଲୋକେ ଏହାକୁ ବିରୋଧ କରିଥିଲେ। ହତ୍ୟାକାରୀଙ୍କୁ ଘଟଣାସ୍ଥଳକୁ ଆଣି ଡେମୋ ଦେଖାଇବା ପରେ ମୃତଦେହ ଅଭିଯୁକ୍ତ ନିଜେ ଉଠାଇବା ଦାବି କରି ମଧ୍ୟାହ୍ନ ୧୨ଟାରୁ ସେମାନେ ନାକଟୀଦେଉଳ-ବାଟଗାଁ ରାସ୍ତାର ଝାରବେଡାଠାରେ ଅବରୋଧ କରିଥିଲେ। ନାକଟୀଦେଉଳ ତହସିଲଦାର ଅମର କୁମାର ଡୁଙ୍ଗଡୁଙ୍ଗ, ରେଢାଖୋଲ ଏସ୍‌ଡିପିଓ ସାମଲ ଏବଂ ନାକଟୀଦେଉଳ ଥାନା ଅଧିକାରୀ ଭୋଇ ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତ ଗିରଫ ହୋଇଥିବା ଅବଗତ କରାଯିବା ପରେ ରାସ୍ତାରୋକୋ ରାତି ୯ଟାରେ ପ୍ରତ୍ୟାହୃତ ହୋଇଥିଲା।

# ଛତ୍ରପୁର ବିଇଓଙ୍କୁ ଗିରଫ କଲା ଭିଜିଲାନ୍ସ

ବ୍ରହ୍ମପୁର/ଛତ୍ରପୁର, ୧୯
(ସୁବାଷ ପାଢ଼ୀ/ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସୀତାରାମ ପାତ୍ରଙ୍କୁ ରବିବାର ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଭିଜିଲାନ୍ସ ପକ୍ଷରୁ ତାଙ୍କ ବାସଭବନ, କାର୍ଯ୍ୟାଳୟ ସମେତ ୬ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ସୀତାରାମ ଓ ତାଙ୍କ ସ୍ତ୍ରୀ ସସ୍ମିତା କୁମାରୀ ପାତ୍ରଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୬୩ ଲକ୍ଷ ୯୯ହଜାର ୫୮ ଟଙ୍କା ଆକଳନ କରାଯାଇଥିଲା। ସୀତାରାମଙ୍କ ଆୟ ୯୯ ଲକ୍ଷ ୬୯ହଜାର ୯୦୪ ଟଙ୍କା ହୋଇଥିବା ବେଳେ ତାଙ୍କ ବ୍ୟୟର ହିସାବ ୪୪ଲକ୍ଷ ୯୭ହଜାର ୫୪୬ ଟଙ୍କା। ଆୟବହିର୍ଭୂତ ସମ୍ପତ୍ତି ୧କୋଟି ୯ଲକ୍ଷ ୨୬ହଜାର ୭୦୦ ଟଙ୍କାର ହିସାବ ସେ ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଭିଜିଲାନ୍ସ ଉଭୟ ସୀତାରାମ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ନଂ.୧୫/୨୪ରେ ମାମଲା ରୁଜୁ କରିଛି। ସୀତାରାମଙ୍କୁ ରବିବାର ଗିରଫ ପରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜଜ୍ ତାଙ୍କୁ ଆସନ୍ତା ୧୩ ତାରିଖ ଯାଏଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର



ସୀତାରାମ ପାତ୍ର

ପବ୍ଲିକ ପ୍ରସିକ୍ୟୁଟର(ପିପି) ସୁରେନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଇଓ ସୀତାରାମଙ୍କ ବିରୋଧରେ ବିଭିନ୍ନ ପ୍ରକାର ଦୁର୍ନୀତିମୂଳକ କାର୍ଯ୍ୟ ନେଇ ବିଗତ ଦିନରେ ଅଭିଯୋଗ ଆସିଥିଲା। ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ତାଙ୍କର ବ୍ରହ୍ମପୁରସ୍ଥିତ ଖୋଡ଼ାସିଙ୍ଗି ନିକଟ ରାମକୃଷ୍ଣନଗର ସପ୍ତମ ଲେନ୍‌ରେ ଥିବା ୩୫୦୦ ବର୍ଗଫୁଟର ଦୁଇ ମହଲା କୋଠା, ପୋଲସରା କୋଳିସାହିରେ ଥିବା ୧୬୦୦ ବର୍ଗଫୁଟର ଦୁଇ ମହଲା କୋଠା ଓ କୋଳିସାହିରେ ଥିବା ଆଉ ଗୋଟିଏ କୋଠା, ବ୍ରହ୍ମପୁର ଖୋଡ଼ାସିଙ୍ଗିଠାରେ ୨ ହଜାର ବର୍ଗଫୁଟର ଏକ ପ୍ଲଟ, ଘରୁ ୬ ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ କାର, ୨ଟି ଦୁଇଚକିଆ ଯାନ, ୩୫ ଲକ୍ଷ ୬୧ ହଜାର ୧୫୭ ଟଙ୍କାର ବ୍ୟାଙ୍କ ଜମା ଓ ବୀମା କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଥିଲା।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ମହିଳା ମାଓବାଦୀ ମୃତ

ମାଲକାନଗିରି,୧୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବସ୍ତର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ମୃତକମାନେ ହେଲେ ପିଏଲ୍‌ଜିଏ କମ୍ପାନୀ ନଂ. ୫, ଉତ୍ତର ବସ୍ତର ଡିଭିଜନର ସଦସ୍ୟା ତଥା ମାଲକାନଗିରି ଜିଲା ନିବାସୀ ଲକ୍ଷ୍ମୀ। ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେହିପରି ପର୍ତ୍ତାପୁର ଏରିଆ କମିଟି ସଦସ୍ୟା ସବିତାଙ୍କ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଅନ୍ୟଜଣେ ବିଜାପୁର ଜିଲା ନିବାସୀ



ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ

ସାନ୍ତା। ତାଙ୍କ ଲାଗି ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ବସ୍ତର ଜିଲା ଆବୁଜମାଡ ଅଞ୍ଚଳରେ ମାଓବାଦୀମାନେ ବୈଠକ କରୁଥିବା ଖବରପାଇ ବସ୍ତର ପୋଲିସ ଓ ସିଆରପିଏଫ ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ ଆରମ୍ଭ କରିଥିଲେ। ତେବେ ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲାବେଳେ ସୁରକ୍ଷା କର୍ମୀ ତାହାର ଜବାବ ଦେଇଥିଲେ। ଏହାପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ସର୍ଚ୍ଚ ଅପରେଶନ କରି ଘଟଣାସ୍ଥଳରୁ ୩ ମହିଳା ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଏଥିସହ ଗୋଟିଏ ୩୦୩ ରାଇଫଲ, ଦୁଇଟି ୩୧୫ ରାଇଫଲ, ଗୋଟିଏ ବିଜିଏଲ ଲଞ୍ଚର, ଗୋଟିଏ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋଟକ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି।

# ଅଭିଯୋଗକାରୀ ନିଜେ ଅଭିଯୁକ୍ତ

କେନ୍ଦୁଝର/ତେଲକୋଇ(ନରେଶ ଚନ୍ଦ୍ର ପଟ୍ଟନାୟକ/ରଞ୍ଜିତ ବିଶ୍ୱାଳ),୧୯

**ନାବାଳକ ଅପହରଣ ଘଟଣା**

କେନ୍ଦୁଝର ଜିଲା ତେଲକୋଇ ଥାନା କରଦାଙ୍ଗି ଗ୍ରାମର ନାବାଳକ ଅପହରଣ ଘଟଣା ଭିନ୍ନ ମୋଡ଼ ନେଇଛି। ଅଭିଯୋଗକାରିଣୀ ନିଜେ ହିଁ ଅଭିଯୁକ୍ତ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଗ୍ରାମର ଜଣେ ମହିଳାଙ୍କଠାରୁ ପ୍ରତିଶୋଧ ନେବାକୁ ନାବାଳକଙ୍କ ମା' ଏଭଳି ନାଟକ କରିଥିବା ରବିବାର କେନ୍ଦୁଝର ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ପ୍ରେସ୍ ବିବୃତି ଜରିଆରେ ଜଣାଇଛନ୍ତି।

ଅଗଷ୍ଟ ୨୭ରେ ରିଙ୍କିଙ୍କ ପୁଅ (ନାବାଳକ) ୩ ସାଙ୍ଗଙ୍କ ସହ ମିଶି ଭୋଜି କରୁଥିଲେ। ନାବାଳକଙ୍କ ସାଙ୍ଗ ଅର୍ଥାତ ଗ୍ରାମର ରଶ୍ମି ପାତ୍ରଙ୍କ ପୁଅ ଘରୁ ୩୦୦୦ ଟଙ୍କା ଆଣିଥିଲେ। ସେହି ଟଙ୍କାରେ ଭୋଜି ହୋଇଥିଲା। ରଶ୍ମି ଏହା ଜାଣିବା ପରେ ତାଙ୍କ ପୁଅଙ୍କୁ ରିଙ୍କିଙ୍କ ପୁଅଙ୍କ ସହ ମିଶିବାକୁ ବାରଣ କରିଥିଲେ। ଏଥିସହ ରିଙ୍କିଙ୍କ ପୁଅଙ୍କୁ ଘରକୁ ଆସିବାକୁ ମନା କରିବା ସହ ତାଙ୍କ ସାଇକେଲ ରଖିଦେଇଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ରିଙ୍କି ତାଙ୍କ ପୁଅଙ୍କୁ ଗ୍ରାମର ଅହଲ୍ୟା ପାତ୍ରଙ୍କ ଘରେ ଲୁଚାଇ ରଖି ଥାନାରେ ରଶ୍ମି ତାଙ୍କ ପୁଅଙ୍କୁ ବନ୍ଧକ ରଖିଥିବା ୨୭ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ନାବାଳକଙ୍କୁ ଉଦ୍ଧାର କରିଛି। ତେବେ ମିଥ୍ୟା ଅଭିଯୋଗ ନେଇ ରିଙ୍କିଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ।

ରିଙ୍କି ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅଙ୍କୁ ରଶ୍ମି ପାତ୍ର ବନ୍ଧକ ରଖିଛନ୍ତି। ୩୦୦୦ ଟଙ୍କା ନ ଦେଲେ ପୁଅକୁ ଫେରାଇବେ ନାହିଁ ବୋଲି ଧମକ ଦେଉଥିବା ରିଙ୍କି ଦର୍ଶାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଉଭୟ ରିଙ୍କି ଓ ରଶ୍ମିଙ୍କ ଘର ଓ ଏହାର ଆଖପାଖରେ ଖୋଜି ପାଇ ନ ଥିଲେ। ନାଟକୀୟ ଢଙ୍ଗରେ ଅଗଷ୍ଟ ୩୦ ସକାଳେ ନାବାଳକ ରଶ୍ମିଙ୍କ ଘର ପାଖ ଏକ ଭାଡ଼ି ତଳେ ଶୋଇଥିବା ଅବସ୍ଥାରେ ଗାଁ ଲୋକେ ଦେଖି ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କ ଘରୁ ୧୪.୮୧ ଲକ୍ଷ ଟଙ୍କା ଜବତ

ରାୟଗଡ଼ା,୧୯
(ଆଶିଷ ରଞ୍ଜନ ପଣ୍ଡା)

**୩୫ ଗ୍ରାମ୍ ସୁନା ଜବତ, ୨ କୋଠା, ୨ ପ୍ଲଟ ଠାବ**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀଙ୍କ ରାଣୀଗୁଡ଼ା ଏବଂ ଟିକିରିସ୍ଥିତ ବାସଭବନରେ ଭିଜିଲାନ୍ସ ଟିମ୍ ରବିବାର ଚଢ଼ାଉ କରିଛି। ବର୍ତ୍ତମାନ ସୁଦ୍ଧା ତାଙ୍କ ଘରୁ ନଗଦ ୧୪ ଲକ୍ଷ ୮୧ ହଜାର ୩୦୦ ଟଙ୍କା, ପ୍ରାୟ ୩୫ ଗ୍ରାମ୍‌ର ସୁନା ଅଳଙ୍କାର ଜବତ ହୋଇଛି। ସେହିଭଳି ରାୟଗଡ଼ା ଓ ଟିକିରିଠାରେ ଗୋଟିଏ ଲେଖାଏ ଦୁଇ ମହଲା ଘର ସମେତ ରାୟଗଡା ସହରରେ ଦୁଇଟି ପ୍ଲଟ ଠାବ ହୋଇଛି। ରବିବାର ଛୁଟି ଯୋଗୁ ବ୍ୟାଙ୍କ ଜମା ସମେତ ଅନ୍ୟାନ୍ୟ ଡିପୋଜିଟ ଜଣାପଡ଼ିନାହିଁ। ସୋମବାର ସେ ସମ୍ପର୍କରେ ଅନୁସନ୍ଧାନ କରାଯିବ ବୋଲି ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରା ସୂଚନା ଦେଇଛନ୍ତି। ଯନ୍ତ୍ରୀଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଭିଜିଲାନ୍ସର ୧୨ ଜଣିଆ ଟିମ୍ ତାଙ୍କ ଘରେ ଚଢ଼ାଉ କରିବା ସମୟରେ ପ୍ରତ୍ୟେକ ସାମଗ୍ରୀ ଯାଞ୍ଚ କରିଥିଲେ। ସେଗୁଡ଼ିକର ଦର ନିର୍ଦ୍ଧାରଣ ପରେ ଯନ୍ତ୍ରୀ କେତେ ସମ୍ପତ୍ତି ଠୁଳ କରିଥିଲେ ତାହା ଜଣାପଡ଼ିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

କନିଷ୍ଠ ଯନ୍ତ୍ରୀ ଚୌଧୁରୀ ଶନିବାର ସନ୍ଧ୍ୟାରେ ରାୟଗଡ଼ା ସହରର ରାଣୀଗୁଡ଼ାସ୍ଥିତ ଘରେ



ଏମ୍‌ଜିଏନ୍‌ଆରଇଜିଏସ୍ ମେଟ୍ କ୍ଷେତ୍ର ମାଝୀଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ଭିଜିଲାନ୍ସ ଧରିବା ପରେ ଯନ୍ତ୍ରୀ ଚୌଧୁରୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଅଧିକ ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ କହିଛନ୍ତି। ସେଥିପାଇଁ ଜୟପୁର ଭିଜିଲାନ୍ସ ଏସ୍‌ପି ରାୟଗଡ଼ା ଆସିବେ ବୋଲି ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଚିନ୍ତା ନାରୀ ବାପଘର ଯାଏ
ମନ ଫୁଲାଣିଆ ଗୀତ ଗାଉଗାଏ।**

ଶାଶୁଘରେ ବୋହୂ ଉପରେ ଅନେକ ଦାୟିତ୍ୱ ରହିଥାଏ। ସାଧାରଣତଃ ପିଲାପିଲି ନ ଥିବା ନାରୀର ଦାୟିତ୍ୱ ବା ଜଞ୍ଜାଳ କମ। ଏପରିସ୍ଥଳେ ଶାଶୁ ଘରର ଜଞ୍ଜାଳ ଭିତରେ ମୁଣ୍ଡ ପୂରାଉ ନ ଥିବା ବେପରୁଆ ନାରୀ ବେଳଅବେଳରେ ବାପଘରକୁ ଯାଇ ଅୟସରେ ଦିନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳସୁଆ ଘୋଡ଼ାକୁ
ମେଘ ଆଶ୍ରା।**

ଯେ ଅଳସୁଆ, କାମଦାମ ନ କରିବାକୁ ଓର ଉଣ୍ଡୁଥାଏ, ତାକୁ ଟିକିଏ ବାହାନା ମିଳିଗଲେ କାମ ନ କରି ରହିଯାଏ। ମେଘ ହେଲେ କିମ୍ବା ପାଗ ଖରାପ ହେଲେ ବୋଝ ବୋହିବା ଦରକାର ପଡ଼େନି। ଫଳସ୍ୱରୂପ ଘରେ ରହିବାର ମଉକା ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏସ୍‌ଏମ୍‌ସି କମ୍ପାନୀ ଶେୟାର ବଜାର ନାଁରେ ୮ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ବଲାଙ୍ଗୀର ଥାନାରେ ଧାରଣା ଦେଲେ ମାଲକାନଗିରିର ଜମାକାରୀ

ମାଲକାନଗିରି, ୧୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଠକେଇ ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବେ ବିଜେଡିର ୨ ନେତା ଚାକିରି ନାଁରେ ବହୁ ଲକ୍ଷ ଟଙ୍କା ଠକିନେଇ ଗିରଫ ହୋଇଥିବା ବେଳେ ପୂର୍ବରୁ ମଧ ବିଭିନ୍ନ ଫାଇନାନ୍ସ, ଲଟେରିରେ ଗାଡି, ଘର ଓ କାର ମିଳିବା ଏବଂ ବିଭିନ୍ନ ଚିଟଫଣ୍ଡରେ ଟଙ୍କା ବାନ୍ଧିଲେ ୫୦ ପ୍ରତିଶତ ଲାଭ ମିଳିବା ଲୋଭରେ ଅନେକ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି। ସେହିଭଳି ଜିଲାରେ ଆଉ ଏକ ଠକେଇ ଘଟଣା ପଦାକୁ ଆସିଛି। ପ୍ରାୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଲାଙ୍ଗୀରର ଜଣେ ବ୍ୟକ୍ତି ଠକି ନେଇଥିବା ଜଣାପଡିଛି। ଏ ନେଇ ମାଲକାନଗିରି କେତେଜଣ ଜମାକାରୀ ରବିବାର ବଲାଙ୍ଗୀର ଥାନାର ଦ୍ୱାରସ୍ଥ ହୋଇ ଧାରଣା ଦେଇଥିବା ଜଣାପଡିଛି।

୨୦୧୭ରେ ବଲାଙ୍ଗୀର ଜିଲା ମାଳପଡା ଗ୍ରାମର ଦେବଜିତ ତ୍ରିପାଠୀ ଓରଫ ଅଜିତ ନାମକ ଜଣେ ବ୍ୟକ୍ତି ମାଲକାନଗିରି ସଦରମହକୁମାର କେତେକ ବ୍ୟବସାୟୀଙ୍କୁ ଏସ୍‌ଏମ୍‌ସି କମ୍ପାନୀର ସେୟାର ବଜାରରେ ଟଙ୍କା ଜମା ରଖିଲେ ଦୁଇଗୁଣ ପାଇବେ ବୋଲି ଲୋଭ ଦେଖାଇ ପ୍ରତିମାସରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ପ୍ରଥମେ ୧୦ ହଜାର ରଖିଲେ ତାଙ୍କୁ ବର୍ଷକ ମଧ୍ୟରେ ୨୦ ହଜାର ଟଙ୍କା ଦେଉଥିଲେ। ବ୍ୟବସାୟୀମାନେ ଏଥିରେ ବିଶ୍ୱାସକରି ବହୁ ଲକ୍ଷ ଟଙ୍କା ତ୍ରିପାଠୀଙ୍କ ମାଧ୍ୟମରେ ଜମା କରୁଥିଲେ। ତେବେ ଏହି କମ୍ପାନୀରେ ଜମା ରଖିବାର ୨ ବର୍ଷ ପରେ ମାଲକାନଗିରିର କେତେଜଣ ବ୍ୟବସାୟୀ ତାଙ୍କୁ ଟଙ୍କା ମାଗିବାରୁ ତ୍ରିପାଠୀ ଆଧାର ଓ ପ୍ୟାନ୍‌କାର୍ଡ ତଥ୍ୟ ଠିକ୍ ନ ଥିବା କହିଥିଲେ। ପରବର୍ତ୍ତୀ ସମୟରେ କୋଭିଡ୍ ଯୋଗୁ ୨ ବର୍ଷ ବିତିଗଲା। ପରେ ପୁନର୍ବାର ଟଙ୍କା ଶୀଘ୍ର ରଖିଲେ ଅର୍ଥ ଦୁଇଗୁଣ ହେବ ବୋଲି ଲୋଭ ଦେଖାଇଥିଲେ। ଫଳରେ ଏହି ବ୍ୟବସାୟୀମାନେ ବହୁ ଲକ୍ଷ ଟଙ୍କା ତ୍ରିପାଠୀଙ୍କ ପାଖରେ ଜମା କରିଥିଲେ। ଗତ ୨ ବର୍ଷ ଧରି ବ୍ୟବସାୟୀମାନେ ତ୍ରିପାଠୀଙ୍କୁ ଟଙ୍କା ମାଗିବାରୁ ସେ ବିଭିନ୍ନ ଆଳ ଦେଖାଇ ମିଳିଯିବ ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି କହି ଚାଲିଥିଲେ। ଶେଷରେ ଗତ କିଛି ମାସଧରି ତ୍ରିପାଠୀଙ୍କ ସହ ଯୋଗାଯୋଗ ନ ହେବାରୁ ଏ ସମ୍ପର୍କରେ ଜମାକାରୀମାନେ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଥାନା ଆଇଆଇସି ଟଙ୍କା ଜମାର ସମସ୍ତ ପ୍ରମାଣପତ୍ର ଦେବାକୁ ଜମାକାରୀଙ୍କୁ କହିଥିଲେ। କିନ୍ତୁ ଥାନାରେ ଜମାକରୀମାନେ କୌଣସି କାଗଜପତ୍ର ଦାଖଲ କରି ନ ଥିବା ଆଇଆଇସି କହିଛନ୍ତି। ଜମାକାରୀମାନେ ରବିବାର ବଲାଙ୍ଗୀର ସଦର ଥାନାରେ ଧାରଣା ଦେଇଥିବା ଜଣାପଡିଛି। ଜମାକାରୀଙ୍କ ମଧ୍ୟରେ ମାଲକାନଗିରି ସହରର ଜିତୁ ପାତ୍ର ଓ ସତୀଶଙ୍କ ସହ ଅନ୍ୟମାନେ ଥାନାର ଦ୍ୱାରସ୍ଥ ହେବା ସହ ତ୍ରିପାଠୀଙ୍କ ଘର ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ତେବେ ତ୍ରିପାଠୀ ମାଲକାନଗିରି ଜିଲାରୁ ପ୍ରାୟ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡିଛି।





ମାଲକାନଗିରି ଜିଲାର ଜମାକାରୀମାନେ ବଲାଙ୍ଗୀର ଥାନା ଆଗରେ ଜମା ସମ୍ପର୍କିତ କାଗଜ ଦେଖାଉଛନ୍ତି।

**NOTICE**

**Before the Central Government
Registrar of LLP Cuttack, Orissa**

In the matter of sub-section (3) of Section 13 of Limited Liability Partnership Act, 2008 and rule 17 of the Limited Liability Partnership Rules, 2009 AND In the matter of RATHO LEGAL AND MANAGEMENT SERVICES LLP having its registered office at Plot No N2/14B IRC Village, Khordha, Bhubaneswar-751015, Orissa, Petitioner.

Notice is hereby given to the General Public that the LLP proposes to make a petition to Registrar of LLP Cuttack, Orissa under section 13 (3) of the Limited Liability Partnership Act, 2008 seeking permission to change its Registered office from the "State of Orissa" to the "State of Maharashtra."

Any person whose interest is likely to be affected by the proposed change of the registered office of the LLP may deliver or cause to be delivered or send by Registered post of his/her objections supported by an affidavit stating the nature his/her interest and grounds of opposition supported by an affidavit to the Registrar of LLP Cuttack, Orissa within 21( twenty one) days from the date of publication of this notice with a copy to the petitioner LLP at its registered office at the address mentioned above.

For and on behalf of the
RATHO LEGAL AND MANAGEMENT SERVICES LLP
Sd./- Subrat Ratho
Designated Partner
Place: Bhubaneswar
Date: 02.09.2024

No.A-260

**GOVERNMENT OF ODISHA
DEPARTMENT OF WATER RESOURCES
Office of the Additional Chief Engineer,
Rushikulya Bahuda Basin, Berhampur - 760004**

e-mail id : se_sicbam@yahoo.com

**e-Procurement Notice No. ACE, RBB - 24/2024-25**

1. Type of Work : System Improvement Work, 2. Total No. of Works : 01 (One) No.,
3. Amount put to tender : Rs. 101.14 Lakh, 4. Period of completion : 11 (Eleven) calendar months

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 46/2024-25 | 101.14 | From 04.09.2024, 10.00 A.M. to 18.09.2024, 5.00 P.M. |

Date of opening of the Technical Bid : 19.09.2024 at 11.30 A.M. Further details can be seen from the Govt. website www.tendersodisha.gov.in

Sd./- Additional Chief Engineer,
Rushikulya Bahuda Basin,
Berhampur

OIPR-32411/11/0002/2425

# ରାସ୍ତାରେ ରୋଇଲେ ଧାନତଳି

## ମରାମତି ନ ହେବାରୁ ଗାଁ ଲୋକଙ୍କ ପ୍ରତିବାଦ

ବନ୍ତ,୧୯(ହରିନାରାୟଣ ମହାନ୍ତି)

ମରାମତି ନ ହେବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ରାସ୍ତା ମରାମତି ନେଇ ପଦକ୍ଷେପ ନିଆଯାଉ ନାହିଁ। ବର୍ଷାଦିନେ ପାଣି ଜମିବା ସହ ରାସ୍ତା କାଦୁଅ ଯୋଗୁ ଲୋକେ ଯିବାଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ଏହାର ପ୍ରତିବାଦ ଜଣାଇ ରାସ୍ତାରେ ଧାନ ତଳି ରୋଇଛନ୍ତି। ରବିବାର ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଛୟାଳସିଂହ ପଞ୍ଚାୟତର ମଙ୍ଗୁଲି ବ୍ରାହ୍ମଣସାହି ଗ୍ରାମରେ।

୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବ୍ରାହ୍ମଣସାହି କଂକ୍ରିଟ ରୋଡ୍‌ଠାରୁ ସାବିତ୍ରୀ ପୋଲ ଛକ ରାସ୍ତା ମାଟି ଓ ମୋରମ କାର୍ଯ୍ୟ ହୋଇଥିଲା।


ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ବ୍ରାହ୍ମଣସାହି ଗାଁର ଦୁଇଜଣ କାଦୁଅ ରାସ୍ତାରେ ଧାନତଳି ରୋଉଛନ୍ତି।

ତା'ପରଠାରୁ ଏହି ରାସ୍ତା ଆଉ ମରାମତି ହୋଇନାହିଁ। ଫଳରେ ବର୍ଷାଦିନେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ପାଣି କାଦୁଅରେ ଯିବାଆସିବା କରୁଛନ୍ତି। ରାସ୍ତା ଖରାପ ଯୋଗୁ ଜରୁରୀ ପରିସ୍ଥିତିରେ ଗାଁ ଭିତରକୁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଆସିପାରୁ ନାହିଁ। ଦୈନନ୍ଦିନ ଗ୍ରାମର ଲୋକେ ଏହି ରାସ୍ତା ଦେଇ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଓ ଡାକ୍ତରଖାନାକୁ ଯାତାୟାତ କରିଥାନ୍ତି। ସେହିପରି ଛୟାଳସିଂହ, ଓଡ଼ଙ୍ଗ, କାଦବରାଙ୍ଗ, ଗଣିଜାଙ୍ଗ, ଟିଲୋ ଆଦି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତାର ଦୁରବସ୍ଥା ଯୋଗୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବ୍ରାହ୍ମଣସାହି ଗ୍ରାମର ସୁବ୍ରତ କର, ଟିଙ୍କୁ ସାହୁ, ରଘୁନାଥ ରାଉତ, ପିଙ୍କୁ ପାଣିଗ୍ରାହୀ, ଚନ୍ଦନ ପତି ପ୍ରମୁଖ ଏହି ରାସ୍ତାରେ ଧାନ ତଳି ରୋଇଛନ୍ତି। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି ସହ ସ୍ଥାୟୀ ପକ୍କା କିମ୍ବା ପିଚୁ ରାସ୍ତା କରାଯିବାକୁ ଗ୍ରାମବାସୀ ଗଣମାଧ୍ୟମ ଜରିଆରେ ଏମ୍‌ପି, ବିଧାୟକ, ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ମନୋନୀତ ପ୍ରତ୍ୟାଶା


ପ୍ରତ୍ୟାଶା ସାହୁ।

ଭଣ୍ଡାରିପୋଖରୀ,୧୯ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ସାହୁ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବରିଷ୍ଠ ବ୍ୟାଡ୍‌ମିଣ୍ଟନ ବିଭାଗରେ ସେ ସଫଳତା ପାଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପହି ଓ କ୍ରୀଡ଼ା ଶିକ୍ଷକ ସ୍ମୃତିରଞ୍ଜନ ଦାସ ତାଙ୍କ ସଫଳତା କାମନା କରିଛନ୍ତି।

### ଡିଭାଇଡରରେ ଧକ୍କାହେଲା ବାଇକ୍: ଯୁବକ ମୃତ, ସାଙ୍ଗ ଆହତ

ଭଦ୍ରକ,୧୯(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ୧୬ ନଂ. ଜାତୀୟ ରାଜପଥର ଖେମ୍‌କା ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ବାଇକ୍ ଡିଭାଇଡର୍‌କୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ଭଦ୍ରକ ପୌରପାଳିକା ଅଧୀନ କୁଆଁସ ଗ୍ରାମର ରବୀନ୍ଦ୍ର ଦାସ। ରବୀନ୍ଦ୍ର ଓ ତାଙ୍କ ସାଙ୍ଗ ମନୋଜ ଜେନା ଏକ ବାଇକ୍‌ରେ ଭଦ୍ରକରୁ ରାଣୀତାଲ ଅଭିମୁଖେ ଯାଉଥିଲେ। ଖେମ୍‌କା ଛକ ନିକଟରେ ନିୟନ୍ତ୍ରଣ ହରାଇ ବାମପଟ ଡିଭାଇଡର୍‌କୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ବାଇକ୍ ଚାଳକ ରବୀନ୍ଦ୍ରଙ୍କ ମୁଣ୍ଡ ପଛପାଖରେ ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ମନୋଜଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆଧ୍ୟାତ୍ମିକ ଚେତନା ସୃଷ୍ଟି ଲକ୍ଷ୍ୟରେ ଚିତ୍ତରଞ୍ଜନ

ବନ୍ତ,୧୯(ହରିନାରାୟଣ ମହାନ୍ତି)

ବର୍ତ୍ତମାନ ସମାଜରେ ଲୋକେ ଆଧ୍ୟାତ୍ମିକତାକୁ ଭୁଲି ଆଧୁନିକତାକୁ ଗ୍ରହଣ କରୁଛନ୍ତି। ବିଶ୍ୱର ଜନକଲ୍ୟାଣ ପାଇଁ ଆଧ୍ୟାତ୍ମିକ ଚେତନାକୁ ପ୍ରବଚନ ମାଧ୍ୟମରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଓଳମ ଗ୍ରାମର ପ୍ରବଚକ ପଣ୍ଡିତ ଚିତ୍ତରଞ୍ଜନ ନାୟକ(୩୩)। ସେ ଗ୍ରାମର କୈଳାସ ଚନ୍ଦ୍ର ନାୟକଙ୍କ ମଧ୍ୟମ କନିଷ୍ଠ ପୁତ୍ର। ବାପା ପାଲାଗାୟକ ଥିବାରୁ ବାପାଙ୍କ ଅନ୍ତେ ସେ କଳାକୁ ଆପଣାଇଛନ୍ତି। ଚିତ୍ତରଞ୍ଜନ କହନ୍ତି, ପିଲାଟି ବେଳୁ ସେ ସଂସ୍କୃତ ସାହିତ୍ୟ ଓ କଳା ପ୍ରତି ରୁଚି ରଖିଥିଲେ। ନିଜ ଗ୍ରାମ ତଥା ଓଳମ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରାଥମିକ, ୨୦୦୪ରେ ନିଳୋକ ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟରେ ମଧ୍ୟମା, ୨୦୦୬ରେ ନାଆଁମୀ ମହାବିଦ୍ୟାଳୟରେ ଯୁକ୍ତ ୨, ୨୦୦୯ରେ କନ୍ତିଆସ୍ଥିତ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟରେ ଶାସ୍ତ୍ରୀ ଏବଂ ୨୦୧୨-୧୩ ମସିହାରେ କର୍ଣ୍ଣାଟକ ମୁକ୍ତ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ସାହିତ୍ୟରେ ସ୍ନାତକୋତ୍ତର ପାସ୍ କରିଥିଲେ। ବାପା ତାଙ୍କର ପ୍ରଥମ ଗୁରୁ ଥିଲେ। ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟ ପ୍ରଧାନ ପଣ୍ଡିତ ବିଷ୍ଣୁ ମୋହନ ପ୍ରଧାନଙ୍କଠାରୁ ସେ ସଂସ୍କୃତ ସାହିତ୍ୟ ଶିକ୍ଷାଲାଭ କରିଥିଲେ। ବାପାଙ୍କ


ପ୍ରବଚକ ପଣ୍ଡିତ ଚିତ୍ତରଞ୍ଜନ ନାୟକ

ପରାମର୍ଶକ୍ରମେ ସେ କଳା ପ୍ରତି ଆକୃଷ୍ଟ ହୋଇଥିଲେ। ୨୦୦୯ରେ ଅଣ୍ଡେଇପଲ୍ଲୀ ଗ୍ରାମର ନିଜ ଭିଣୋଇ ତଥା ଗୁରୁ ପଣ୍ଡିତ ଖଗେଶ୍ୱର ନାୟକଙ୍କଠାରୁ ଏବଂ ପରେ ଢେଙ୍କାନାଳ ଆଶ୍ରମର ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜଙ୍କଠାରୁ ପ୍ରବଚନ ଶିକ୍ଷା ନେଇଥିଲେ। ବର୍ତ୍ତମାନ ସୁଦ୍ଧା ସେ ନିଜେ ବିଭିନ୍ନ ଶାସ୍ତ୍ର, ପୁରାଣ, ବେଦ, ଉପନିଷଦ୍ ଆଦି ଗ୍ରନ୍ଥରୁ ଶିକ୍ଷା ଜାରି ରଖିଛନ୍ତି। ସେ ୨୦୦୯ଠାରୁ ଅଦ୍ୟାବଧି ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ସୁନ୍ଦରଗଡ଼ ଆଦି ଜିଲାର ବିଭିନ୍ନ ସାଂସ୍କୃତିକ ମଞ୍ଚରେ ପ୍ରବଚନ ଦେଇ ପ୍ରଶଂସିତ ହୋଇଛନ୍ତି। ଏଥିସହ ସେ ରାଜ୍ୟ ଓ ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମଞ୍ଚରେ ସମ୍ମାନିତ ହୋଇଛନ୍ତି।

# କୁଇଜ୍, ବକ୍ତୃତା ପ୍ରତିଯୋଗିତା


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଭଦ୍ରକ,୧୯(ସନାତନ ରାଉତ)

ଭଦ୍ରକ ପୌରପାଳିକା ଅଧୀନ କଣ୍ଠାବଣିଆ ଗ୍ରାମରେ ମଦ୍ରାସା ଫୈଯାନେ ଗରୀବ ନୱାଯ ଆନୁକୂଲ୍ୟରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଦ୍ରାସା ସମ୍ପାଦକ ସାହିଦ ରଫିକ୍‌ଙ୍କ ସଭାପତିତ୍ୱରେ କୁଇଜ୍ ପ୍ରତିଯୋଗିତା ଗୋଲାମ ୟାସିନ୍ ସାହେବଙ୍କ କୋରାନ ପାଠରୁ ଆରମ୍ଭ ହୋଇଥିଲା। ମଦ୍ରାସାରେ ପ୍ରାୟ ୧୮୦ଜଣ ମୁସ୍‌ଲିମ୍ ଛାତ୍ରୀଛାତ୍ର ମାଗଣାରେ ଅଧ୍ୟୟନ କରୁଛନ୍ତି। ମୋଟ ୫୭ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କୁଇଜ୍ ପ୍ରତିଯୋଗିତାରେ ଉମ୍ମୁଲ ଖୈର ଫାତମା ପ୍ରଥମ, ସେଖ୍ ଜାବେଦ କାଦରୀ ଦ୍ୱିତୀୟ ଓ ସେଖ୍ ଇସମାଇଲ ମହମ୍ମଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ସେୟଦ୍ ତହସିନ୍ ଅହେମଦ ପ୍ରଥମ, ମହମ୍ମଦ ସେଖ୍ ମହସିନ ରଜା ଦ୍ୱିତୀୟ ଓ ସୈୟଦ ଅହଫାଜ ଅହେମଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ମୁଖ୍ୟଅତିଥି ଯୁବ ସାମାଜିକ କର୍ମୀ ଅସରଫ୍ ଅଲି ଖାନ, ଅନ୍ୟତମ ଅତିଥି ଭାବେ ଭଦ୍ରକ ମୁସ୍‌ଲିମ୍ ଜମାତ ସମ୍ପାଦକ ହାଜୀ ଅବଦୁଲ୍ ମୁକିତ୍ ଖାନ, ହାଜୀ ଅୟୁବ ଅଲୀ ଖାନ, ମଦ୍ରାସା ଶିକ୍ଷକ କାରୀ ୱଲିଉର ରହେମାନ, କାରୀ ଏଜାଜ ଅହେମଦ ଓ ମଦ୍ରାସା ଉପସଭାପତି ସେଖ୍ ମୋହିନୁଦ୍ଦି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସହବାଜ କାଦରୀ ଓ ମହମ୍ମଦ ଅବଦୁର ରହିମ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସେଖ୍ ଅବଦୁଲ ବାରି, ଇସତିଆକ୍ ଖାନ, ସାହାଜାନ ଖାନ୍, ସେଖ୍ ଅହେସାନ ପ୍ରମୁଖ ସହଯୋଗ କରିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ଚେତାବନୀ

### ଫେସ୍‌ବୁକ୍ ପୋଷ୍ଟକୁ ନେଇ କୃଷକସଭା ସମ୍ପାଦକଙ୍କୁ ଆକ୍ରମଣ ଘଟଣା

ତିହିଡ଼ି,୧୯(ସଞ୍ଜିତ୍ ବଳ)

ଅଖିଳ ଭାରତ କୃଷକ ସଭାର ବ୍ଲକ ସମ୍ପାଦକ, ସିପିଆଇ ନେତା ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ଦୌଲତପୁର ଗ୍ରାମର ରବୀନ୍ଦ୍ର ବାରିକଙ୍କୁ ଗତ ୨୮ ତାରିଖରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଫେସ୍‌ବୁକରେ ରବୀନ୍ଦ୍ରଙ୍କ ଏକ ପୋଷ୍ଟକୁ ନେଇ ପାଟଣାସାହି ଗ୍ରାମର ଜଣେ ଯୁବକ ତାଙ୍କୁ ଆକ୍ରମଣ କରିଥିବା ବେଳେ ରବୀନ୍ଦ୍ର ଗତ ୨୮ ତାରିଖରେ ଏନେଇ ପିରହାଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୯୮/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ସିପିଆଇ ଓ କୃଷକ ସଭାର ନେତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତ ଯୁବକଙ୍କୁ ଗିରଫ କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଦାନବାକ୍ସ ମନ୍ଦିରରେ ରଖା ନ ଯାଇ ହସ୍ପିଟାଲରେ ରଖାଗଲେ କେମିତି ହୁଅନ୍ତା ବୋଲି ରବୀନ୍ଦ୍ର ଫେସ୍‌ବୁକ୍‌ରେ ପୋଷ୍ଟ କରି ଲୋକଙ୍କ ମତାମତ ଲୋଡ଼ିଥିଲେ। ଏହି ପୋଷ୍ଟକୁ ନେଇ ଉକ୍ତ ଯୁବକ ରବୀନ୍ଦ୍ରଙ୍କୁ ବିଭିନ୍ନ ପ୍ରକାର ଗାଳିଗୁଲଜ କରିଥିଲେ। ଏପରିକି ୨୮ ତାରିଖ ପୂର୍ବାହ୍ନରେ ପିରହାଟ ବଜାରରେ ରବୀନ୍ଦ୍ରଙ୍କ ଉପରେ ବାଇକ୍ ଚଢ଼ାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଏଥିସହ ସେ ଆକ୍ରମଣ କରିବାରୁ ରବୀନ୍ଦ୍ର ତଳେ ପଡ଼ିଯାଇଥିଲେ। ରବୀନ୍ଦ୍ର ଜଣେ ହୃଦ୍‌ରୋଗୀ ହୋଇଥିବାରୁ ଆକ୍ରମଣ ପରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ପୂଜ୍ୟପୂଜା ସମ୍ମାନ, କବିତା ପାଠୋତ୍ସବ

ଭଦ୍ରକ, ୧୯(ରବିନାରାୟଣ ଖିଲାର)

ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପଠାରେ ମହିଳା ସଙ୍ଗଠନ ଭୂମିକନ୍ୟା ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଲେଖିକା ସଂଯୁକ୍ତା ବଳ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦିକା କବୟିତ୍ରୀ ଦମୟନ୍ତୀ ରାଉତ ସମ୍ପାଦକୀୟ ବିବରଣୀ ପାଠ ଓ ଉପସଭାପତି କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଇଂ. ଅଭୟ ସୂତାର ଏବଂ ସମ୍ମାନିତ ଅତିଥି ଭାବେ ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର, କବୟିତ୍ରୀ ଗୀତାରାଣୀ ଆଇଚ ପ୍ରମୁଖ ଯୋଗ ଦେଇଥିଲେ। ପୂଜ୍ୟପୂଜା ସମ୍ମାନ ଭାରତୀୟ ସଂସ୍କୃତିର ଏକ ମହାନ ପରମ୍ପରା। ଏହାକୁ ବଜାୟ ରଖିବା ସମସ୍ତଙ୍କ ଗୁରୁଦାୟିତ୍ୱ।

ଏହି ଅବସରରେ ଡା. ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ବେହେରା, ଗଙ୍ଗାଧର ସୂତାର ଓ ଶିକ୍ଷୟିତ୍ରୀ ସୁଶ୍ରୀ ଅନିତା ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବଙ୍କ ସଭାପତିତ୍ୱ, ଶାନ୍ତିଲତା ବାରିକ ଓ ସହସମ୍ପାଦିକା ବୀଣାପାଣି ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଶଶଧର ଦାସ, ଆଇନଜୀବୀ ଗଦାଧର ବଳ, କବି ବାବୁଲାଲ ଦାସ, ଗୌରାଙ୍ଗ ବାରିକ, ମମତା ବଳ, ଶାନ୍ତିଲତା ବାରିକ, ସରୋଜିନୀ ନାୟକ ଓ ମାନସୀ ସୂତାର ଯୋଗ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ସଙ୍ଗୀତା ମହାନ୍ତି ସ୍ୱାଗତ ଭାଷଣ, ସୁପ୍ରଭା ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଉପଦେଷ୍ଟା ନିରଞ୍ଜନ ନାୟକ ମଞ୍ଚ ଆମନ୍ତ୍ରଣ କରିଥିଲେ। ସମ୍ପାଦିକା ଦମୟନ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଥ୍ ସ୍ତରରେ ସଦସ୍ୟ ସଂଗ୍ରହ ଉପରେ ଗୁରୁତ୍ୱ

### ଭାଜପାର ସଦସ୍ୟତା ଅଭିଯାନ ବୈଠକ

ଆଗରପଡ଼ା,୧୯(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ମହତାବ ମଣ୍ଡଳ ଭାଜପା ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ ପାଇଁ ଶନିବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ା ବଜାରସ୍ଥିତ ଇଲେଭନ ଷ୍ଟାର କ୍ଲବ୍ ପରିସରରେ ମଣ୍ଡଳ ସଭାପତି ଶିବାନନ୍ଦ ଦାସ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ବାଚନମଣ୍ଡଳୀ ନେତା ଡ. ସୁଧାଂଶୁ ଶେଖର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ମଣ୍ଡଳର ସଦସ୍ୟତା ପ୍ରଭାରୀ ପ୍ରେମଲତା କର ପ୍ରମୁଖ ଯୋଗ ଦେଇଥିଲେ। ଭାଜପାର ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରତି ବୁଥ୍ ସ୍ତରରେ ସଦସ୍ୟ ସଂଗ୍ରହ କରି ଏହି ଅଭିଯାନକୁ ସଫଳ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ


ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଆହ୍ୱାନ ଦେଇଥିଲେ। ଘରକୁ ଘର ଯାଇ ସାଧାରଣ ଲୋକଙ୍କୁ ଏଥିରେ ସାମିଲ କରିବାକୁ କହିଥିଲେ। ଏହି ଅବସରରେ ଏକ କମିଟି ଗଠନ କରାଯାଇଛି। କମିଟିର ସଦସ୍ୟ ଭାବେ ରମାକାନ୍ତ ନାୟକ, ରାଜୀବ ଲୋଚନ ରାୟ, ଗୋପାଳକୃଷ୍ଣ ଦାସ, ସୁଶୀଳା ଜେନା, ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ଦୋଳବଲ ସୁନା ଦୋକାନରେ ଯାଜପୁର ପୋଲିସର ଚଢ଼ାଉ

ଧାମନଗର, ୧୯ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଦୋବଲ ବଜାରରେ ଏକ ସୁନା ଦୋକାନରେ ଯାଜପୁର ପୋଲିସ ରବିବାର ସନ୍ଧ୍ୟାରେ ଚଢ଼ାଉ କରିଛି। ଧାମନଗର ପୋଲିସ ସହାୟତାରେ ଯାଜପୁର ପୋଲିସ ଏହି ବଜାରରେ ଥିବା ନିୟୁ ଅମ୍ବିକା ସୁନା ଦୋକାନର ମାଲିକଙ୍କୁ ପଚରାଉଚରା କରିବା ସହ ତଦନ୍ତ ପାଇଁ ସାଙ୍ଗରେ ନେଇ ଯାଇଥିବା ଜଣାଯାଇଛି। ଚୋରମାନେ ଦୋବଲର ବିଭିନ୍ନ ସୁନା ଦୋକାନରେ ଚୋରି ସୁନା ବିକ୍ରି କରୁଥିବା ନେଇ ପୋଲିସ ଖବର ପାଇଛି। କିଛି ମାସ ତଳେ ଯାଜପୁର ପୋଲିସ ଦୋବଲରେ ଚଢ଼ାଉ କରିଥିଲା। ଦୋବଲ ରାସ୍ତାର ମଧ୍ୟସ୍ଥଳରେ ଏକ ବସ୍ତିର କେତେଜଣ ବ୍ୟକ୍ତି ଦୀର୍ଘବର୍ଷ ହେବ ଜିଲା ଓ ଜିଲା ବାହାରୁ ସୁନା ଅଳଙ୍କାର ଚୋରି କରି ଏଠାରେ ସୁନା ଦୋକାନରେ ବିକ୍ରି କରନ୍ତି। ଯାଜପୁର ଟାଉନ ପୋଲିସ ସୁନା ଚୋରି ନେଇ ଅଗଷ୍ଟ ୩୦ ରାତିରେ ଦୋବଲ ନିକଟ ବେଲମଳାରୁ ଜଣେ ଯୁବକଙ୍କୁ ଉଠାଇ ନେଇଥଲା। ତାଙ୍କ ଘର ବନ୍ତ ବ୍ଲକର କେନ୍ଦୁଆପଦା ଅଞ୍ଚଳରେ ହୋଇଥିବା ବେଳେ ସେ ବେଲମଳାରେ ରହୁଥିଲେ। ଯାଜପୁର ପୋଲିସ ଚଢ଼ାଉ କରି ଜଣଙ୍କୁ ପଚରାଉଚରା ପାଇଁ ଥାନାକୁ ନେଇଥିବା ଧାମନଗର ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକ କହିଛନ୍ତି।

## ବିଦ୍ୟାମନ୍ଦିରରେ ପ୍ରତିଯୋଗିତା

ଭଣ୍ଡାରିପୋଖରୀ,୧୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଶାରଦା ବିଦ୍ୟାମନ୍ଦିରରେ ଭୁବନେଶ୍ୱରସ୍ଥିତ ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ସଙ୍ଗୀତ, ତର୍କ, ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିଯୋଗିତାକୁ ଥାନାଧିକାରୀ ବୀରେନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ବର ନାଥ ମୁଖ୍ୟବକ୍ତା ଓ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସମ୍ପାଦକ ପବନ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁଜୀ ଚିତ୍ତରଞ୍ଜନ ନାୟକ, ଗୁରୁମା କୁଞ୍ଜଲତା ସେନାପତି, ପ୍ରଜ୍ଞାପରମିତା ବାରିକ, ପ୍ରଭାତୀ ବାହାଲିଆଙ୍କ ସଂଯୋଜନାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## 'ସେବାରୁ ଅବସର ଜୀବନକୁ ଶାନ୍ତି ମିଳେ'

ତିହିଡ଼ି,୧୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତସ୍ଥିତ ବୀଣାପାଣି ସଂସ୍କୃତ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ପୀତବାସ ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଶମ୍ଭୁନାଥ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଂସ୍କୃତ ବିଶାରଦ ଚତୁର୍ଭୁଜ ତ୍ରିପାଠୀ ଯୋଗଦେଇ ସେବାରୁ ହିଁ ଅବସର ଜୀବନକୁ ଶାନ୍ତି ମିଳିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଓ ବୀଣାପାଣି ସଂସ୍କୃତ ଟୋଲ୍‌ର ପ୍ରଧାନଶିକ୍ଷକ ବିନୟ ପ୍ରକାଶ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଣ୍ଡିତ କଳ୍ପତରୁ ଉଦ୍‌ଗାତା ଓ ମନୋଜ କୁମାର ଆଚାର୍ଯ୍ୟ ସଭା ସଞ୍ଚାଳନ କରିଥିଲେ। ଗୋଲକ ବିହାରୀ ସାହୁ, ରଜତ କୁମାର ରାଉତ, ଡ. ସାବିତ୍ରୀ ମହାପଶାୟତ, ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ପୁରାତନ ଛାତ୍ର ଦେବବ୍ରତ ବାରିକଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


ଅଧ୍ୟାପକ ପୀତବାସ ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସେବାୟତଙ୍କ ପଦଯାତ୍ରା


ଖବରଦାତା ସମ୍ମିଳନୀରେ ସେବାୟତ ଓ ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା।

ଭଦ୍ରକ,୧୯(ସନାତନ ରାଉତ)

ବାରିପଦା ଦେବୋତ୍ତର ବିଭାଗ ଓ ମନ୍ଦିର ସମସ୍ୟା ସମ୍ପର୍କରେ ମଠ, ମନ୍ଦିରର ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ ଜଣାଇବା ପାଇଁ ଗତ ଅଗଷ୍ଟ ୨୮ରୁ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ମନ୍ଦିର ଜମିକୁ ବିଭିନ୍ନ ସରକାରୀ ସଂସ୍ଥା ଓ କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରିଛନ୍ତି। ଏହି ସମ୍ପତ୍ତିର ପୁନଃଉଦ୍ଧାର, ଠାକୁରଙ୍କ ବେଶ ପାଇଁ ରହିଥିବା ସୁନା ରୁପା ଅଳଙ୍କାର ଉପଯୁକ୍ତ ମରାମତି, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ଛତିଶାନିଯୋଗ, ସେବାୟତମାନଙ୍କୁ ଠିକ୍ ପାଉଣା ମିଳୁ ନ ଥିବାରୁ ନୀତିନିୟମ ପରିଚାଳନାରେ ଅନିୟମିତତା, ମନ୍ଦିର ସୌନ୍ଦର୍ଯ୍ୟକରଣ, ଭକ୍ତଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା, ମନ୍ଦିରର ଆୟ ବୃଦ୍ଧି ପାଇଁ ଦେବୋତ୍ତର ଜମିରେ କଲ୍ୟାଣ ମଣ୍ଡପ ଓ ମାର୍କେଟ୍ କମ୍ପ୍ଲେକ୍ସର ବ୍ୟବସ୍ଥା, ଦେବୋତ୍ତର ବିଭାଗ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଅଫିସର ନିଯୁକ୍ତି ଆଦି ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ପାଇଁ ପଦଯାତ୍ରାରେ ଯାଉଥିବା ରବିବାର ଭଦ୍ରକରେ ପହଞ୍ଚିବା ପରେ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବରିଷ୍ଠ ହିନ୍ଦୁ ସଙ୍ଗଠକ ମାନସ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେବାୟତମାନେ ପ୍ରକାଶ କରିଛନ୍ତି। ଅରୁଣ କୁମାର ମିଶ୍ର ଓ କାମେଶ୍ୱର ତ୍ରିପାଠୀ ସମ୍ମିଳନୀକୁ ସମ୍ବୋଧିତ କରିଥିବା ବେଳେ ସ୍ଥାନୀୟ ହିନ୍ଦୁ ସଙ୍ଗଠନର ତପନ ମହାନ୍ତି, ଦଶରଥ ସାହୁ, ଧୀରେନ ନାୟକ, କ୍ଷୀତିଶ ରାଉତ, ସୁଶାନ୍ତ ସାହୁ, ରାଜୀବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଧାମନଗର,୧୯ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନ ଗ୍ରାମର ଧର୍ମପରାୟଣା, ପରୋପକାରୀ ମହିଳା ସୁହାସିନୀ ପଣ୍ଡା(୭୨)ଙ୍କ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତା ସୁହାସିନୀ ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡାଙ୍କ ଜେଜେମା' ଏବଂ ଓକିଲ ସ୍ନେହାଶିଷ ପଣ୍ଡାଙ୍କ ମା'। ଲୁଣିଆ ମେଳଣ କମିଟିର ସଭାପତି ପ୍ରତାପ ମହାନ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ରଘୁନାଥ ଦାସ, ଚକ୍ରଧର ପଣ୍ଡା, ସନ୍ତୋଷ ସାହୁ, ମନୋଜ ମୁଦୁଲି, ସୁବାସ ନାୟକ, ବୈକୁଣ୍ଠ ସାହୁ, ରଣଜିତ ଲେଙ୍କା, ଦେବାଶିଷ ନାୟକ, ସୁଶାନ୍ତ ସାହୁ, ଧାମନଗର ଓକିଲ ସଂଘ ସଭାପତି ଅଶୋକ ଦାସ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ରଞ୍ଜିତ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ।

## ସଂକ୍ଷେପରେ

### କାଠ ବୋଝେଇ ଗାଡ଼ି ଜବତ

ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ),୧।୯- ଓଡ଼ିଶାରୁ ପଶ୍ଚିମବଙ୍ଗକୁ କାଠ ଚୋରା ଚାଲାଣ ବେଳେ ବନ ବିଭାଗର ଚଢ଼ାଉ କରି ପିକ୍‌ଅପ୍ ଭ୍ୟାନ୍ ସମେତ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଜବତ କରିଛି।

ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ପିକ୍‌ଅପ୍ ଭ୍ୟାନ୍‌ରେ କାଠ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ମିଳିଥିଲା। ଲଙ୍ଗଳେଶ୍ୱର ଫରେଷ୍ଟ ସେକ୍ସନ ଅଫିସର ହୃଷିକେଷ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବାଲିଆପାଳ-କମର୍ଦ୍ଦା ମୁଖ୍ୟ ରାସ୍ତାର ତାରିଣୀ ଛକ ନିକଟରେ ଚଢ଼ାଉ କରି ଏହି କାଠ ଜବତ କରିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

### ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

ବାଲିଆପାଳ,୧।୯(ଗୋପାଳ ଚନ୍ଦ୍ର ସାହୁ)- ବାଲିଆପାଳ ବ୍ଲକ ଛକ ଶୁଭମ ପ୍ଲାଜା ସଭାଗୃହରେ ରୋଟାରୀ କ୍ଲବ ବାଲିଆପାଳର ଅଷ୍ଟମ ଅଧିଷ୍ଠାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବର ନୂତନ ସଭାପତି ସଞ୍ଜୟ ଦେ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପିଡ଼ିଜି ଶିବବ୍ରତ ଦାସ, ସମ୍ମାନିତ ଅତିଥି ଭାବେ ସୁରେଶ କୁମାର ସାହୁ ଏବଂ ଡ. କୁମାର ଗୋପାଳ ଯୋଗ ଦେଇଥିଲେ। ଡ. ସନ୍ତୋଷ କୁମାର ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସୁବ୍ରତ କୁମାର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦାୟୀ ସଭାପତି କୁଞ୍ଜକାନ୍ତ ପାତ୍ର ନୂତନ ସଭାପତି ସଞ୍ଜୟ କୁମାର ଦେଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଅତନୁ ପାଳ ନୂତନ ସଦସ୍ୟମାନଙ୍କ ନାମ ଘୋଷଣା ପୂର୍ବକ ପରିଚୟ ପ୍ରଦାନ କରିଥିଲେ। ଅସିତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# 'ସହରର ଉନ୍ନତି ହେଲେ ରାଷ୍ଟ୍ରର ବିକାଶ ହେବ'

## ସ୍ୱାୟତ୍ତ ଶାସନ ଦିବସ ସମାରୋହ ଉଦ୍‌ଯାପିତ

ବାଲେଶ୍ୱର,୧।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ପୌରପାଳିକା ଆନୁକୂଲ୍ୟରେ ଗାନ୍ଧୀ ସ୍ମୃତି ଭବନ ପରିସରରେ ଦୁଇଦିନ ବ୍ୟାପୀ ଆୟୋଜିତ ୧୪୮ତମ ସ୍ୱାୟତ୍ତ ଶାସନ ଦିବସ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସହର ଓ ନଗରର ଉନ୍ନତି ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି କହିଥିଲେ। ଉତ୍ସବରେ ପୌରାଧକ୍ଷା ସବିତା ସାହୁ ଅଧକ୍ଷତା କରି ସହରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଡ. ମହାପାତ୍ର ବାଲେଶ୍ୱର ସହରକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ ବୁଢ଼ାବଳଙ୍ଗ ନଦୀରୁ ୧୨୭କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ୱାଟର ପ୍ରୋଜେକ୍ଟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶନିବାର ଶିଳାନ୍ୟାସ କରାଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଓଡ଼ିଶାର ସର୍ବପୁରାତନ ବାଲେଶ୍ୱର ପୌରପାଳିକାର ସର୍ବାଙ୍ଗୀନ ବିକାଶ ସହ ସ୍ୱଚ୍ଛତାରେ ଏକ ନମ୍ବର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା ମଞ୍ଚାସୀନ ଥିଲେ। କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ ମଞ୍ଚ ଆହ୍ୱାନ କରିଥିଲେ। ପୌରପାଳିକାର ସମସ୍ତ ଅଧିକାରୀ, କାଉନ୍‌ସିଲରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

# ୩ ମେଧାବୀ ଛାତ୍ରୀ ସମ୍ମାନିତ

## ସୁଶ୍ରୀ ଶିବାନୀ ସ୍ମୃତି ସମାରୋହ

ସିମୁଳିଆ,୧।୯(ସନ୍ତୋଷ ନାୟକ)

ସୁଶ୍ରୀ ଶିବାନୀ ସ୍ମୃତି ପରିଷଦର ପଞ୍ଚମ ବାର୍ଷିକ ମେଧା ସମ୍ବର୍ଦ୍ଧନା ଉତ୍ସବ ଶନିବାର ବରିରୋଡସ୍ଥିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଓ ପ୍ରାକ୍ତନ ଶିକ୍ଷକମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭଦ୍ରକ ଜିଲା ବେତଡ଼ା ହାଇସ୍କୁଲର ଛାତ୍ରୀ ଦିବ୍ୟା ଖଣ୍ଡେଲୱାଲ, ଈଶ୍ୱରପୁର ବଳଦେବଜୀଉ ହାଇସ୍କୁଲର ଛାତ୍ରୀ ବର୍ଷା ପ୍ରିୟଦର୍ଶନୀ ବରାଳ ଓ ବରି କୁନ୍ତଳାକୁମାରୀ ମହାବିଦ୍ୟାଳୟ ଛାତ୍ରୀ ତର୍ଜନା ଖାତୁନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସିମୁଳିଆ ବ୍ଲକର ସ୍ୱର୍ଗତଃ ସୁଶ୍ରୀ ଶିବାନୀ ସିକନ୍ଦରାବାଦସ୍ଥିତ କେୟାର ହସ୍‌ପିଟାଲରେ କାର୍ଯ୍ୟରତ ଥିବା ବେଳେ ଡେଙ୍ଗୁ ଆକ୍ରାନ୍ତରେ ଗତ ୩୧।୮।୧୯ରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସ୍ମୃତିରେ ପ୍ରତ୍ୟେକ ବର୍ଷ ଏହି ଉତ୍ସବ ପାଳିତ ହୋଇଆସୁଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷକ ଶିବପ୍ରସାଦ ପାଢୀ, ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ, ବରିଷ୍ଠ ଖବରଦାତା ଶିବାନନ୍ଦ ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକ୍ତନ ଶିକ୍ଷକ ଶରତଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସାଇଦୁଃଖି ସଙ୍ଖାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରାକାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀ।

# ଶ୍ୟାମରାଈ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ



ସଂସ୍କୃତ ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ଖଇରା,୧।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଈ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଅଧକ୍ଷ ଶ୍ରୀଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା, ଗରସଙ୍ଗ ଜମ୍ବେଶ୍ୱର ମହାବିଦ୍ୟାଳୟର ସଂସ୍କୃତ ଅଧାପକ ବିଜୟ କୁମାର ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା ଓ ଗଣେଶ ପ୍ରସାଦ ପଣ୍ଡା, ଅଧାପିକା ଲତାଞ୍ଜଳୀ ଦାସ, ଅଧାପକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ ହୋଇଥିବା ବେଳେ ସଂସ୍କୃତ ଭାଷା ବ୍ୟବହାର ମାଧ୍ୟମରେ ବ୍ୟକ୍ତି ସଂସ୍କାରିତ ହୋଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବେଦ ଉପନିଷଦ, ଶାସ୍ତ୍ର, ଭାଗବତ ତଥା ମନ୍ତ୍ର ତନ୍ତ୍ର ସବୁ କିଛି ସଂସ୍କୃତ ଭାଷାରେ ଲିପିବଦ୍ଧ ହୋଇଥିବାରୁ ଏହା ଦେବତାମାନଙ୍କ ଭାଷା ବୋଲି ପ୍ରଚଳିତ ହୋଇଆସୁଥିବା ନେଇ ଛାତ୍ରୀଛାତ୍ରମାନେ ପ୍ରକାଶ କରିଥିଲେ। ଅଧାପକ ଆଲୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ଉମାକାନ୍ତ ନାୟକ, ପ୍ରଶାନ୍ତ କୁମାର ତ୍ରିପାଠୀ ଓ ନିରଞ୍ଜନ ନାୟକ, କର୍ମଚାରୀ ଦୁଷ୍ମନ୍ତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୪ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମଣିଭଦ୍ର ମହାନ୍ତି, ନୀଳାମ୍ବର ବେହେରା ସହଯୋଗ କରିଥିଲେ।

## ଏଏନ୍‌ଏମ୍, ଆଶା କର୍ମୀ ସମ୍ବର୍ଦ୍ଧିତ

ଖଇରା,୧।୯(ଉତ୍କଳବନ୍ଧୁ ପଣ୍ଡା)

ପୁରୁଷ ବନ୍ଧ୍ୟାକରଣ ଉପରେ ବ୍ୟାପକ ସଚେତନତା ପାଇଁ ଏକ କର୍ମଶାଳା ଗଣ୍ଡିବେଡ଼ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡା. ଉମେଶ କୁମାର ଧାଉଁଡିଆଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଡା. ଦେବକାନ୍ତ ପାଢ଼ୀ ଓ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ପୃଷ୍ଟି ଯୋଗଦେଇ ପୁରୁଷ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇପାରି ଥିବାରୁ ଆଶାକର୍ମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବନ୍ଧ୍ୟାକରଣ କାର୍ଯ୍ୟରେ ପରିଶ୍ରମ ଓ ପ୍ରୟାସ ପାଇଁ ସାରଡାଙ୍ଗର ଏଏନ୍‌ଏମ୍ ସଙ୍ଗୀତା ମାହାନା, ଆଶା କର୍ମୀ ମନୋରମା ହାତୀ, ସୁଚିତ୍ରା ପତିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ପାଳନ ଅବସରରେ ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପିତୃତ୍ୱ ପରିଚୟ ପାଇଁ ଥାନାର ଦ୍ୱାରସ୍ଥ

ନୀଳଗିରି,୧।୯(ପ୍ରଶାନ୍ତ ବିଶ୍ୱାଳ)- କନ୍ୟା ସନ୍ତାନଙ୍କ ପିତୃତ୍ୱ ପରିଚୟ ପାଇଁ ଏକ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ ଅନ୍ତର୍ଗତ ଧରମପୁର ଗ୍ରାମର ଜଣେ ଯୁବକ ୨୦୨୨ ଏପ୍ରିଲରେ କାଂଶ ଗ୍ରାମର ଜଣେ ଯୁବତୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର ୨ ମାସ ପରେ ଯୁବତୀ ଜଣକ ବାପଘରକୁ ଯାଇଥିଲେ। ପରେ ସେ ଶାଶୁଘରକୁ ଫେରିବା ପରେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଗର୍ଭରେ ଥିବା ପିଲା ତାଙ୍କର ନୁହେଁ ବୋଲି ସ୍ୱାମୀ କହିବାରୁ ବିବାଦ ଆରମ୍ଭ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ଡିଏନ୍‌ଏ ପରୀକ୍ଷା ମାଧ୍ୟମରେ ସମାଧାନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ୨୦୨୩ ଫେବୃଆରୀ ୪ରେ ମହିଳା ଜଣକ ପୁଣି ବାପଘରକୁ ପଳାଇ ଯାଇଥିଲେ ଓ ଆଉ ଫେରି ନ ଥିଲେ। ଇତିମଧ୍ୟରେ ତାଙ୍କର ଏକ କନ୍ୟାସନ୍ତାନ ଜନ୍ମ ହୋଇଥିଲା। ତେବେ ବର୍ଷକୁ ଅଧିକ ସମୟ ମହିଳା ଜଣକ ବାପଘରେ ରହିବା ପରେ ଶାଶୁଘରକୁ ଫେରିବା ପାଇଁ ବରହମପୁର ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର ସ୍ୱାମୀ ତାଙ୍କୁ ଗ୍ରହଣ କରିବାକୁ ମନା କରିବା ସହ ଡିଏନ୍‌ଏ ପରୀକ୍ଷା ପାଇଁ ଦାବି କରିଛନ୍ତି। ପୋଲିସ ଉଭୟଙ୍କୁ ଡାକି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଡିଏନ୍‌ଏ ଟେଷ୍ଟର ଆବଶ୍ୟକତା ନାହିଁ। ସନ୍ତାନ ଆମ ଦୁହିଁଙ୍କର ବୋଲି ମହିଳା ଜଣକ କହିଛନ୍ତି।

## ମୟୂରଭଞ୍ଜ

# ମେଗା ରକ୍ତଦାନ ଶିବିର: ୪୬୭ ୟୁନିଟ୍ ସଂଗ୍ରହ

ବାରିପଦା,୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକା ଆନୁକୂଲ୍ୟରେ ତିନିଦିନିଆ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ପୋରପାଳିକା କଲ୍ୟାଣ ମଣ୍ଡପ ପରିସରରେ ଶିବିର ଆୟୋଜନ କରାଯାଇଥିବା ବେଳେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୋଟ ୪୬୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସେଥିମଧ୍ୟରେ ୫୬ଜଣ ମହିଳା ଅଛନ୍ତି। ରକ୍ତଦାନ ଶିବିରରେ ଉତ୍ସାହିତ ହୋଇ ଗୋଟିଏ ପରିବାରର ୩ଜଣ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ପୌରାଧକ୍ଷ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବାରିପଦା ପୌରାଞ୍ଚଳର ୨୮ ୱାର୍ଡର ଜନସାଧାରଣ ରକ୍ତଦାନ କରିଥିଲେ। ବାରିପଦା ରକ୍ତଭଣ୍ଡାରର ଡା. ସୌମ୍ୟରଞ୍ଜନ ନାୟକ, ଡା. ନିଲେଶ ଦାସ, ଡା. ଭାଗ୍ୟଶ୍ରୀ ମଲ୍ଲିକ ଏବଂ ଉଦଳା ରକ୍ତଭଣ୍ଡାରର ଡା. ପ୍ରଜ୍ଞା ପାରମିତା ବେହେରା ଓ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

ବାରିପଦା ବ୍ଲକ ଅଧକ୍ଷ ଦଲକା ସିଂ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, କାଉନସିଲର ଦେବାଶିଷ ପାତ୍ର, ଅନନ୍ତ ଦାସ, ସୁଧୀର ବାରିକ, ରାଜ ଗୁପ୍ତା, ସୁକେସିନୀ ସେଠୀ, ପୂଜା ତରେଇ, ଜିତା ସିଂ, ମହେଶ ଭଞ୍ଜଦେଓ, ଦିଗ୍‌ବିଜୟ ହାଁସଦା, ଶ୍ରୀମାତ ମୁର୍ମୁ, ନିରୂପମା ମହାନ୍ତି, ତ୍ରୈଲକେଶ ପଣ୍ଡା ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରେଡ୍‌କ୍ରସ୍ ଆଜୀବନ ସଦସ୍ୟ ଅମର ସେଠୀ, ଦୀପକ ମିଶ୍ର, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ଦର୍ପନାରାୟଣ ପାଳ, ମଙ୍ଗଳ ହାଁସଦା, କୀଚକ ବେହେରା, ଲିଟନ ମହାପାତ୍ର, ରାଜା ଖାନ, ଶ୍ରବଣ ଗୋପ, ବିଶ୍ୱ ରଞ୍ଜନ ଦାସ, ଜଗନ୍ନାଥ ମହାପାତ୍ର, ସେକ ଚାନ୍ଦଙ୍କ ସହ ପୌର କର୍ମଚାରୀମାନେ ସହଯୋଗ କରିଥିଲେ। ସୂଚନାଥାଉ କି, ଗତ ସ୍ୱାୟତ୍ତ ଶାସନ ଦିବସରେ ଆୟୋଜିତ ରକ୍ତଦାନ ଶିବିରରେ ୨୦୨୨ରେ ୩୨୩ ୟୁନିଟ୍, ୨୦୨୩ରେ ୪୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଚଳିତବର୍ଷ ସର୍ବାଧିକ ୪୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।


ଶିବିରରେ ରକ୍ତଦାତାମାନେ ରକ୍ତ ଦେଉଛନ୍ତି।

## ଜଳିଗଲା ୩ ବଖରା

ଗୋପବନ୍ଧୁ ନଗର,୧।୯
(ଶାନ୍ତନୁ କୁମାର ମଡୁଆଲ)

କେନ୍ଦୁଝର ଜିଲା ବଡସାହି ବ୍ଲକ୍ ପଟିସାରୀ ପଞ୍ଚାୟତ ଯମୁନାଦେଇପୁରସ୍ଥିତ ନୂଆସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଧ୍ରୁବ ସିଂଙ୍କ ୩ ବଖରା ଜଳିଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ମୁଖ୍ୟ ସୃଷ୍ଟିଧର ନାୟକଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘର ମଧ୍ୟରେ ଥିବା ଆସବାସ ପତ୍ର, ଧାନ ଚାଉଳ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳି ନଷ୍ଟ ହୋଇ ଯାଇଛି।

# ଶିଶୁ ବିଦ୍ୟାମନ୍ଦିରରେ ବୈଦ୍ୟରାଜ ସଭା

ଢେଙ୍କିକୋଟ,୧।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈଠକ ମଣ୍ଡପରେ ରବିବାର ଏକ ବୈଦ୍ୟରାଜ ସଭା ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟରାଜ ପବିତ୍ର ମୋହନ ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଭାଗୀରଥି ପୃଷ୍ଟି ଯୋଗଦେଇଥିଲେ। ତୃପ୍ତିରଞ୍ଜନ ସାହୁ ପରିଚାଳନା କରିଥିଲେ। ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତର ବୈଦ୍ୟରାଜଙ୍କୁ ନେଇ ଅନୁଷ୍ଠିତ ବୈଠକରେ ୨୦ରୁ ଉର୍ଦ୍ଧ୍ୱ ବୈଦ୍ୟରାଜ ଯୋଗ ଦେଇଥିଲେ। ଢେ଼ଙ୍କିକୋଟ ଅଞ୍ଚଳରେ ଏକ ନର୍ଶରୀ ଏବଂ ଏକ ବୈଦ୍ୟ ସଂଗଠନ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଖବରଦାତା ତପନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋ ଓଲଟି ୮ ଅଙ୍ଗନୱାଡ଼ି କର୍ମୀ ଆହତ, ୪ ଗୁରୁତର

ଗୋପବନ୍ଧୁ ନଗର, ୧।୯
(ଶାନ୍ତନୁ କୁମାର ମଡୁଆଲ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ଟିକରପଡ଼ା ନିକଟରେ ରବିବାର ପୂର୍ବାହ୍ନରେ ଏକ ଅଟୋ ଓଲଟି ୮ ଅଙ୍ଗନୱାଡ଼ି କର୍ମୀ ଆହତ ହୋଇଛନ୍ତି। ଅଟୋଟି କରକଟିଆ ନିକଟରୁ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲା। ଟିକରପଡ଼ା ନିକଟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଚାଷଜମିକୁ ଓଲଟି ପଡ଼ିଥିଲା। ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତେ ଏବେ ଚିକିତ୍ସାଧୀନ ଅଛନ୍ତି। ସେମାନେ ହେଉଛନ୍ତି ମାମୁଡିଆ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଗୋଲାପଣି ମଢେଇ(୪୫), ଦୁବରାଜପୁରର ଶାନ୍ତିଲତା ପାତ୍ର(୪୪), ମାଠିଆଭଙ୍ଗା କେନ୍ଦ୍ରର କର୍ମୀ ଇନ୍ଦୁମତୀ ସେଠୀ(୫୦), ସାତଶୋଳ ବାଥୁଡ଼ିସାହି ଅଙ୍ଗନୱାଡ଼ି କର୍ମୀ ରମଣୀ ଖଟୁଆ(୪୮), ସାନସାତଶୋଳ କେନ୍ଦ୍ରର କୁଣଗୀମଣୀ ମାଝି(୫୪), ଗୋବିନ୍ଦପୁରର ସୁଜାତା ମହାନ୍ତ, ବଡ଼ମାମୁଡିଆର ଶକୁନ୍ତଳା ସିଂ(୪୬) ଓ କରକଟିଆ କେନ୍ଦ୍ରର କର୍ମୀ କୁକିନା ନାଏକ(୩୦)। ଦୁର୍ଘଟଣା ପରେ ଅଟୋ ଚାଳକ ଫେରାର ହୋଇଯାଇଛନ୍ତି।

# ଗାଁ ମୁଖ୍ୟରାସ୍ତା ପାର୍ଶ୍ୱରେ ଚାରାରୋପଣ

ଉଦଳା,୧।୯ (ସନ୍ତୋଷ କୁମାର ବାଛିନୀ)

ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଉଦଳା ବ୍ଲକର କଇଁସାରୀ ଗ୍ରାମ ମୁଖ୍ୟରାସ୍ତା ପ୍ରବେଶପଥର ଦୁଇପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟର ପୂର୍ବତନ ମେଡିକାଲ ଅଫିସର ଡା. କମଳାକାନ୍ତ ନାୟକଙ୍କ କରକମଳରେ ଚାରାରୋପଣ କରାଯାଇଛି। ୪୦ଟି ଚାରା ରୋପଣ କରାଯାଇଥିଲା। ଟ୍ରଷ୍ଟର ଚେୟାରମ୍ୟାନ ତଥା ଶ୍ରୀବିଦ୍ୟାଙ୍କ ପିତା ଦୁଳମଣି ପୁହାଣ, ମା' ସୁଭଦ୍ରା ରାଉତଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ଶିଶିର ପରିଛା, ସମସ୍ତ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ।

# ଜାତୀୟ ଐତିହ୍ୟ କୁଇଜ୍ ପରୀକ୍ଷା



ଇନ୍‌ଟାକ୍ ଅନୁଷ୍ଠାନ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ବାରିପଦା, ୧।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଇନ୍‌ଟାକ୍ ପକ୍ଷରୁ ଜାତୀୟ ଐତିହ୍ୟ ପ୍ରଶ୍ନୋତ୍ତର କୁଇଜ-୨୦୨୪ର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜର ୯ଟି ବିଦ୍ୟାଳୟର ୧୧୪ ଛାତ୍ରୀଛାତ୍ର ୫୭ଟି ଦଳରେ ଭାଗ ହୋଇ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ଜୟନ୍ତ କୁମାର ଦ୍ୱାରୀ, ସୌମ୍ୟ କର ମହାପାତ୍ର, ଶୈଳେନ୍ଦ୍ର ଜ୍ୟୋତିଷି, ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ସମସ୍ତ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ କରିଥିଲେ। ଆବାହକ ମେଜର ରବୀନ୍ଦ୍ର ନାଥ ପରିଡ଼ା ଆୟୋଜିତ କାର୍ଯ୍ୟକ୍ରମର ରୂପରେଖ ଓ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସହ ଆବାହକ ଡ. ତରୁଣ କୁମାର ଓଝା ଓ ଡ. ଭିକାରୀ ଚରଣ ବସା ପରିଚାଳନା କରିଥିଲେ। ଅନ୍ୟ ସଦସ୍ୟ ରାମେଶ୍ୱର ସାହୁ, ନରସିଂହ ବାରିକ, ଯତୀନ୍ଦ୍ର କୁମାର ବସା, ପ୍ରଦୀପ ପାଣି, ଦିଲୀପ କୁମାର ଦାସ, ସରୋଜ କୁମାର ମିଶ୍ର, କୈବଲ୍ୟ ପ୍ରସାଦ ମହାପାତ୍ର, ଦୋଳଗୋବିନ୍ଦ ମହାପାତ୍ର, ବସନ୍ତ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ମୂଲ୍ୟାଙ୍କନ ପରେ ଶ୍ରେଷ୍ଠ ୪ ଦଳର କୃତୀ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ମୌଖିକ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରାଯିବ ବୋଲି ଉପଦେଷ୍ଟା ଜଣାଇଛନ୍ତି।

# ବିଦ୍ୟାଳୟରେ ଗଣେଶ ପୂଜା ବାତିଲକୁ ନେଇ ଅସନ୍ତୋଷ

ବୈଶିଙ୍ଗା,୧।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଦିବ୍ୟଜ୍ୟୋତି କନଭେଣ୍ଟ ସ୍କୁଲରେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଳନ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟରେ ପ୍ରତି ବିଦ୍ୟାଳୟରେ ଏହି ପୂଜା ପାଳନ କରାଯାଏ। ମାତ୍ର ଉକ୍ତ ସ୍କୁଲ ମିସନାରୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଯୋଗୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୂର୍ବରୁ ବହୁ ଅଭିଭାବକ ଏନେଇ ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରି ନ ଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଦିନକୁ ଛୁଟି ଘୋଷଣା କରିଦେଇ ଦାୟିତ୍ୱ ସାରି ଦେଉଛନ୍ତି ବୋଲି ଧର୍ମ ଜାଗରଣ ସାମ୍ମୁଖ୍ୟ ଓ ବ୍ରାହ୍ମଣ ସମାଜ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ଧର୍ମ ଜାଗରଣ ସାମ୍ମୁଖ୍ୟ ଏବଂ ବ୍ରାହ୍ମଣ ସମାଜ ସୁରକ୍ଷା ସମିତି ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଏହାର ନକଲ ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ପଠାଯାଇଛି। ବ୍ରାହ୍ମଣ ସମାଜ ସୁରକ୍ଷା ସମିତିର ବେତନଟୀ ବ୍ଲକ୍ ସଭାପତି ଗୋପୀନାଥ କର, ଜନ୍ମେଜୟ ଭଞ୍ଜ, ଜ୍ଞାନରଞ୍ଜନ ପଣ୍ଡା, ଧର୍ମ ଜାଗରଣ ସାମ୍ମୁଖ୍ୟ ପକ୍ଷରୁ ଜୀବନ ପରିଡ଼ା, ପ୍ରକାଶଜ୍ୟୋତି ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ, ଅମର ଖିଲାର, ବୀରକିଶୋର ବିଶ୍ୱାଳ, ସୁମନ୍ତ ପରିଡ଼ା, ମୀନା ମହାନ୍ତି, ତପସୀ ବିଶ୍ୱାଳ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# କାମରେ ଲାଗୁନି ମୋବାଇଲ ଆମ୍ବୁଲାନ୍ସ ୟୁନିଟ୍

କେନ୍ଦୁଝର,୧।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ) ଅର୍ଥର ଅପବ୍ୟବହାର ଏବଂ ହେରଫେର ଅଭିଯୋଗ ହୋଇଆସୁଛି। ଏପରିକି ଜିଲାର ବିଧାୟକ ତଥା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଡିଏମ୍‌ଏଫ୍ ଅର୍ଥର ଅପବ୍ୟବହାରକୁ ନେଇ ବହୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ବେଳେ ଅର୍ଥରେ କିଣାଯାଇଥିବା ସରଞ୍ଜାମ, ମେଶିନ, ଗାଡି ଆଦି କାମରେ ନ ଲାଗି ପଡିରହୁଛି। ଏଭଳି ଡିଏମ୍‌ଏଫ୍ ଅର୍ଥରେ କିଣାଯାଇଥିବା ଆମ୍ବୁଲାନ୍ସକୁ କାମରେ ନ ଲଗାଇ ପକାଇ ରଖାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ଅନେକ ସମୟରେ ଜିଲାର ଅଗମ୍ୟ ଅଞ୍ଚଳରେ ରୋଗୀ ସେବା ପହଞ୍ଚି ପାରୁ ନ ଥିବାରୁ ଗରିବ ଆଦିବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନେକେ ଅର୍ଥାଭାବରୁ ମେଡିକାଲ ପହଞ୍ଚି ନ ପାରି ଗୁରୁତର ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଅବିଭକ୍ତ ବଣପାହାଡ଼ ଘେରା ଆଦିବାସୀ କେନ୍ଦୁଝର ଜିଲାର ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଯୋଡ଼ା ଆଦି ବ୍ଲକ୍‌ରେ ବହୁ ଅଗମ୍ୟ ଗ୍ରାମ ରହିଛି। ସେହିପରି ଅନେକ ସମୟରେ ଅଜଣା ରୋଗ, ଜ୍ୱର, ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିଥାଏ। ଏଥିପାଇଁ ମୋବାଇଲ ମେଡିକାଲ ୟୁନିଟ୍‌ର ଆବଶ୍ୟକତା ପଡ଼ିଥାଏ। ଏଥିରେ ଡାକ୍ତରୀ ଟିମ୍ ସହିତ ଚିକିତ୍ସା ପାଇଁ ସବୁ ବ୍ୟବସ୍ଥା ରହିଥାଏ। ଏହାର ଆବଶ୍ୟକତାକୁ ଲକ୍ଷ୍ୟ କରି କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ହସ୍ପିଟାଲ (ଜିଲା ମୁଖ୍ୟ ଡାକ୍ତରଖାନା)ରେ ୬ଟି ନିଃଶୁଳ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଆମ୍ବୁଲାନ୍ସ ଡିଏମ୍‌ଏଫ ଅର୍ଥରେ କିଣାଯାଇଥିଲା। ମାତ୍ର ସେସବୁ କାମରେ ନ ଲାଗି ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ୬ ମାସ ହେବ ପଡ଼ିରହିଛି। ଅନ୍ୟପକ୍ଷେ ଆମ୍ବୁଲାନ୍ସରେ ସୁନ୍ଦରଗଡ଼ ଡିଏମ୍‌ଏଫର ଲୋଗୋ ଲାଗିଥିବାରୁ କାହା ଅର୍ଥରେ କିଣାଯାଇଛି ତାହା ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ଜିଲାର ଡିଏମ୍‌ଏଫ୍ ଅର୍ଥ ଅନ୍ୟ ଜିଲାରେ ଖର୍ଚ୍ଚ ହୋଇ ପାରିବ ନାହିଁ ବୋଲି ଡିଏମ୍‌ଏଫ୍‌ରେ ନିୟମ ରହିଛି। ଏହି ଆମ୍ବୁଲାନ୍ସରେ ସୁନ୍ଦରଗଡ଼ ଜିଲାର ଲୋଗୋ କାହିଁକି ଲାଗିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଟ୍ରଷ୍ଟବୋର୍ଡ ଅନୁମୋଦନରେ କିଣାଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ଏନେଇ ଜିଲାପାଳଙ୍କ ମତାମତ ନିମନ୍ତେ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ। ଅନ୍ୟପକ୍ଷରେ ସିଡିଏମଓ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ୬ଟି ଆମ୍ବୁଲାନ୍ସ କିଣାଯାଇଛି। ତାହା ଲୋକାର୍ପଣ ଅପେକ୍ଷାରେ ରଖାଯାଇଛି।

**ସୁନ୍ଦରଗଡ଼ ଡିଏମ୍‌ଏଫ୍ ଲୋଗୋକୁ ନେଇ ପ୍ରଶ୍ନବାଚୀ**




# ଜାତୀୟ ଡ୍ରାଇଭର ଦିବସ



ଚାଳକ ସଂଘ ସଦସ୍ୟମାନେ।

ପାଟଣା,୧।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡ୍ରାଇଭର ମହାସଂଘ ପକ୍ଷରୁ ଶନିବାର ଜାତୀୟ ଡ୍ରାଇଭର ଦିବସ ଅବସରରେ ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯାଇଛି। ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କୁ ଶୁଖିଲା ଖାଦ୍ୟ, ପାଣି ବୋତଲ ପ୍ରଦାନ କରିଥିଲେ। ପରେ କେନ୍ଦେଇପଶି, ତୁରୁମୁଙ୍ଗା ଓ ଖିରେଇଟାଙ୍ଗିରୀରେ ପହଞ୍ଚି କେକେ କାଟିଥିଲେ। କାର୍ଯ୍ୟକ୍ରମରେ ପାଟଣା ବ୍ଲକ୍ ଡ୍ରାଇଭର ସଂଘ ସଭାପତି ସଞ୍ଜୟ ଭୂମିଜ ଉପ ସଭାପତି ବିଶ୍ୱମ୍ଭର ମହାନ୍ତ, ସମ୍ପାଦକ ଗୌରାଙ୍ଗ ବେହେରା, କୋଷାଧ୍ୟକ୍ଷ ନିରଞ୍ଜନ ମହାନ୍ତଙ୍କ ସହ ୧୯ ପଞ୍ଚାୟତର ସମସ୍ତ ଡ୍ରାଇଭର ସାମିଲ ହୋଇଥିଲେ।

## ଥମୁନି ହାତୀ ଉପଦ୍ରବ, ପୁଣି ୨ ଘର ଭାଙ୍ଗିଲା

ପାଟଣା,୧।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୧୭ ଟିକିଆ ହାତୀପଲଙ୍କ ଉପଦ୍ରବ ଥମିବାରେ ନା ଧରୁନାହିଁ। ବୈତରଣୀ ନଦୀର ଡାଳପକା–ତଣ୍ଡ ମଝିରେ ଥିବା ଟାପୁରେ ଫସି ରହିଥିବା ୫ ହାତୀ ୧୨ ଟିକିଆ ହାତୀ ପଲରେ ମିଶିବା ପରେ ଶନିବାର ପୁଣି ଉତ୍ପାତ କରିଛନ୍ତି। ମାଛଗଡ଼ ସାଉଥ ବିଟ୍ ଅନ୍ତର୍ଗତ କେନ୍ଦୁଯୋଡ଼ା, ବନବୀର, ଡାଳପକା, କୁଣ୍ଡଳା ଓ ଖଡ଼ିବେଡ଼ା ଆଦି ଗ୍ରାମରେ ଧାନ, ମକ୍କା, ବୋଇତାଳୁ ଫସଲ ଉଜାଡ଼ିବା ସହ ୨ ଘର ଭଙ୍ଗିଦେଇଛନ୍ତି। ହାତୀପଲ ଶନିବାର ରାତି କେନ୍ଦୁଯୋଡ଼ା ଗ୍ରାମର କାଳିଆ ମହାନ୍ତ ଓ ଦୁଷ୍ମନ୍ତ ମାଝୀଙ୍କ ଆଜବେଷ୍ଟସ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ବାଡ଼ିରେ ଥିବା ପରିବାଚାଷ ନଷ୍ଟ କରିଛନ୍ତି। ହାତୀପଲ ରବିବାର ଖଡ଼ିବେଡା ଶାଳ ଜଙ୍ଗଲରେ ଡେରା ପକାଇଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। ଅନ୍ୟପକ୍ଷରେ କଣ୍ଟିଆପଡ଼ା ଧରମ ଘାଟିରେ ଗତକାଲି ଥିବା ଗୋଠଛଡ଼ା ଦନ୍ତାଟି ଶନିବାର ରାତି ବୈତରଣୀ ନଦୀ ପାର ହୋଇ ରବିବାର ସିଲିପଦା ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଭାଜପା ଶକ୍ତି କେନ୍ଦ୍ରର ସଦସ୍ୟତା କର୍ମଶାଳା

ଢେଙ୍କିକୋଟ,୧।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ଭାଜପା ପକ୍ଷରୁ ରବିବାର ଢେଙ୍କିକୋଟସ୍ଥିତ ପିଡବ୍ଲ୍ୟୁଡି ଡାକବଙ୍ଗଳାଠାରେ ନୂଆ ସଦସ୍ୟତା ସଂଗ୍ରହ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କିକୋଟ ଶକ୍ତିକେନ୍ଦ୍ର ତରଫରୁ ଆୟୋଜିତ କର୍ମଶାଳାରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇଥିଲେ। ଢେଙ୍କିକୋଟ ଭାଜପା ମଣ୍ଡଳ ସଭାପତି ଅକ୍ଷୟ ସିଂହଙ୍କ ସଭାପତିତ୍ୱରେ କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ସାହୁ, ଘସିପୁରା ନିର୍ବାଚନ ମଣ୍ଡଳୀର ସଂଯୋଜକ ଅଖିଳଚନ୍ଦ୍ର ପାତ୍ର, ପଣ୍ଡାପଡ଼ା ମଣ୍ଡଳୀର ପ୍ରହାରୀ ଇନ୍ଦ୍ରମଣି ମହାନ୍ତ, ଢେଙ୍କିକୋଟ ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଦସ୍ୟ ରଣଜିତ ନାୟକଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଅଂଶଗ୍ରହଣ କରିଥିଲେ। ଢେଙ୍କିକୋଟ ଅଞ୍ଚଳରେ ଯେପରି ସର୍ବାଧିକ ସଦସ୍ୟତା ସଂଗ୍ରହ ହେବ ସେଥିପାଇଁ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଏମ୍‌ପି ଗୁରୁମନ୍ତ୍ର ଦେଇଥିଲେ। ସାପ୍ତାହିକ ହାଟରେ ସଦସ୍ୟତା ସଂଗ୍ରହ କରିପାରିବେ। ଘସିପୁରା ନିର୍ବାଚନ ମଣ୍ଡଳୀର ସଂଯୋଜକ ଅଖିଳ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରାମଚନ୍ଦ୍ରପୁର,୧।୯(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତ ଉଲ୍ଲଳ ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ମୁନା ନାୟକ ନାମକ ଯୁବକ ଗୁରୁତର ହୋଇ ଡାକ୍ତଖାନାରେ ଚିକିତ୍ସିତ ହେଉଛନ୍ତି। ମୁନା ଉଲ୍ଲଳ ଗ୍ରାମର ପୁପୁନ ନାଥଙ୍କୁ ଆକ୍ରମଣ କରିବାକୁ ଆସିଥିବା ବେଳେ ନିଜେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଅପରାହ୍ନରେ ପୁପୁନ ମାମୁ ଘରକୁ ଯାଉଥିବା ବେଳେ ମଧୁକେଶ୍ୱରୀ ଧାନକଳ ନିକଟରେ ନିବେଦିତ ଖୁଣ୍ଟିଆ ଓ ମୁନା ନାୟକ, ପୁପୁନଙ୍କୁ ଆକ୍ରମଣ କରିଥିଲେ। ପୁପୁନଙ୍କ ପ୍ରତି ଆକ୍ରମଣରେ ମୁନାଙ୍କ ମୁଣ୍ଡରେ ୩ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏବେ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପୁପୁନ ରାମଚନ୍ଦ୍ରପୁର ଥାନାରେ ଶନିବାର ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୩୧୩/୨୪) ରୁଜୁ କରିଛି।

# ଖଲଣା ଗଳାପୋଲରେ ପାଣି ଜମୁଛି



ରାମଚନ୍ଦ୍ରପୁର,୧।୯(ଗଣେଶ୍ୱର ସା)

କେନ୍ଦୁଝର ଜିଲାର ଜୀବନରେଖା କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥର ଗଳାପୋଲ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ। ପାଣିକୋଇଲିଠାରୁ କେନ୍ଦୁଝର ରାଜାମୁଣ୍ଡା ପର୍ଯ୍ୟନ୍ତ ନିର୍ମିତ ଅନେକ ଗଳାପୋଲ ନିର୍ମାଣଗତ ତ୍ରୁଟି ଯୋଗୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦ ନମ୍ବର ଜାତୀୟ ରାଜପଥ ଖଲଣା ଗଳାପୋଲରେ ଏବେ ପାଣି ଜମୁଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଅସରାଏ ବର୍ଷା ହେଲେ ପାଣି ଜମି ରହି ଦୁର୍ଗନ୍ଧ କରିବା ସହ ମଶା ମାଛି ସଂଖ୍ୟା ବୃଦ୍ଧି ପାଉଛି। ଏହା ଦ୍ୱାରା ବିଭିନ୍ନ ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ସାମାଜିକ କର୍ମୀ ଟିକନ ମାଝୀ କହିଛନ୍ତି। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପାଣି ନିଷ୍କାସନ ବ୍ୟବସ୍ଥା କରିବା ସହ ରାସ୍ତା ମରାମତି କରିବାକୁ ଖଲଣା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାଏକ ଦାବି କରିଛନ୍ତି।

## ବିଜେଡି ନେତାଙ୍କ ଦେହାନ୍ତରେ ଶୋକ

ପାଟଣା,୧।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ପଞ୍ଚାୟତ ଅନ୍ତର୍ଗତ ଚିଲିଦା ଗ୍ରାମର ବିଜେଡି ନେତା ନିତ୍ୟାନନ୍ଦ ମହାନ୍ତ(୭୫)ଙ୍କ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ସେ ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ପୂର୍ବତନ ସଭାପତି, ପୂର୍ବତନ ବିଜେଡି ଜିଲା ଉପସଭପତି, କୁଡୁମୀ ସେନାର ସକ୍ରିୟ ସଦସ୍ୟ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ବିୟୋଗ ଖବର ପାଇ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ହୃଷିକେଶ ନାଏକ, କାହ୍ନୁ ଚରଣ ନାଏକ, ବିଜେଡି ବରିଷ୍ଠ ନେତା ଆଶିଷ ଚାକ୍ରବର୍ତ୍ତୀ, ବିଜେଡି ବ୍ଲକ୍ ସଭାପତି ମାଧବା ନନ୍ଦ ପୃଷ୍ଟୀ, କୁଡୁମି ସେନା ରାଜ୍ୟ ଉପ ସଭାପତି ମିତ୍ର ଭାନୁ ମହାନ୍ତ, ରାହାସ ବିହାରୀ ପୃଷ୍ଟି, ପ୍ରଶାନ୍ତ ଭଞ୍ଜ, ଦୀପକ ରାଜ, ଅଙ୍କୁର ମହାନ୍ତ, ବିଜୟ ମହାନ୍ତ, କଂଗ୍ରେସ ପୂର୍ବତନ ବ୍ଲକ୍ ସଭାପତି ଗୋବିନ୍ଦ ମହାନ୍ତ, ସୁବଳ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଚିଲିଦା ନକି ନାଳ କୂଳରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ପୁଅ ଶାନ୍ତନୁ ମୁଖଗ୍ନି ଦେଇଥିଲେ।

# ମଦ୍ୟପ ଗାଡ଼ିଚାଳକଙ୍କ ଉପରେ ଚଢାଉ

ଚମ୍ପୁଆ,୧।୯(ମହେଶ୍ୱର ଦାସ)

ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଫଳରେ ଧନ ଜୀବନ ହାନୀ ହେଉଛି। ଏହାକୁ ଆଖି ଆଗରେ ରଖି କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ପୋଲିସ ପକ୍ଷରୁ ମଦ୍ୟପ ଗାଡ଼ିଚାଳକଙ୍କ ଉପରେ ଚଢାଉ ଆରମ୍ଭ କରାଯାଇଛି। ଅଗଷ୍ଟ ୨୪ ରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଚମ୍ପୁଆ ଥାନା ପାଖରୁ ୭ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ୨ ପିକ୍‌ଅପ, ୨ ବାଇକ୍, ୧ ଟ୍ରେଲର, ୨ ଟି ଟ୍ରକ୍‌କୁ ପୋଲିସ ଜବତ କରିଥିବା ସୂଚନା ମିଳିଛି। ସନ୍ଧ୍ୟା ଏବଂ ରାତିରେ ମଦ୍ୟପ ଡ୍ରାଇଭରମାନେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ରହୁଛି। ଅଧିକ ଗାଡ଼ି ଚଳାଚଳ ସ୍ଥାନଗୁଡ଼ିକରେ ପୋଲିସ ପକ୍ଷରୁ ଏହି ଚଢାଉ କରାଯାଇଥିଲା।

# ମୁନି ସମାଜର କାର୍ଯ୍ୟକାରିଣୀ କମିଟି ଗଠିତ

କେନ୍ଦୁଝର,୧।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ବ୍ରହ୍ମଣୀ ଗାଁ ମୁନି ଆଶ୍ରମଠାରେ କେନ୍ଦୁଝର ଜିଲା ମୁନି ସମାଜର କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି। ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ଅଧ୍ୟକ୍ଷ ଯୋଗୀ ବସନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ପ୍ରାନ୍ତୀୟ ପ୍ରଚାର ସଂଗଠନ ମନ୍ତ୍ରୀ ମହିମ ମୁନି ଓ ଭାଗବତ ମୁନିଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ କେନ୍ଦୁଝର ଜିଲା ମୁନି ସମାଜର କାର୍ଯ୍ୟକାରିଣୀ କମିଟି ଗଠିତ ହୋଇଥିଲା। ନୂତନ କାର୍ଯ୍ୟକାରିଣୀ କମିଟିରେ ଜିଲା ମୁନି ସମାଜର ଅଧ୍ୟକ୍ଷ ଭାବେ ଅନାଦି ଚରଣ ବିଶ୍ୱାଳ(ଶାସଙ୍ଗ)ଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଉପାଧ୍ୟକ୍ଷ ଭାବେ ମମତା ରାଣୀ ଦାସ, ମନ୍ତ୍ରୀ ହଳଧର ପାତ୍ର, ସହମନ୍ତ୍ରୀ ଦୁର୍ଲ୍ଲଭ ପାତ୍ର, କୋଷାଧ୍ୟକ୍ଷ ଗୋକୁଳଚନ୍ଦ୍ର ପାତ୍ର, ପ୍ରଚାର ସଂଗଠନ ମନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକ, ବିରଞ୍ଚି ମୁଣ୍ଡା ଓ ସୁମିତ୍ରା ମୁଣ୍ଡା, ଉପଦେଷ୍ଟା ଭାବେ ବାଉରୀ ବନ୍ଧୁ ମହାନ୍ତି, ନରସିଂହ ମାଝି ଓ ଖଗେଶ୍ୱର ମହାନ୍ତିଙ୍କୁ ମନୋନୀତ କରାଯାଇଛି। ଏଥିସହିତ ଗତିକୃଷ୍ଣ ମିଶ୍ର, ଯଦୁମଣି ପାତ୍ର, ଚୌଧୁରୀ ମୁଣ୍ଡା, ସୁତ୍ରୀ ପୂର୍ତ୍ତି, ବାମଦେବ ନାଏକ, ଧିରେନ ପାତ୍ର, ରମେଶ ଚନ୍ଦ୍ର ମହାନ୍ତ, ଅଜିତ ମହାନ୍ତ, ଗୁରୁଚରଣ ମହାନ୍ତ, ବେଣୁଧର ସାହୁ, ଯଦୁମଣି ମହାନ୍ତ, ଉମେଶ ଚନ୍ଦ୍ର ମୁଣ୍ଡା, ଡମ୍ବରୁଧର ମହାନ୍ତ, ସନ୍ତୋଷ ବେହେରା ଆଦିଙ୍କୁ ସଭ୍ୟ ଭାବରେ ଗ୍ରହଣ କରାଯାଇଥିବା ସଂଗଠନର ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ମନ୍ତ୍ରୀ ପ୍ରଶାନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

## ବାହାନଗା ରେଳଫାଟକ ନିକଟରେ ଦୁର୍ଘଟଣା

**ମହିଳା ଗୁରୁତର**

ବାହାନଗା,୧।୯(ଅରୂପ୍ କୁମାର ଦାସ)– ବାହାନଗା ରେଳଫାଟକ ନିକଟରେ ରବିବାର ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ କଲ୍ୟାଣି ପଞ୍ଚାୟତ ଅନ୍ତର୍ଗତ ଗିଳିଦା ଗ୍ରାମର ଶ୍ରୀକାନ୍ତ ମିଶ୍ରଙ୍କ ସ୍ତ୍ରୀ କୁନି। ସ୍ୱାମୀଙ୍କ ସହ ସେ ସ୍କୁଟି ଯୋଗେ ଖଇରାରୁ ନିଜ ଗାଁକୁ ଯାଉଥିଲା ବେଳେ ଏକ ଡମ୍ପର ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ବାହାନଗା ରେଳ ଦୁର୍ଘଟଣା ଯେଉଁ ସ୍ଥାନରେ ଘଟିଥିଲା ସେହି ସ୍ଥାନରେ ବାରମ୍ବାର ଏଭଳି ରାସ୍ତା ଦୁର୍ଘଟଣା ଘଟୁଛି। ସେଠାରେ ଏକ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। ରେଳ ଦୁର୍ଘଟଣା ସମୟରେ ମଧ୍ୟ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ପାଇଁ ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ରେଳ ଦୁର୍ଘଟଣାକୁ ଦେଢ଼ବର୍ଷ ପୂରି ଯାଇଥିଲେ ବି ଓଭରବ୍ରିଜ୍ ନିର୍ମାଣ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

# ରାଷ୍ଟ୍ରୀୟ ଡ୍ରାଇଭର ଦିବସ

କାଳିପଦା,୧।୯(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ରାଜ୍ୟ ଡ୍ରାଇଭର ସଂଘ ପକ୍ଷରୁ ରବିବାର ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ ହୋଇଯାଇଛି। ଡ୍ରାଇଭର ସଂଘର ସଦସ୍ୟମାନେ ଉଗରାସ୍ଥିତ ମଦର ଟେରେସା ସେବା ସଂଘ ମୂକ, ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଚଉମୁଖଠାରେ ଥିବା ପ୍ରହ୍ଲାଦ ମାନସିକ ବିଦ୍ୟାଳୟରେ ପହଞ୍ଚି ସେଠାରେ ପିଲାମାନଙ୍କୁ ଖାତା, ଚକୋଲେଟ୍ ବଣ୍ଟନ କରିଥିଲେ। ମଦ୍ୟପାନରୁ ଦୂରରେ ରହି ଗାଡ଼ି ଚାଳନା କରିବା ପାଇଁ ବାଲିଆପାଳ ସଂଘର ସଭାପତି ଶଶୀକାନ୍ତ ପ୍ରଧାନ, ସମ୍ପାଦକ ଜୟକୃଷ୍ଣ ଗଙ୍ଗେଇ, ଉପ–ସଭାପତି ଗୌରାଙ୍ଗ ଜେନା ଡ୍ରାଇଭରରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ତ୍ତିକ ପାତ୍ର, ମୃତ୍ୟୁଞ୍ଜୟ ଦାସ, କାର୍ତ୍ତିକ ରାଉତ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗହଣା ବ୍ୟବସାୟୀଙ୍କଠାରୁ ଲୁଟ୍

ବାଲିଆପାଳ,୧।୯(ଅମୂଲ୍ୟ କୁମାର ଦାସ)– ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର–ଜାମଶୁଳି ରାସ୍ତାରେ ଯାଉଥିବା ଜଣେ ଗହଣା ବ୍ୟବସାୟୀଙ୍କଠାରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ୭୦ ଗ୍ରାମ୍‌ର ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଲଙ୍ଗଳେଶ୍ୱର ବଜାରରେ ସ୍ଥାନୀୟ ବାହାଦଲପୁର ନିବାସୀ ରଘୁନାଥ ରଣାଙ୍କର ଏକ ଗହଣା ଦୋକାନ ରହିଛି। ରାତିରେ ସେ ଦୋକାନ ବନ୍ଦ କରି ସାଇକେଲରେ ଘରକୁ ଯାଉଥିଲେ। ଏକ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ଜୁଡ଼ାଗୋଡ଼ିଆ ନିକଟ ରାସ୍ତାରେ ତାଙ୍କଠାରୁ ସୁନା ଅଳଙ୍କାର ଥିବା ବ୍ୟାଗ୍‌ଟିକୁ ଝମ୍ପି ନେଇ ଦ୍ରୁତ ଗତିରେ ଜାମଶୁଳି ରାସ୍ତା ଅଭିମୁଖେ ପଳାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାରେ ତଦନ୍ତ ଜାରି ରଖିଛି।

## ମାଖନପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରୁ ଚୋରି

ଖଇରା,୧।୯(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଖନପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରୁ ଶନିବାର ରାତିରେ ଚୋରି ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ କବାଟ ଗ୍ରିଲ ଭାଙ୍ଗି ଇନଭର୍ଟର ମେଶିନ, ୨ଟି ବ୍ୟାଟେରି, ସିଲିଂ ଫ୍ୟାନ ସମେତ ଅନ୍ୟାନ୍ୟ ଆସବାବପତ୍ର ଚୋରାଇ ନେଇଛନ୍ତି। ଖଇରା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛି।

# ଯୋଡ଼ାରେ ସ୍ୱାୟତ୍ତ ଶାସନ ଦିବସ

ଯୋଡ଼ା,୧।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାମ ଧୂନ ଓ ପ୍ରଭାତ ଫେରି, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଯୋଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ନଗରପାଳଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି କମାର ଯୋଡ଼ା ସରକାରୀ ଡାକ୍ତରଖାନା ଓ ବନେଇକଳା ଡାକ୍ତରଖାନା, ବୃଦ୍ଧଶ୍ରମରେ ଫଳ ବଣ୍ଟନ ଓ ଛାତ୍ରୀଛାତ୍ର ତଥା ସ୍ୱଚ୍ଛକର୍ମୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବଡ଼ବିଲ ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ ଦଲେଇ, ମୁଖ୍ୟ ବକ୍ତାଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଧାକର ଦାଶ, ସମ୍ମାନିତ ଅତିଥିଭାବେ ଯୋଡ଼ା ନଗରପାଳ ଡା. ଜଗଦୀଶ ପ୍ରସାଦ ସାହୁ, ଉପ ନଗରପାଳ ସନ୍ଧ୍ୟା ପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ଯୋଡ଼ା ଟାଟା ଷ୍ଟିଲ୍ ମୁଖ୍ୟ ରାଜେଶ କୁମାର ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉପରେ ପୌରବାସୀ ଯତ୍ନବାନ ହେବାକୁ କହିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରି କହିଥିଲେ। ସଭାପରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ସୋମନାଥ ମହାନ୍ତି, ବରିଷ୍ଠ ଖବରଦାତା ବେଣୁଧର ବେହେରା, ପ୍ରକାଶ ମହାନ୍ତିଙ୍କୁ ପୌର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହିତ ପୌରପାଳିକା ସ୍ୱଚ୍ଛକର୍ମୀ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୌର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ସୁଧାଂଶୁ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଯୋଡ଼ା ଉପ ନଗରପାଳ ସନ୍ଧ୍ୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବସ୍ତା ଲେଭଲ୍ କ୍ରସିଂଠାରେ ଉଡ଼ନ୍ତା ପୋଲ ନିର୍ମାଣ ଦାବି

ବାଲେଶ୍ୱର,୧।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ବାଇପାସ୍ ତଥା ଗାନ୍ଧୀ ଛକଠାରୁ ମୟୂରଭଞ୍ଜର ଜିଲାର ୧୬ନ.ଂ ଜାତୀୟ ରାଜପଥର ବେତନଟୀର ବଙ୍ଗଳା ଛକ ପର୍ଯ୍ୟନ୍ତ ଥିବା ରାସ୍ତାଟି ଗୁରୁତ୍ୱପୂର୍ଣ୍ଣ। ମାତ୍ର ବସ୍ତା ଷ୍ଟେଶନ ନିକଟରେ ରେଳ ଧାରଣା ଅତିକ୍ରମଣ ସ୍ଥାନ (ରେଲୱେ ଲେଭଲ୍ କ୍ରସିଂ–୬୧)ଠାରେ ଉଡ଼ନ୍ତା ରେଳ ପୋଲ ନିର୍ମାଣ ନ ହେବା ଯୋଗୁ ଯାନବାହାନ ଯାତାୟାତରେ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ପ୍ରତି ମୁହୂର୍ତ୍ତରେ ଉଭୟ ପଟରୁ ଟ୍ରେନ୍ ଚଳାଚଳ କରୁଥିବାରୁ ଏଠାରେ ଫାଟକ ଅଧିକାଂଶ ସମୟ ପଡ଼ି ରହୁଛି। ଫଳରେ ଦୁଇ ଜିଲାର ପଥଚାରୀ ଓ ଯାନବାହନ ପାଇଁ ଯାତାୟତରେ ପ୍ରତିବନ୍ଧକ ସାଜିଛି ଏହି ଫାଟକ। ଏଠାରେ ଉଡ଼ନ୍ତା ରେଳ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କର କିଛି ପ୍ରସ୍ତାବ ଅଛି କି, ଯଦି ଅଛି ତାହା କେବେଠାରୁ ଆରମ୍ଭ ହେବ ବୋଲି ବସ୍ତା ବିଧାୟିକା ସୁବାସିନୀ ଜେନା ବିଧାନସଭାରେ ପ୍ରଶ୍ନ କରିଛନ୍ତି। ଆଇନ, ନିର୍ମାଣ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତରରେ ବସ୍ତା ଷ୍ଟେଶନ ନିକଟରେ ଥିବା ରେଳ ଧାରଣା ଅତିକ୍ରମ ସ୍ଥାନରେ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ଓଡ଼ିଶା ସରକାର ଓ ଦକ୍ଷିଣପୂର୍ବ ରେଳ ବିଭାଗର ମିଳିତ ସହଯୋଗରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ରେଳ ଓଭର ବ୍ରିଜର ନିର୍ମାଣ ନିମନ୍ତେ ପ୍ରକ୍ରିୟା ଚାଲୁ ରହିଛି ବୋଲି ଜଣାଇଥିଲେ। ବିଶେଷକରି ବସ୍ତା ବ୍ଲକ୍ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ ଦପ୍ତର ଏବଂ ପତ୍ରଝଡ଼ା ପଞ୍ଚାୟତ ଅପର ପାର୍ଶ୍ୱରେ ରହିବା ଫଳରେ ବ୍ଲକ୍‌କୁ ଯିବା ନିମନ୍ତେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଡ଼ନ୍ତା ପୋଲଟି ନିର୍ମାଣ ହେଲେ ଉଭୟ ଜିଲାର ବାଣିଜ୍ୟିକ କାରବାରରେ ଉନ୍ନତି ଘଟିବ। ଏହି ସବୁ ଦିଗକୁ ଲକ୍ଷ୍ୟ କରି ବସ୍ତା ବିଧାୟିକା ସୁବାସିନୀ ଜେନା ଲେଭଲ୍ କ୍ରସିଂ ଉପରେ ଉଡ଼ନ୍ତା ପୋଲ ନିର୍ମାଣ ପାଇଁ ବିଧାନସଭାରେ ପ୍ରଶ୍ନ କରିଥିଲେ।

**ବିଧାନସଭାରେ ପ୍ରଶ୍ନ କଲେ ବସ୍ତା ବିଧାୟିକା**



ବିଧାନସଭାରେ ପ୍ରଶ୍ନ ଉପସ୍ଥାପନ କରୁଥିବା ବିଧାୟିକା ସୁବାସିନୀ ଜେନା।

# ODISHA PUBLIC SERVICE COMMISSION CUTTACK

## NOTICE

**No. 4839/ PSC Dt.31.08.2024**

No. D-: It is for information of all 1367 (493-W) provisionally qualified candidates of OCS (Main) Examination-2022 that, the **Document Verification & Personality Test** of Odisha Civil Services, 2022, pursuant to Advt. No. 17 of 2022-23 will be held from **10.09.2024 to 06.10.2024 (except 16.09.2024, 22.09.2024 & 02.10.2024)** in the Office of Commission, at 19, Dr. P.K. Parija Road, Cuttack - 753001 as per the programme detailed below.

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test | Team |
|---|---|---|---|---|
| 1 | 2 | 3 | 4 | 5 |
| 1 | 100289, 100349, 100389, 100609, 100679, 100772, 100997, 101202, 101385, 101497 = **10 Candidates** | 10.09.2024 | Forenoon Session | Team - I |
| | 101522, 101603, 101733, 101829, 101940, 102064, 102556, 102828, 102863 = **09 Candidates** | | Afternoon Session | |
| | 102895, 103548, 103722, 103728, 104176, 104194, 104297, 104427, 104637, 104768 = **10 Candidates** | 10.09.2024 | Forenoon Session | Team - II |
| | 104792, 105166, 105218, 105282, 105407, 105689, 105759, 105825, 105879 = **09 Candidates** | | Afternoon Session | |
| | 107126, 107241, 107258, 107295, 107415, 107536, 107558, 107583, 107666, 107844 = **10 Candidates** | 10.09.2024 | Forenoon Session | Team - III |
| | 107992, 108320, 108459, 108548, 200161, 200323, 200458, 200475, 200527 = **09 Candidates** | | Afternoon Session | |
| 2 | 200542, 200555, 200684, 200837, 200905, 201018, 201204, 201271, 201521, 201564 = **10 Candidates** | 11.09.2024 | Forenoon Session | Team - I |
| | 201605, 202034, 202147, 202250, 202350, 202708, 202788, 202811, 202854 = **09 Candidates** | | Afternoon Session | |
| | 202887, 203138, 203272, 203366, 203446, 203555, 203610, 203615, 203636, 204028 = **10 Candidates** | 11.09.2024 | Forenoon Session | Team - II |
| | 204149, 204293, 204356, 204403, 204653, 204772, 205380, 205462, 205467 = **09 Candidates** | | Afternoon Session | |
| | 205474, 205477, 205492, 205553, 205791, 206107, 206109, 206152, 206337, 206711 = **10 Candidates** | 11.09.2024 | Forenoon Session | Team - III |
| | 206733, 206900, 207043, 207326, 207410, 207639, 207720, 207810, 208063 = **09 Candidates** | | Afternoon Session | |
| 3 | 208089, 208439, 300005, 300009, 300034, 300103, 300146, 300208, 300211, 300240 = **10 Candidates** | 12.09.2024 | Forenoon Session | Team - I |
| | 300256, 300266, 300319, 300564, 300581, 300616, 300659, 300699, 300850 = **09 Candidates** | | Afternoon Session | |
| | 300869, 300897, 300901, 300921, 300926, 300950, 300955, 300958, 300981, 301017 = **10 Candidates** | 12.09.2024 | Forenoon Session | Team - II |
| | 301018, 301084, 301119, 301185, 301187, 301212, 301326, 301327, 301345 = **09 Candidates** | | Afternoon Session | |
| | 301407, 301411, 301454, 301455, 301588, 301589, 301597, 301604, 301623, 301628 = **10 Candidates** | 12.09.2024 | Forenoon Session | Team - III |
| | 301647, 301649, 301757, 301910, 301917, 301965, 302043, 302074, 302099 = **09 Candidates** | | Afternoon Session | |
| 4 | 302103, 302161, 302216, 302279, 302296, 302302, 302311, 302518, 302548, 302592 = **10 Candidates** | 13.09.2024 | Forenoon Session | Team - I |
| | 302602, 302628, 302718, 302742, 302788, 302859, 302948, 302956, 303018 = **09 Candidates** | | Afternoon Session | |
| | 303026, 303082, 303100, 303152, 303154, 303157, 303162, 303177, 303202, 303285 = **10 Candidates** | 13.09.2024 | Forenoon Session | Team - II |
| | 303294, 303399, 303566, 303583, 303728, 303752, 303770, 303813, 303870 = **09 Candidates** | | Afternoon Session | |
| | 303877, 303914, 303923, 303964, 304007, 304077, 304081, 304226, 304303, 304326 = **10 Candidates** | 13.09.2024 | Forenoon Session | Team - III |
| | 304354, 304367, 304380, 304509, 304572, 304573, 304606, 304617, 304633 = **09 Candidates** | | Afternoon Session | |
| 5 | 304640, 304649, 304666, 304672, 304676, 304707, 304728, 304771, 304790, 304826 = **10 Candidates** | 14.09.2024 | Forenoon Session | Team - I |
| | 304836, 304852, 304933, 304983, 304989, 305075, 305079, 305245, 305280 = **09 Candidates** | | Afternoon Session | |
| | 305299, 305308, 305340, 305489, 305632, 305633, 305693, 305710, 305869, 305925 = **10 Candidates** | 14.09.2024 | Forenoon Session | Team - II |
| | 306006, 306019, 306069, 306108, 306114, 306117, 306173, 306197, 306209 = **09 Candidates** | | Afternoon Session | |
| | 306405, 306433, 306434, 306479, 306576, 306601, 306670, 306706, 306819, 306908 = **10 Candidates** | 14.09.2024 | Forenoon Session | Team - III |
| | 306957, 307019, 307035, 307061, 307067, 307091, 307105, 307155, 307203 = **09 Candidates** | | Afternoon Session | |
| 6 | 307211, 307221, 307290, 307320, 307381, 307480, 307529, 307539, 307545, 307573 = **10 Candidates** | 15.09.2024 | Forenoon Session | Team - I |
| | 307634, 307636, 307638, 307676, 307685, 307713, 307849, 308025, 308096 = **09 Candidates** | | Afternoon Session | |
| | 308101, 308217, 308263, 308300, 308315, 308357, 308405, 308458, 308502, 308588 = **10 Candidates** | 15.09.2024 | Forenoon Session | Team - II |
| | 308593, 308677, 308766, 308775, 308779, 308823, 308842, 308844, 308891 = **09 Candidates** | | Afternoon Session | |
| | 308913, 308974, 309029, 309045, 309062, 309066, 309068, 309090, 309217, 309290 = **10 Candidates** | 15.09.2024 | Forenoon Session | Team - III |
| | 309351, 309359, 309382, 309479, 309547, 309651, 309775, 309912, 309927 = **09 Candidates** | | Afternoon Session | |
| 7 | 309956, 310037, 310073, 310133, 310158, 310160, 310202, 310207, 310221, 310244 = **10 Candidates** | 17.09.2024 | Forenoon Session | Team - I |
| | 310333, 310356, 310412, 310459, 310497, 310501, 310635, 310638, 310642 = **09 Candidates** | | Afternoon Session | |
| | 310662, 310666, 310693, 310747, 310775, 310795, 310796, 310833, 310941, 311015 = **10 Candidates** | 17.09.2024 | Forenoon Session | Team - II |
| | 311053, 311056, 311140, 311147, 311182, 311219, 311244, 311267, 311269 = **09 Candidates** | | Afternoon Session | |
| | 311337, 311395, 311409, 311476, 311484, 311501, 311544, 311545, 311576, 311610 = **10 Candidates** | 17.09.2024 | Forenoon Session | Team - III |
| | 311686, 311719, 311722, 311738, 311763, 311809, 311858, 311915, 311939 = **09 Candidates** | | Afternoon Session | |
| 8 | 311988, 311995, 312031, 312036, 312067, 312070, 312284, 312363, 312500, 312538 = **10 Candidates** | 18.09.2024 | Forenoon Session | Team - I |
| | 312567, 312664, 312671, 312696, 312780, 312798, 312897, 312968, 313035 = **09 Candidates** | | Afternoon Session | |
| | 313044, 313078, 313199, 313205, 313319, 313320, 313359, 313375, 313382, 313478 = **10 Candidates** | 18.09.2024 | Forenoon Session | Team - II |
| | 313575, 313598, 313627, 313633, 313634, 313679, 313724, 313736, 313833 = **09 Candidates** | | Afternoon Session | |
| | 313954, 313979, 313982, 313985, 314127, 314210, 314302, 314317, 314326, 314370 = **10 Candidates** | 18.09.2024 | Forenoon Session | Team - III |
| | 314535, 314554, 314561, 314604, 314694, 314776, 315062, 315087, 315219 = **09 Candidates** | | Afternoon Session | |
| 9 | 315294, 315298, 315325, 315437, 315445, 315451, 315603, 315712, 315716, 315736 = **10 Candidates** | 19.09.2024 | Forenoon Session | Team - I |
| | 315793, 315870, 315886, 315971, 315973, 316255, 316273, 316429, 316474 = **09 Candidates** | | Afternoon Session | |
| 9 | 316476, 316488, 316520, 316522, 316526, 316557, 316573, 316575, 316606, 316629 = **10 Candidates** | 19.09.2024 | Forenoon Session | Team - II |
| | 316708, 316752, 316842, 316907, 316913, 317022, 317078, 317326, 317361 = **09 Candidates** | | Afternoon Session | |
| | 317503, 317512, 317541, 317630, 317650, 317684, 317725, 317760, 317827, 317829 = **10 Candidates** | 19.09.2024 | Forenoon Session | Team - III |
| | 317838, 317844, 317869, 317880, 317898, 317972, 317974, 318068, 318072 = **09 Candidates** | | Afternoon Session | |
| 10 | 318196, 318246, 318256, 318361, 318400, 318412, 318450, 318480, 318741, 318743 = **10 Candidates** | 20.09.2024 | Forenoon Session | Team - I |
| | 318796, 318905, 318971, 318973, 318999, 319043, 319058, 319078, 319344 = **09 Candidates** | | Afternoon Session | |
| | 319351, 319390, 319473, 319545, 319597, 319627, 319645, 319674, 319742, 319783 = **10 Candidates** | 20.09.2024 | Forenoon Session | Team - II |
| | 320022, 320032, 320112, 320176, 320178, 320213, 320223, 320231, 320232 = **09 Candidates** | | Afternoon Session | |
| | 320267, 320324, 320339, 320474, 320523, 320556, 320641, 320665, 320689, 320708 = **10 Candidates** | 20.09.2024 | Forenoon Session | Team - III |
| | 320717, 320725, 320759, 320837, 320840, 320844, 320867, 321051, 321065 = **09 Candidates** | | Afternoon Session | |
| 11 | 321089, 321191, 321215, 321218, 321360, 321398, 321529, 321609, 321626, 321643 = **10 Candidates** | 21.09.2024 | Forenoon Session | Team - I |
| | 321644, 321663, 321731, 321742, 321766, 321803, 321935, 321947, 321964 = **09 Candidates** | | Afternoon Session | |
| | 322102, 322170, 322215, 322224, 322247, 322302, 322320, 322333, 322348, 322482 = **10 Candidates** | 21.09.2024 | Forenoon Session | Team - II |
| | 322513, 322557, 322569, 322599, 322640, 322655, 322680, 322880, 322899 = **09 Candidates** | | Afternoon Session | |
| | 322926, 323071, 323137, 323380, 323386, 323397, 323406, 323418, 323506, 323529 = **10 Candidates** | 21.09.2024 | Forenoon Session | Team - III |
| | 323536, 323607, 323668, 323692, 323821, 323822, 323836, 323912, 323945 = **09 Candidates** | | Afternoon Session | |
| 12 | 324021, 324148, 324170, 324181, 324196, 324197, 324205, 324210, 324214, 324216 = **10 Candidates** | 23.09.2024 | Forenoon Session | Team - I |
| | 324270, 324295, 324300, 324336, 324413, 324645, 324788, 324789, 324818 = **09 Candidates** | | Afternoon Session | |
| | 324927, 324931, 324955, 324986, 325039, 325071, 325085, 325094, 325128, 325260 = **10 Candidates** | 23.09.2024 | Forenoon Session | Team - II |
| | 325287, 325469, 325496, 325552, 325662, 325687, 325742, 325777, 325796 = **09 Candidates** | | Afternoon Session | |
| | 325833, 325879, 325964, 326247, 326264, 326364, 326449, 326523, 326537, 326546 = **10 Candidates** | 23.09.2024 | Forenoon Session | Team - III |
| | 326553, 326595, 326598, 326875, 327010, 327076, 327096, 327109, 327180 = **09 Candidates** | | Afternoon Session | |
| 13 | 327245, 327311, 327331, 327337, 327470, 327669, 327754, 327763, 327774, 327821 = **10 Candidates** | 24.09.2024 | Forenoon Session | Team - I |
| | 327836, 327859, 327897, 327907, 327915, 327931, 327954, 327972, 328024 = **09 Candidates** | | Afternoon Session | |
| | 328077, 328085, 328138, 328143, 328170, 328292, 328318, 328352, 328638, 328917 = **10 Candidates** | 24.09.2024 | Forenoon Session | Team - II |
| | 328937, 329180, 329206, 329240, 329261, 329331, 329349, 329415, 329479 = **09 Candidates** | | Afternoon Session | |
| | 329629, 329767, 329807, 329880, 329966, 330039, 330138, 330158, 330177, 330364 = **10 Candidates** | 24.09.2024 | Forenoon Session | Team - III |
| | 330404, 330410, 330542, 330565, 330769, 330770, 330997, 331038, 331122 = **09 Candidates** | | Afternoon Session | |
| 14 | 331179, 331190, 331206, 331231, 331376, 331383, 331498, 331507, 331524, 331561 = **10 Candidates** | 25.09.2024 | Forenoon Session | Team - I |
| | 331639, 331684, 331695, 331700, 331704, 331715, 331772, 331831, 331844 = **09 Candidates** | | Afternoon Session | |
| | 331854, 331922, 331949, 331975, 331991, 332027, 332028, 332094, 332137, 332141 = **10 Candidates** | 25.09.2024 | Forenoon Session | Team - II |
| | 332180, 332184, 332312, 332328, 332383, 332409, 332410, 332419, 332432 = **09 Candidates** | | Afternoon Session | |
| | 332734, 332748, 332752, 332786, 332787, 332863, 332870, 332877, 332928, 332975 = **10 Candidates** | 25.09.2024 | Forenoon Session | Team - III |
| | 332976, 333008, 333034, 333058, 333185, 333219, 333250, 333293, 333426 = **09 Candidates** | | Afternoon Session | |
| 15 | 333428, 333433, 333711, 333811, 333828, 333858, 333880, 333882, 333885, 333900 = **10 Candidates** | 26.09.2024 | Forenoon Session | Team - I |
| | 333925, 334059, 334080, 334086, 334114, 334127, 334146, 334172, 334187 = **09 Candidates** | | Afternoon Session | |
| | 334197, 334221, 334477, 334506, 334510, 334543, 334563, 334564, 334566, 334704 = **10 Candidates** | 26.09.2024 | Forenoon Session | Team - II |
| | 334715, 334786, 334804, 334810, 334817, 334843, 334889, 334894, 334926 = **09 Candidates** | | Afternoon Session | |
| | 334927, 334946, 334992, 335018, 335026, 335091, 335120, 335133, 335158, 335162 = **10 Candidates** | 26.09.2024 | Forenoon Session | Team - III |
| | 335175, 335200, 335211, 335268, 335282, 335340, 335383, 335416, 335422 = **09 Candidates** | | Afternoon Session | |
| 16 | 335423, 335529, 335564, 335593, 335669, 335673, 335701, 335709, 335718, 335742 = **10 Candidates** | 27.09.2024 | Forenoon Session | Team - I |
| | 335744, 335762, 335790, 335792, 335798, 335808, 335946, 335985, 336011 = **09 Candidates** | | Afternoon Session | |
| | 336045, 336054, 336149, 336201, 336419, 336461, 336483, 336486, 336499, 336603 = **10 Candidates** | 27.09.2024 | Forenoon Session | Team - II |
| | 336694, 336766, 336773, 336835, 336871, 336918, 336920, 336931, 336933 = **09 Candidates** | | Afternoon Session | |
| | 336943, 337017, 337156, 337258, 337271, 337360, 337361, 337365, 337476, 337481 = **10 Candidates** | 27.09.2024 | Forenoon Session | Team - III |
| | 337554, 337636, 337672, 337765, 337774, 337794, 337844, 337902, 337904 = **09 Candidates** | | Afternoon Session | |
| 17 | 337914, 337941, 337965, 337981, 338006, 338012, 338045, 338069, 338125, 338153 = **10 Candidates** | 28.09.2024 | Forenoon Session | Team - I |
| | 338335, 338376, 338397, 338470, 338481, 338626, 338632, 338679, 338682 = **09 Candidates** | | Afternoon Session | |
| | 338709, 338813, 338882, 338910, 338920, 338932, 338933, 338995, 339004, 339007 = **10 Candidates** | 28.09.2024 | Forenoon Session | Team - II |
| | 339149, 339241, 339267, 339281, 339311, 339385, 339488, 339572, 339574 = **09 Candidates** | | Afternoon Session | |
| | 339575, 339697, 339711, 339803, 339811, 339851, 339868, 339882, 339941, 340012 = **10 Candidates** | 28.09.2024 | Forenoon Session | Team - III |
| | 340017, 340039, 340045, 340057, 340067, 340647, 340675, 340686, 340716 = **09 Candidates** | | Afternoon Session | |
| 18 | 340804, 340838, 340858, 340891, 340895, 340920, 340979, 341114, 341203, 341223 = **10 Candidates** | 29.09.2024 | Forenoon Session | Team - I |
| | 341226, 341259, 341302, 341318, 341353, 341364, 341461, 341527, 341633 = **09 Candidates** | | Afternoon Session | |
| | 341658, 341750, 341765, 341824, 341842, 341876, 341901, 341914, 342059, 342094 = **10 Candidates** | 29.09.2024 | Forenoon Session | Team - II |
| | 342131, 342139, 342141, 342230, 342249, 342277, 342310, 342317, 342382 = **09 Candidates** | | Afternoon Session | |
| | 342596, 342673, 342689, 342826, 343018, 343035, 343068, 343128, 343144, 343158 = **10 Candidates** | 29.09.2024 | Forenoon Session | Team - III |
| | 343203, 343291, 343297, 343329, 343355, 343396, 343482, 343505, 343535 = **09 Candidates** | | Afternoon Session | |
| 19 | 343542, 343562, 343574, 343646, 343678, 343748, 343750, 343915, 343964, 344035 = **10 Candidates** | 30.09.2024 | Forenoon Session | Team - I |
| | 344054, 344060, 344138, 344202, 344246, 344339, 344345, 344357, 344358 = **09 Candidates** | | Afternoon Session | |
| | 344381, 344469, 344532, 344592, 344616, 344653, 344772, 344785, 344823, 344826 = **10 Candidates** | 30.09.2024 | Forenoon Session | Team - II |
| | 344833, 400111, 400168, 400193, 400248, 400276, 400400, 400401, 400467 = **09 Candidates** | | Afternoon Session | |
| | 400479, 400529, 400574, 400587, 400668, 400704, 400894, 400903, 400921, 400983 = **10 Candidates** | 30.09.2024 | Forenoon Session | Team - III |
| | 401003, 401016, 401023, 401085, 401196, 401264, 401323, 401348, 401489 = **09 Candidates** | | Afternoon Session | |
| 20 | 401516, 401677, 401779, 401808, 401818, 401882, 402106, 402222, 402265, 402309 = **10 Candidates** | 01.10.2024 | Forenoon Session | Team - I |
| | 402534, 402558, 402567, 402711, 402858, 402959, 403045, 403085, 403168 = **09 Candidates** | | Afternoon Session | |
| | 403232, 403265, 403326, 403410, 403456, 403529, 403530, 403582, 403760, 403774 = **10 Candidates** | 01.10.2024 | Forenoon Session | Team - II |
| | 403907, 403918, 403923, 404065, 404132, 404351, 404361, 404593, 404622 = **09 Candidates** | | Afternoon Session | |
| | 404886, 404901, 404926, 404968, 404973, 405010, 405041, 405055, 405351, 405355 = **10 Candidates** | 01.10.2024 | Forenoon Session | Team - III |
| | 405391, 405399, 405460, 405559, 405571, 405646, 405707, 405844, 406144 = **09 Candidates** | | Afternoon Session | |
| 21 | 406173, 406647, 406662, 406812, 406878, 406997, 407076, 407167, 407199, 407218 = **10 Candidates** | 03.10.2024 | Forenoon Session | Team - I |
| | 407220, 407236, 407250, 407303, 407304, 407423, 407453, 407473, 407480 = **09 Candidates** | | Afternoon Session | |
| | 407524, 407566, 407656, 407742, 407747, 407838, 407878, 407882, 407902, 407948 = **10 Candidates** | 03.10.2024 | Forenoon Session | Team - II |
| | 408092, 408108, 408238, 408292, 408416, 408467, 408572, 408729, 408817 = **09 Candidates** | | Afternoon Session | |
| | 408830, 408869, 408905, 409039, 409253, 409262, 409474, 409516, 409589, 409652 = **10 Candidates** | 03.10.2024 | Forenoon Session | Team - III |
| | 409654, 409778, 409867, 410093, 410431, 410500, 410652, 410692, 410807 = **09 Candidates** | | Afternoon Session | |
| 22 | 410974, 410983, 410995, 411049, 411059, 411074, 411207, 411237, 411342, 411417 = **10 Candidates** | 04.10.2024 | Forenoon Session | Team - I |
| | 411443, 411446, 411470, 411485, 411550, 411654, 411684, 411708, 411712 = **09 Candidates** | | Afternoon Session | |
| | 411725, 411860, 411941, 411946, 412000, 412004, 412009, 412088, 412201, 412286 = **10 Candidates** | 04.10.2024 | Forenoon Session | Team - II |
| | 412313, 412680, 412835, 412888, 412969, 413037, 413257, 413403, 413405 = **09 Candidates** | | Afternoon Session | |
| | 413453, 413515, 413550, 413572, 413589, 413661, 413696, 413786, 413838, 413852 = **10 Candidates** | 04.10.2024 | Forenoon Session | Team - III |
| | 500024, 500271, 500506, 500625, 500687, 500712, 500729, 500815, 501292 = **09 Candidates** | | Afternoon Session | |
| 23 | 501385, 501413, 501442, 501459, 501667, 501687, 501692, 502012, 502018, 502137 = **10 Candidates** | 05.10.2024 | Forenoon Session | Team - I |
| | 502210, 502479, 502651, 502687, 502689, 502770, 502887, 502898, 502900 = **09 Candidates** | | Afternoon Session | |
| | 502901, 502978, 503007, 503249, 503508, 503850, 503870, 503877, 504052, 504059 = **10 Candidates** | 05.10.2024 | Forenoon Session | Team - II |
| | 504088, 504292, 504333, 504383, 504908, 504998, 505118, 505350, 505795 = **09 Candidates** | | Afternoon Session | |
| | 505876, 506192, 506882, 507190, 507357, 507385, 507603, 507695, 507932, 508262 = **10 Candidates** | 05.10.2024 | Forenoon Session | Team - III |
| | 508283, 508483, 508652, 508789, 508812, 508814, 508888, 508943, 508950 = **09 Candidates** | | Afternoon Session | |
| 24 | 508976, 508980, 509520, 509689, 509837, 509988, 510081, 510190, 510221, 510252 = **10 Candidates** | 06.10.2024 | Forenoon Session | Team - I |
| | 510272, 510657, 511084, 511472, 511649, 511782, 511830, 511964, 511969 = **09 Candidates** | | Afternoon Session | |
| | 512066, 512106, 512139, 512230, 512315, 512667, 512947, 513123, 513162, 513202 = **10 Candidates** | 06.10.2024 | Forenoon Session | Team - II |
| | 513421, 513511, 513613, 513661, 513697, 513799, 513856, 513931, 513956 = **09 Candidates** | | Afternoon Session | |
| | 513963, 514021, 514203, 514256, 514643, 515134, 515213, 515511, 515631, 515671 = **10 Candidates** | 06.10.2024 | Forenoon Session | Team - III |
| | 515710, 515861, 515977, 515999, 516114, 516161, 516222, 516253 = **08 Candidates** | | Afternoon Session | |

**N.B.-I:-** The time of reporting, time of Document Verification & time of Personality Test in respect of Forenoon and Afternoon session are mentioned below:

| Session | Time of Reporting | Time of Document Verification | Time of Personality Test |
|---|---|---|---|
| Forenoon Session | 08.00 A.M. | 08.30 A.M. | 10.30 A.M. |
| Afternoon Session | 12.00 P.M. | 12.30 P.M. | 2.30 P.M. |

The candidates are required to produce the following original documents along with a set of self-attested photocopies of all certificates/documents at the time of Document Verification failing which their candidature will be rejected.

1. Hard copy of online application form duly signed in.
2. Attestation Form, Bio Data form.
   (To be downloaded from the website of the Commission)
3. H.S.C. Or equivalent certificate in support of declaration of age.
4. Intermediate/+ 2 examination certificate issued by the concerned Board/ Council.
5. Bachelor's Degree Certificate issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. Odia Test Pass Certificate.
7. Caste Certificate by Birth in support of claim as SC/ST/SEBC issued by the competent authority within the closing date of online application.
8. Sports Certificate issued by Director of Sports, Odisha, if any.
9. Permanent Disability Certificate (including Percentage of disability i.e 40% or more) issued by the concerned Medical Board, wherever applicable.
10. Discharge Certificate issued by the Commanding Officer of the Unit last served in case of Ex-servicemen candidates.
    (i) The Ex-Servicemen candidates are required to furnish an Affidavit in original indicating that- "I have not got any appointment as an Ex-Servicemen against Civil Post against the Quota available for the said category".
11. A declaration regarding the number of attempts exercised by the candidates in the OCS examination in the format annexed at Annexure-A.
12. Three recent passport size photographs, which have been uploaded with an online application form.
13. No objection Certificate (in case of in-service candidates), wherever applicable.
14. Any document in support of identity. (Aadhaar/DL/PAN Card/ Voter ID Card).

**N.B.-II:-The candidates those having UPSC (Main) Examination-2024 clashing on their date of Personality Test** are required to submit representation along with a copy of UPSC (Main) Admission Certificate by **06.09.2024** positively by OPSC mail **(ID- opsc@nic.in)** for rescheduling of their Personality Test.

Receipt of representation from the candidates after the stipulated date will not be entertained under any circumstance.

**OIPR-12002/11/0072/2425** **Sd./- Secretary (I/C)**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଗଷ୍ଟରେ ୧.୭୫ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

## ବାର୍ଷିକ ତୁଳନାରେ ୧୦% ଅଧିକ ଆଦାୟ

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଚଳିତ ଆର୍ଥିକ ବର୍ଷର ପଞ୍ଚମ ମାସରେ ମଧ୍ୟ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ଗୁରୁବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।
ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ମାସ ବା ୨୦୨୪ଅଗଷ୍ଟରେ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୭୫ (୧,୭୪,୯୬୨ କୋଟି) ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧,୫୯,୦୬୯ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ଅଗଷ୍ଟରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ୪ମାସର ଟିକସ ପରିମାଣ ପ୍ରାୟ ୧୦% ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।




ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ୫ମ ମାସରେ ୪୮୭୮ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୪୦୮ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସର ଅବଧି ମଧ୍ୟରେ ପ୍ରାୟ ୧୧% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ପବ୍ଲିକ ଇସ୍ୟୁରୁ ପାଣ୍ଠି ସଂଗ୍ରହ

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏରୋନ୍ କମ୍ପୋଜିଟ ଲିମିଟେଡ (ଏସିଏଲ୍)ର ପବ୍ଲିକ ଇସ୍ୟୁ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ଏନଏସ୍‌ଇ ଇମର୍ଜ ପ୍ଲାଟଫର୍ମରେ ଶୁଭାରମ୍ଭ କରିବାକୁ ଅନୁମୋଦନ ହାସଲ କରିଛି। ଏପରିକି ପବ୍ଲିକ ଇସ୍ୟୁରୁ ସଂଗୃହୀତ ରାଶି ମଧ୍ୟରୁ ୩୯କୋଟି ଟଙ୍କା ଗୁଜରାଟର ମେହସାନାଠାରେ ଏକ ଉତ୍ପାଦନ କାରଖାନା ସ୍ଥାପନ ନିମନ୍ତେ ଆବଶ୍ୟକ ମୂଳଧନ ନିବେଶ ଆବଶ୍ୟକତା ନିମନ୍ତେ ଏବଂ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। ସେହିଭଳି ଏସଏମ୍‌ଇ ପବ୍ଲିକ ଇସ୍ୟୁରୁ ୫୬.୧୦ କୋଟି ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରିବାକୁ ଯୋଜନା କରିଛି।

# ରାହୁଲ ଓଡ଼ିଶାର ଆୟକର ପ୍ରଧାନ ମୁଖ୍ୟ କମିଶନର

ଭୁବନେଶ୍ୱର,୧।୯ (ଅନୁରାଧା ମହାରଣା)

ଇଣ୍ଟରନାଲ ରେଭେନ୍ୟୁ ସର୍ଭିସ୍ (ଆଇଆର୍‌ଏସ୍), ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ରାହୁଲ୍ କର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। କର୍ଣ୍ଣ ୧୯୮୯ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭାବେ ଓଡିଶାରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ବିହାର ଏବଂ ଝାଡ଼ଖଣ୍ଡରେ ଆୟକର (ଅନୁସନ୍ଧାନ)ର ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଛନ୍ତି।



ରାହୁଲ୍ କର୍ଣ୍ଣ

ଏହାପୂର୍ବରୁ ସେ ମୁମ୍ବାଇରେ ବ୍ୟାଙ୍କ ଅଫ ଇଣ୍ଡିଆ(ବିଓଆଇ) ସହିତ ଡେପୁଟେଶନରେ ଥିଲେ।

# ଶିଳ୍ପରେ ଅଧିକ ମହିଳାଙ୍କୁ ନିଯୁକ୍ତି ଦିଆଯାଉ: ପ୍ରଭାତୀ




ଭୁବନେଶ୍ୱର,୧।୯ (ଅଭୟ ଦାଶ)

ରାଜ୍ୟରେ ଶିଳ୍ପ ସଂସ୍ଥା ସ୍ଥାପନ କରୁଥିବା କମ୍ପାନୀଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇ ମହିଳାମାନଙ୍କ ନିଯୁକ୍ତି ଉପରେ ଧ୍ୟାନ ଦେବାକୁ କହିଛନ୍ତି। ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ(ୟୁସିସିଆଇଏଲ୍) ପକ୍ଷରୁ ଜନତା ମଇଦାନଠାରେ ଆୟୋଜିତ ୩ ଦିନିଆ ଗ୍ଲୋବାଲ ଟ୍ରେଡ ଶୋ 'ରିସର୍ଜେଣ୍ଟ ଓଡ଼ିଶା ୨୦୨୪'ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଭାତୀ ପରିଡ଼ା ନିଯୁକ୍ତି ଜରିଆରେ ମହିଳାମାନଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି ଶିଳ୍ପ ଜଗତରେ ଅଧିକରୁ ଅଧିକ ମହିଳାଙ୍କ ନିୟୋଜନ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ଯେଉଁ ମହିଳାମାନେ ଉଦ୍ୟୋଗୀ ଭାବେ କାର୍ଯ୍ୟ କରୁଛନ୍ତି,ସେମାନଙ୍କ ଲାଗି ଅଧିକରୁ ଅଧିକ ବ୍ୟବସାୟ ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିଭଳି ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ମିଶନ ଶକ୍ତି ବଜାର ବୁଲି ଦେଖିବା ଏବଂ ସେମାନଙ୍କ ଉତ୍ପାଦ କ୍ରୟ କରି ଅଭିବୃଦ୍ଧିରେ ସହଯୋଗ କରିବାକୁ ସେ ଶିଳ୍ପସଂସ୍ଥାମାନଙ୍କୁ ମଧ୍ୟ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧.୫ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଲକ୍ଷ୍ୟ ହାସଲରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ସବୁ ପ୍ରକାର ସହଯୋଗ ପ୍ରଦାନ କରିବା ସହ କାର୍ଯ୍ୟ କରିବ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଏପରିକି ଏମ୍‌ଏସ୍‌ଏମ୍‌ଇର ବିକାଶ ଲାଗି ବଜେଟରେ ବିପୁଳ ବ୍ୟୟବରାଦ କରାଯାଇଥିବା ସେ ସୂଚନା ଦେଇଛନ୍ତି। ବିପୁଳ ଖଣିଜ ସମ୍ପଦ ସହିତ ପର୍ଯ୍ୟାପ୍ତ ବେଳାଭୂମି ରାଜ୍ୟରେ ଥିବା ବେଳେ ଏବେ ବି ୧୨ରୁ ଅଧିକ ଜିଲା ଶିଳ୍ପବିହୀନ ଜିଲା ହୋଇ ରହିଛି। ଏହି ସବୁ ଜିଲାରେ ଶିଳ୍ପ ସ୍ଥାପନ କରିବାରେ ସରକାରଙ୍କ ଯେତିକି ଭୂମିକା ରହିଛି, ଶିଳ୍ପ ଜଗତର ମଧ୍ୟ ସେତିକି ଭୂମିକା ରହିଛି ବୋଲି ସେ କହିଛନ୍ତି। ରିସର୍ଜେଣ୍ଟ ଓଡ଼ିଶା-୨୦୨୪ର ଉଦଯାପନୀ ସମାରୋହରେ ୟୁସିସିଆଇଏଲର ସଭାପତି ବ୍ରହ୍ମାନନ୍ଦ ମିଶ୍ର, ରିସର୍ଜେଣ୍ଟ ଓଡ଼ିଶା-୨୦୨୪ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ଆଦିତ୍ୟ ବିର୍ଲା ଗ୍ରୁପର ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ଜେପି ଲ୍ୟାବର ସଭାପତି ଗୋର୍ଡନ ପଟେଲ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପୂର୍ବତନ ଏମ୍‌ଡି ଡ. ସନକ ମିଶ୍ର, ଏମ୍‌ଏସ୍‌ଏମ୍‌ଇ-ଡିଏଫଓ ପି. କେ. ଗୁପ୍ତା, ୟୁସିସିଆଇଏଲର ପୂର୍ବତନ ସଭାପତି ରମେଶ ମହାପାତ୍ର, ଭିପି (ଶିଳ୍ପ) ତାରିଣୀ ପ୍ରସାଦ ମହାନ୍ତି ଓ ଅବୈତନିକ ସଚିବ ଏ. କେ. ଶାରଦା ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

କ୍ରମାଗତ ଦ୍ୱିତୀୟ ମାସ ଲାଗି କମର୍ସିଆଲ ଗ୍ୟାସ୍ (୧୯କି.ଗ୍ରା.) ଦରରେ ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର ପୂର୍ବପରି ସ୍ଥିର ରହିଛି। ଏପରିକି ୨୦୨୪ ସେପ୍ଟେମ୍ବରରେ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୩୮ ଟଙ୍କା ବଢ଼ିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ ଦର ୩୯ ଟଙ୍କା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀକମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ରବିବାରଠାରୁ ଲାଗୁ ହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୩୮ ଟଙ୍କା ବଢ଼ି ୧୮୪୧ ଟଙ୍କାରେ ପହଞ୍ଚିଛି।ଏହା ପୂର୍ବରୁ(ଗତ



ମାସ) କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୧୮୦୩ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨କି.ଗ୍ରା.) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୩୯ ଟଙ୍କା ବୃଦ୍ଧି ପାଇ ୧୬୯୧.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨କି.ଗ୍ରା.) ଦର ୮୦୩ ଟଙ୍କାରେ ରହିଛି। ସେହିପରି କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ ଦର ଯଥାକ୍ରମେ ୧୮୦୨.୫୦ ଟଙ୍କା, ୧୬୪୪ ଟଙ୍କା ଏବଂ ୧୮୫୫ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରଗୁଡିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ୫ କେଜି ସିଲିଣ୍ଡର ଦର ୩୦୯.୫୦ ଟଙ୍କା ଥିଲାବେଳେ ୪୭.୫ କେଜି ସିଲିଣ୍ଡର ମୂଲ୍ୟ ୪୬୦୦ଟଙ୍କାରେ ପହଞ୍ଚିଛି। ଏପରିକି ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ନୂଆଦିଲ୍ଲୀରେ ୯୩,୪୮୦.୨୨ ଟଙ୍କା ଥିଲାବେଳେ କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ଯଥାକ୍ରମେ ୯୬,୨୯୮.୪୪ ଟଙ୍କା, ୮୭,୪୩୨.୭୮ ଟଙ୍କା ଏବଂ ୯୭,୦୬୪.୩୨ ଟଙ୍କାରେ କାରବାର ହେଉଛି।

# ଖରାପ ପ୍ରଦର୍ଶନରେ ଏସୀୟ ମୁଦ୍ରା ମଧ୍ୟରେ ଟଙ୍କା ଦ୍ୱିତୀୟ

ଭୁବନେଶ୍ୱର,୧।୯ (ଅନୁରାଧା ମହାରଣା)

ଡଲାର ତୁଳନାରେ ଖରାପ ପ୍ରଦର୍ଶନ କରୁଥିବା ଏସୀୟ ମୁଦ୍ରା ମଧ୍ୟରେ ଭାରତୀୟ ଟଙ୍କା ଦ୍ୱିତୀୟ ସ୍ଥାନରେ ରହିଛି। ଡଲାରର ପ୍ରବଳ ଚାହିଦା ଏବଂ ଘରୋଇ ଇକ୍ୱିଟିରୁ ପ୍ରତ୍ୟାହାର ଯୋଗୁ ଅଗଷ୍ଟରେ ଏହା ୦.୨ ପ୍ରତିଶତ ହ୍ରାସ ପାଇଛି। ଅଗଷ୍ଟରେ ବାଂଲାଦେଶୀ ଟାକା ଡଲାର ତୁଳନାରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ବର୍ତ୍ତମାନ ଗୋଟିଏ ଡଲାର ୧୧୯.୬୭ ବାଂଲାଦେଶୀ ଟାକା ସହିତ ସମାନ ରହିଛି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ଡଲାର ତୁଳନାରେ ଟଙ୍କା ୦.୬ ପ୍ରତିଶତ ହ୍ରାସ ପାଇଛି। ଏସୀୟ ମୁଦ୍ରାରେ କେବଳ ଟଙ୍କା ଏବଂ ଟାକା ମଧ୍ୟ ଡଲାର ତୁଳନାରେ ହ୍ରାସ ଘଟିଛି। ଅଗଷ୍ଟରେ ଟଙ୍କା ୦.୨ ପ୍ରତିଶତ ହ୍ରାସ ପାଇଛି। ଶୁକ୍ରବାର ଦିନ ଟଙ୍କା ୮୩.୮୯ ଡଲାରରେ ବନ୍ଦ ହୋଇଯାଇଥିଲା। ଏହା ଡଲାର ପିଛା ୮୩.୯୭ ଟଙ୍କା ମୂଲ୍ୟର ସର୍ବକାଳୀନ ସର୍ବନିମ୍ନ ଅଟେ। ଆମେରିକୀୟ ଡଲାର ଦୁର୍ବଳ ହେଲେ ଟଙ୍କାର ଏହି ଖରାପ ପ୍ରଦର୍ଶନ କରିଥାଏ। ଇକ୍ୱିଟି ସେଗମେଣ୍ଟରେ ଏଫପିଆଇର ଅଭାବ ଟଙ୍କା ଉପରେ ନକାରାତ୍ମକ ପ୍ରଭାବ ପକାଇଛି । ଏହା ବ୍ୟତୀତ ଆମଦାନୀକାରୀଙ୍କ ଡଲାରର ଚାହିଦା ବୃଦ୍ଧି ହେତୁ ଟଙ୍କା ମଧ୍ୟ ପ୍ରଭାବିତ ହୋଇଛି। ଅଗଷ୍ଟରେ ଡଲାର ତୁଳନାରେ ଅଧିକାଂଶ ବିଦେଶୀ ମୁଦ୍ରା ଭଲ ପ୍ରଦର୍ଶନ କରିଛି। ଚଳିତ ଆର୍ଥିକ ବର୍ଷରେ ଟଙ୍କା ବର୍ତ୍ତମାନ ସୁଦ୍ଧା ୦.୬ ପ୍ରତିଶତ ହ୍ରାସ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ହଂକଂ ଡଲାର ଏବଂ ସିଙ୍ଗାପୁର ଡଲାର ପରେ ତୃତୀୟ ସ୍ଥିର ଏସୀୟ ମୁଦ୍ରା ଥିଲା। ଏଥିରେ ୧.୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଥିଲାବେଳେ ୨୦୨୩ ଆର୍ଥିକ ବର୍ଷରେ ଏହା ଡଲାର ତୁଳନାରେ ୭.୮ ପ୍ରତିଶତ ହ୍ରାସ ପାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସକ୍ରିୟତା ଯୋଗୁଁ ଟଙ୍କାର ଏହି ପ୍ରଦର୍ଶନ ସାମ୍ନାକୁ ଆସିଥିଲା। ୨୦୨୩ ମସିହାରେ, ଡଲାର ତୁଳନାରେ ଟଙ୍କା କମ ଅସ୍ଥିରତା ଦେଖାଯାଇଥିଲା। ୩ ଦଶନ୍ଧି ମଧ୍ୟରେ ଏହା ସର୍ବୋତ୍ତମ ପ୍ରଦର୍ଶନ ଥିଲା। ସେତେବେଳେ ଡଲାର ତୁଳନାରେ ଭାରତୀୟ ଟଙ୍କା ୦.୫% ହ୍ରାସ ପାଇଥିଲା।

# ମାଲାବାରକୁ 'ରେସପନ୍ସିବୁଲ୍ ଜୁଏଲେରି ହାଉସ୍ ଆୱାର୍ଡ'



ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ (ମାଲାବାର)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ରେସପନ୍ସିବୁଲ୍ ଜୁଏଲେରି ହାଉସ ଆୱାର୍ଡ' ପ୍ରଦାନ କରାଯାଇଛି। ଏପରିକି ଇଣ୍ଡିଆ ଗୋଲ୍ଡ କନ୍‌ଫରେନ୍ସ (ଆଇଜିସି)ରେ ୨୦୨୩-୨୪ ବର୍ଷ ପାଇଁ ମାଲାବାରକୁ 'ରେସପନ୍ସିବୁଲ୍ ଜୁଏଲେରି ହାଉସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି।
ଉଲ୍ଲେଖଯୋଗ୍ୟ, ବାଙ୍ଗାଲୋରର ହିଲଟନ ମ୍ୟାନଟା ବ୍ୟବସାୟ ପାର୍କଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବରେ ଯୋଗ ଦେଇ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ (ଇଣ୍ଡିଆ ଅପରେସନ୍ସ)ର ପରିଚାଳନା ନିର୍ଦ୍ଦେଶକ ଓ ଆଶେର ଇଣ୍ଡିଆ ଗୋଲ୍ଡ ପଲିସି ସେଣ୍ଟରର ଚେୟାରମ୍ୟାନ ଡ. ସୁନ୍ଦରୱାଲ୍ଲୀ ନାରାୟଣସ୍ୱାମୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଏଲ୍‌ଏଲ୍‌ସିର ବ୍ୟବସାୟ ବିକାଶର ମୁଖ୍ୟ ସୀତାରାମଣ ବର୍ଦ୍ଧରାଜନ, ଦିଲୀପ ନାରାୟଣନ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ବୁଲିଅନ ହେଡ, ଫିନମେଟ ପିଇଟି ଲିମିଟେଡର ନିର୍ଦ୍ଦେଶକ ସୁନୀଲ କାଶ୍ୟପ, ରାଣ୍ଡ୍ ରିଫାଇନାରିର ସିଇଓ ପ୍ରବୀଣ ବାଜନାଥ ଏବଂ ମାଲାବାର ସୁନା ଏବଂ ହୀରାର କର୍ନାଟକର ଆଞ୍ଚଳିକ ମୁଖ୍ୟ ଫିଲସର ବାବୁ ମଧ୍ୟ ଉପସ୍ଥିତ ଥିଲେ।

# ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ

ନୂଆଦିଲ୍ଲୀ,୧।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ବଜାଜ ଆଲିଆଞ୍ଜ ଲାଇଫ ଇନସ୍ୟୁରାନ୍ସର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ କମ୍ପାନୀର ବ୍ୟକ୍ତିଗତ ରେଟେଡ ନୂଆ ବ୍ୟବସାୟ ୨୬% ବୃଦ୍ଧି ପାଇ ୧୨୯୪ କୋଟି ଟଙ୍କା ହୋଇଛି। ଏପରିକି ପୂର୍ବ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ତାହା ୧୦୨୮କୋଟି ଟଙ୍କା ଥିଲା। ସାରା ଦେଶରେ ଥିବା ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କମ୍ପାନୀର ବଣ୍ଟନ ନେଟୱର୍କରେ ନିବେଶ ଜାରି ରଖିବ ଏବଂ ନିରବଚ୍ଛିନ୍ନ ଭାବେ ଲୋକଙ୍କ ଜୀବନ ଲକ୍ଷ୍ୟ ପୂରଣ କରିବ। ଆଲୋଚ୍ୟ ତ୍ରୈମାସିକରେ କମ୍ପାନୀର ଏଜେନ୍ସି ଚ୍ୟାନେଲରେ ଅଭିବୃଦ୍ଧି ୧୫%, ସଂସ୍ଥାଗତ ବ୍ୟବସାୟରେ ୨୭% ଓ ପ୍ରୋପ୍ରାଇଟରି ସେଲସ ଫୋର୍ସରେ ୭୫% ରହିଛି। ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଲାଇଫର ଏମ୍‌ଡି ଓ ସିଇଓ ତରୁଣ ଚୁଗ କହିଛନ୍ତି,ସାରା ଦେଶରେ ଥିବା ସମସ୍ତ ଗ୍ରାହକଙ୍କ ପାଖରେ ପହଞ୍ଚିବା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆମେ ଆମର ଉପସ୍ଥିତିକୁ ବଢ଼ାଇବା ଲାଗି ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଶୁଭାରମ୍ଭ କରିଥିଲୁ। ଆମ ଉପସ୍ଥିତି ଦ୍ୱାରା କେବଳ ଭାରତୀୟ ଗ୍ରାହକ ନୁହେଁ, ପ୍ରବାସୀ ଭାରତୀୟମାନେ ମଧ୍ୟ ଉପକୃତ ହୋଇଛନ୍ତି। ଚଳିତ ବର୍ଷ ହୋଇଥିବା ନିୟାମକ ପରିବର୍ତ୍ତନ ଓ ସୁସ୍ଥକର ଅର୍ଥନୈତିକ ପରିବେଶକୁ ନେଇ ଆମେ ଗ୍ରାହକଙ୍କ ସହ ଆମ ଉପସ୍ଥିତି ଦୃଢ଼ କରିବା ଏବଂ ସବୁ ଅଂଶୀଦାରଙ୍କୁ ଉଲ୍ଲସିତ କରିବା ଜାରି ରଖିବୁ।


# Classified Everyday

0674-2580101, 2549949



REAL ESTATE
SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1213

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1212




Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open health benefits SPA by expert therapist. Contact- 9090400507. D-76148

Newly open health benefits SPA special offer @ 799 Bapujinagar. 8018429809. D-76149

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସ୍ୱର୍ଣ୍ଣପ୍ରଭା ମହାନ୍ତି

ଗ୍ରାମ: କୁଡ଼େଇ, ସୋର, ବାଲେଶ୍ୱର
ଆବିର୍ଭାବ-୧୧।୦୭।୧୯୫୭
ତିରୋଧାନ- ୨୩।୦୮।୨୦୨୪

ଆପଣ ଜଣେ ମିଷ୍ଟଭାଷୀ, ପରୋପକାରୀ ଧର୍ମପରାୟଣ ତଥା ମେଳାପୀ ମଣିଷଟିଏ ଆପଣ । ଏହାରି ଭିତରେ ଚାହୁଁ ଚାହୁଁ ୧୧ଦିନ ବିତିଗଲାଣି ବିଶ୍ୱାସ ହେଉନି, ଆମର ପ୍ରିୟ ମଣିଷଟି ଆଉ ଆମ ପାଖରେ ନାହାନ୍ତି। ଆପଣଙ୍କର ଅମାୟିକ ବ୍ୟବହାର ଓ ଭଲପାଇବା ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ଆଜି ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଧ-୧୨୧୦

## ଏକାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବିରେନ୍ଦ୍ର କୁମାର ମହାନ୍ତି

ଗୁରୁଜଙ୍ଗ, ଖୋର୍ଦ୍ଧା
ଆବିର୍ଭାବ: ୧୪।୦୬।୧୯୪୭
ତିରୋଧାନ: ୨୩।୦୮।୨୦୨୪

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର, ସମ୍ପର୍କୀୟ ଓ ବନ୍ଧୁବର୍ଗ ।

ଧ-୭୩୫୫୮


# ୨ ଦିନିଆ ରାଜପୁତାନା ବିଜ୍‌ନେସ ସମ୍ମିଟ ଉଦ୍‌ଯାପିତ




ଭୁବନେଶ୍ୱର,୧।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଅଖଣ୍ଡ ରାଜପୁତାନା ସେବାସଂଘ (ଏଆର୍‌ଏସ୍)ର ଓଡ଼ିଶା ଶାଖା ପକ୍ଷରୁ ଏକ ୨ ଦିନିଆ ରାଜପୁତାନା ବିଜ୍‌ନେସ ସମ୍ମିଟ-୨୦୨୪ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ୨୦୨୪ ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୧ ରେ ଏହି ୨ ଦିନିଆ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଠୋର ଗ୍ରୁପର ଚେୟାରମ୍ୟାନ୍ ତଥା ଏମ୍‌ଡି ରତନ ସିଂ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲାବେଳେ ଏମ୍‌ଆରଏସ୍ ଗ୍ରୁପର ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ମେଘରାଜ ସିଂ ରୟାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଯୁବବ୍ୟବସାୟୀ ଓ ନୂତନ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଲାଗି ୨ଟି କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଶୋକ ସିଂ, ରତନ ସିଂ ରାଠୋର, ଶକ୍ତି ସିଂ ବାନ୍ଦିକ୍ୟୁ, ସଞ୍ଜୟ ସାରସ୍ୱତ,କିଶୋର ସିଂ ଝାଲା, ଠାକୁର ଅନୁପ ସିଂ, ଜିତେନ୍ଦ୍ର ସିଂ ପାଚର, କନୱାଲ ସିଂ ଚୌହାନ,ଅଶ୍ୱିନ ସିଂ ସର୍ଭାଇୟା, ଅମିତ ସିଂ ପ୍ରମୁଖ ସଫଳ ଉଦ୍ୟୋଗ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ସମ୍ମିଳନୀର ଦ୍ୱିତୀୟ ଦିନରେ ସାମାଜିକ, ବ୍ୟବସାୟ, ଅର୍ଥନୈତିକ ଏବଂ ଭବିଷ୍ୟତର ରୋଜଗାର ସମ୍ବନ୍ଧରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାକୁର ଆର. ପି. ସିଂ ଦୁର୍ଗବନଶମ, ଜାତୀୟ ସଭାପତି, ଏଆର୍‌ଏସ୍, ଚନ୍ଦ୍ର ଶେଖର ସିଂ, ରାଜ୍ୟ ସଭାପତି, ଏଆର୍‌ଏସ୍ ଓଡ଼ିଶା, ଜୟ ପ୍ରକାଶ ସିଂ, ସୁରେନ୍ଦ୍ର ବାହାଦୁର ସିଂ, କନୱାଲ ସିଂ ଚୌହାନ, ସୌଭାଗ୍ୟ ସିଂ ଦେଓରା, ମନଭେନ୍ଦ୍ର ସିଂ, କେ. ବି. ସିଂ, ଅନିଲ କୁମାର ସିଂ, ଡା ମୃଣାଳୀ ଦରଶାୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏଆରଏସର ଜାତୀୟ ସଭାପତି ଆର୍.ପି.ସିଂ, ରାଜ୍ୟ ସଭାପତି ଚନ୍ଦ୍ର ଶେଖର ସିଂ ଏବଂ ରାଜ୍ୟ ସମ୍ପାଦକ ଚନ୍ଦ୍ର ଭୂଷଣ ସିଂଙ୍କ ଏହି ୨ଦିନିଆ କର୍ମଶାଳାକୁ ସଫଳତାର ସହ ପରିଚାଳନା କରିଥିଲେ।

# ଜଣେ ନରହନ୍ତାଙ୍କ ପାଇଁ ବିଜେଡି, କଂଗ୍ରେସ ଓକିଲାତି କରୁଛନ୍ତି: ଭାଜପା

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ବିଜେଡି ବର୍ତ୍ତମାନ ଜଣେ ବ୍ରିଟିଶ୍ ଅଫିସର ଟୋମାସ୍ ଏଡ୍‌ୱାର୍ଡ ରେଭେନ୍‌ଶା, ଯାହାଙ୍କ ପାଇଁ ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା, ତାଙ୍କ ପାଇଁ ଓକିଲାତି କରୁଛି। ବିରୋଧୀ ଦଳରେ ବସିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡି କେବଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ରାଜନୀତି କରିବା ପାଇଁ ଚାହୁଁଛି। ସେହିପରି ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ବକ୍ତବ୍ୟକୁ କଂଗ୍ରେସ ବୋଧହୁଏ ବୁଝିପାରି ନାହିଁ। ତାଙ୍କ କଥାକୁ ଉଭୟ ଦଳ ବୁଝିବା ବୋଧହୁଏ ବୌଦ୍ଧିକ ସକ୍ଷମତାର ଅଭାବ ରହିଛି। ନଅଙ୍କ ଦୁର୍ଭିକ୍ଷ ସମୟରେ ଯେତେବେଳେ ଓଡ଼ିଶାର ଲୋକ ମରୁଥିଲେ, ସେତେବେଳେ ରେଭେନ୍‌ଶା ସାହେବ ହୁକ୍କା ଟାଣିବାରେ ବ୍ୟସ୍ତ ଥିଲେ ବୋଲି ପ୍ରସିଦ୍ଧ ଲେଖକ ଜେ.ପି. ଦାସ ତାଙ୍କ ପୁସ୍ତକ 'ଦେଶ କାଳ ପାତ୍ର'ରେ ଲେଖିଛନ୍ତି। ନଅଙ୍କ ଦୁର୍ଭିକ୍ଷ ପାଇଁ ବସିଥିବା କ୍ୟାମ୍ପବେଲ୍ ତଦନ୍ତ କମିଶନ ଆଗରେ ରେଭେନ୍‌ଶା ସାହେବ ନିଜେ କହିଛନ୍ତି, ଓଡ଼ିଆମାନେ ଅତ୍ୟନ୍ତ ଉତ୍ସାହହୀନ ଓ ଆଳସ୍ୟପରାୟଣ। ଏଭଳି ଜଣେ ବ୍ୟକ୍ତି ପାଇଁ ବିଜେଡି ଓ କଂଗ୍ରେସର ଓକିଲାତି ଶୋଭାପାଉନାହିଁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ସେହି ବିବାଦୀୟ ବ୍ରିଟିଶ୍ ଅଫିସରଙ୍କ ନାଁରେ ଶିକ୍ଷାନୁଷ୍ଠାନ ରହିବା ଉଚିତ କି ନାହିଁ ସେନେଇ ବିତର୍କ ହେବାର ଆବଶ୍ୟକତା ଅଛି ବୋଲି କହିଛନ୍ତି। କୌଣସି ନିଷ୍ପତ୍ତି ପୂର୍ବରୁ ବିତର୍କର ଆବଶ୍ୟକତା ଏକ ସୁସ୍ଥ ଗଣତନ୍ତ୍ରର ପରିଚୟ। ତାଙ୍କ ବକ୍ତବ୍ୟରୁ ଏକଥା ସ୍ପଷ୍ଟ ଯେ, ଏବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅସଲ ନିର୍ମାତାଙ୍କୁ ସମ୍ମାନ ଦେବାର ସମୟ ଆସିଛି। ସାରା ଦେଶ ଉପନିବେଶବାଦ ଏବଂ ବୈଦେଶିକ ଆକ୍ରମଣକାରୀମାନଙ୍କ ଲିଗାସିରୁ ମୁକ୍ତ ହେବା ପାଇଁ ଚାହୁଁଥିବାବେଳେ ଆମେ କାହିଁକି ସେହି ରୋଗରୁ ମୁକ୍ତ ହେବା ନାହିଁ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କେବଳ ଓଡ଼ିଶାର ନୁହେଁ, ଦେଶର ଏକ ସ୍ୱନାମଧନ୍ୟ ବିଶ୍ୱବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନ ଗଠନ ବେଳେ ଏବଂ ଏହାର ପରବର୍ତ୍ତୀ ସମୟରେ ଓଡ଼ିଶାର ଅନେକ ବରପୁତ୍ର ବହୁ ତ୍ୟାଗ କରିଛନ୍ତି। ମୟୂରଭଞ୍ଜ ମହାରାଜା ସେ ସମୟରେ ୨୦ ହଜାର ଟଙ୍କା ଦାନ ଦେଇଥିଲେ। ବର୍ତ୍ତମାନ ମଧ୍ୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମଧ୍ୟରେ ଥିବା ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ପରୀକ୍ଷାଗାର ପାଖରେ ଥିବା ମାର୍ବଲ ପଥରରେ ଖୋଦେଇ ଏହାର ପ୍ରମାଣ। କନିକା ମହାରାଜାଙ୍କ ପାଇଁ ସେଠାରେ ପାଠାଗାର ସ୍ଥାପନ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ଯଥା ପ୍ରଫେସର ପି.କେ. ପରିଜା, ପ୍ରଫେସର ବଳଭଦ୍ର ପ୍ରସାଦ, ପ୍ରଫେସର ଜି.ବି. ଧଳ, ପ୍ରଫେସର ରାମନାଥ ମହାନ୍ତି ଓ ପ୍ରଫେସର ହରିହର ମିଶ୍ରଙ୍କ ଭଳି ଅନେକ ମହାନ୍ ମନୀଷୀ ବିଦେଶରେ ପାଠ ପଢ଼ିଲା ପରେ ମଧ୍ୟ ବାହାରେ ଚାକିରି ନ କରି ଏହି ଶିକ୍ଷାନୁଷ୍ଠାନକୁ ଗଢ଼ି ତୋଳିବାରେ ବଡ଼ଭୂମିକା ନେଇଥିଲେ। ରେଭେନ୍‌ଶା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରବର୍ତ୍ତୀ ସମୟରେ ଏହାର ଅଗ୍ରଗତି କେବଳ ଓଡ଼ିଆ ଲୋକଙ୍କ ପାଇଁ ସମ୍ଭବ ହୋଇଛି। ରେଭେନ୍‌ଶା ସାହେବଙ୍କର ଏଥିରେ ବହୁତ ବଡ଼ ଭୂମିକା ନ ଥିଲା। ସେ କେବଳ ନଅଙ୍କ ଦୁର୍ଭିକ୍ଷ ଅପବାଦରୁ ମୁକ୍ତି ପାଇବା ପାଇଁ ଚେଷ୍ଟା କରୁଥିଲେ। ସେହି ଶିକ୍ଷାନୁଷ୍ଠାନ ପ୍ରତି ନବୀନ ପଟ୍ଟନାୟକଙ୍କ ସରକାର ଅବହେଳା କରିଥିଲେ। ଓଡ଼ିଆ ଲୋକେ ତାଙ୍କ ଅତୀତକୁ ନେଇ ଗର୍ବ କରନ୍ତୁ, ଏକଥା ବିଜେଡି ଚାହୁଁନାହିଁ। ପୂର୍ବରୁ ବିଜେଡି ଅଣଓଡ଼ିଆ ଅଫିସରଙ୍କ ପାଇଁ ଓକିଲାତି କରୁଥିଲା, ଏବେ ଜଣେ ନରହନ୍ତା ବ୍ରିଟିଶ ଅଫିସରଙ୍କ ସପକ୍ଷରେ କହୁଛି। ଏନେଇ ଖୋଲା ବିତର୍କ କରିବା ପାଇଁ ବିଜେଡିକୁ ଆହ୍ୱାନ କରୁଛୁ ବୋଲି ଅନିଲ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମ ବେଳେ ଆର୍‌ଏସ୍‌ଏସ୍ ଭୂମିକା କ'ଣ ଥିଲା ବିତର୍କର ବିଷୟ: କଂଗ୍ରେସ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଓ କଂଗ୍ରେସ ନେତ୍ରୀ ମନୀଷା ଦାଶ ପଟ୍ଟନାୟକ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ରବିବାର କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏଭଳି ବିତଣ୍ଡା ବିତର୍କର ଆହ୍ୱାନକୁ ଦୃଢ଼ ଭାବେ ନିନ୍ଦା କରାଯାଉଛି। ଭାଜପା ସରକାର କେବଳ ରଙ୍ଗ ଓ ନାମ ପରିବର୍ତ୍ତନ କରି ମିଛ ବାହାବା ନେବା ପାଇଁ ଶସ୍ତା ରାଜନୀତି କରୁଛି। ରାଜ୍ୟ ଶିକ୍ଷା ବିକାଶ କ୍ଷେତ୍ରରେ ଟି. ଇ. ରେଭେନ୍ସାଙ୍କ ଅବଦାନକୁ ନେଇ ପ୍ରଶ୍ନ କରୁଥିବା ଧର୍ମେନ୍ଦ୍ର ଉତ୍ତର ରଖିବାର ଆବଶ୍ୟକତା ଅଛି କି ସ୍ୱାଧୀନତା ସଂଗ୍ରାମ ସମୟରେ କେଉଁମାନେ ବ୍ରିଟିଶଙ୍କ ଦଲାଲ ସାଜି ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଥିଲେ। ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ଭୂମିକା କ'ଣ ଥିଲା ତାହା ମଧ୍ୟ ବର୍ତ୍ତମାନ ବିତର୍କର ବିଷୟ ବୋଲି ଲେଙ୍କା ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ରାଜ୍ୟ ନୁହେଁ ବରଂ ବିଶ୍ୱର ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ଭାବାବେଗ ସହିତ ଜଡ଼ିତ। ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି କ୍ଷେତ୍ରରେ ସରକାର ପ୍ରୟାସ କରିବା ପରିବର୍ତ୍ତେ ଅଯଥା ଅପ୍ରସଙ୍ଗକୁ ପ୍ରସଙ୍ଗ କରି ନିଜର ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟରୁ ଓହରି ଯିବା ପାଇଁ ପ୍ରୟାସ କରୁଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ନାମ ପରିବର୍ତ୍ତନ କରି ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା କରାଗଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଉକ୍ତ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଶତକଡ଼ା ୫୦% ପଦବୀ ଖାଲି ପଡ଼ିଛି। ରାଜ୍ୟର ଅଧିକାଂଶ କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ହୋଇପାରି ନାହାନ୍ତି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ଜବାବ ଦେବାର ଆବଶ୍ୟକତା ଅଛି। ଟି. ଇ. ରେଭେନ୍‌ଶାଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ଅସ୍ମିତା ସହିତ ଯୋଡ଼ି ପ୍ରଶ୍ନ ଉଠାଇଥିବା କେନ୍ଦ୍ରମନ୍ତ୍ରୀ ରାଜ୍ୟପାଳଙ୍କ ପୁଅ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ଏବଂ ଦେଶର ଏନ୍‌ଇଇଟି ଓ ୟୁଜିସି ନେଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସରକାରଙ୍କ ଅପାରଗତାକୁ ନେଇ କେବେ ବିତର୍କର ଆହ୍ୱାନ କରିବେ ବୋଲି ଲେଙ୍କା ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତ୍ରୀ ମନୀଷା ଦାସପଟ୍ଟନାୟକ କହିଛନ୍ତି, କେବଳ ନାମ ବଦଳାଇବା ରାଜନୀତି କଲେ ରାଜ୍ୟ ଏବଂ ଦେଶବାସୀଙ୍କ କ'ଣ ବିକାଶ ହେବ। ୧୫୬ ବର୍ଷର ଗୌରବମୟ ଇତିହାସ ବହନ କରିଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ହଠାତ୍ କାହିଁକି କେନ୍ଦ୍ରମନ୍ତ୍ରୀଙ୍କ ତତ୍ପରତା ପ୍ରକାଶ ପାଇଲା ବୋଲି ସେ କହିଛନ୍ତି।

# ମଙ୍ଗଳବାରଠାରୁ ଓଡ଼ିଶାରେ ଆରମ୍ଭ ହେବ ଭାଜପାର ସଦସ୍ୟତା ଅଭିଯାନ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ଭାଜପାର ସଦସ୍ୟତା ଅଭିଯାନ ଦେଶରେ ସୋମବାର ଶୁଭାରମ୍ଭ ହେବ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଦସ୍ୟତା ଅଭିଯାନରେ ସାମିଲ କରିବେ। ମଙ୍ଗଳବାର ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ରାଜ୍ୟରେ ୧ କୋଟି ସଦସ୍ୟଙ୍କୁ ସାମିଲ କରିବା ଲାଗି ଦଳ ଲକ୍ଷ୍ୟ ରଖିଛି। ଭାଜପା ସଦସ୍ୟମାନେ ନିଜ ମୋବାଇଲ ମାଧ୍ୟମରେ ମିସ୍‌ଡ କଲ୍ ଦେବା ପରେ ଯେଉଁ ଲିଙ୍କ୍ ଆସିବ, ସେଥିରେ ନିଜର ତଥ୍ୟ ଦେବେ। ଏହାପରେ ସେମାନେ ସଦସ୍ୟ ହୋଇପାରିବେ। ଯେଉଁମାନଙ୍କ ନିକଟରେ ମୋବାଇଲ ସୁବିଧା ନାହିଁ ସେମାନେ ଫର୍ମ ପୂରଣ କରି ସଦସ୍ୟତା ଅଭିଯାନରେ ସାମିଲ ହୋଇପାରିବେ। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ୬ ବର୍ଷରେ ଦଳର ସଦସ୍ୟତା ଅଭିଯାନ କରାଯାଇଥାଏ। ଏଥିସହ ପ୍ରତ୍ୟେକ ୩ ବର୍ଷରେ ଦଳର ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ୫ଟି ସ୍ତରରେ ଦଳର ସାଙ୍ଗଠନିକ ନିର୍ବାଚନ କରାଯାଏ। ବୁଥ୍, ମଣ୍ଡଳ, ଜିଲା, ରାଜ୍ୟ ଏବଂ କେନ୍ଦ୍ରୀୟ ସ୍ତରରେ ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦଠାରୁ ଆରମ୍ଭ କରି ରାଜ୍ୟ ସଭାପତିଙ୍କ ପର୍ଯ୍ୟନ୍ତ ନିର୍ବାଚନ କରାଯିବ।


ବିହାର ରାଜଧାନୀ ପାଟଣାଠାରେ ଜନ ସୂରାଜ ମୁଖ୍ୟ ପ୍ରଶାନ୍ତ କିଶୋର ଏକ ଦଳୀୟ ବୈଠକରେ ମୁସଲମାନ କାର୍ଯ୍ୟକର୍ତ୍ତାଙ୍କୁ ଭେଟୁଛନ୍ତି।


**Government of Odisha "e" Procurement Notice**

**WORKS DEPARTMENT** B-210

**Bid Indentification No. CCEKC-10/2024-25**

e-mail: ccekeonjharpwdcircle@gmail.com/ sekcpwd_keonjhar@yahoo.com

Letter No.3925 dt.30.08.2024

| | | | |
|---|---|---|---|
| 1 | Name of the work | : | Construction of 8 Nos. F type Qtr. (G Plus 2) for the Staffs of Sundargarh (R and B) Division for the year 2024-25 |
| 2 | Estimated cost | : | Rs.195.36 Lakhs |
| 3 | Class of contractor | : | 'B' Class & 'A' Class |
| 4 | Period of completion | : | 09 (Nine) calendar months |
| 5 | Date and time of availability of bid document in the portal | : | From 11.00 hours of 09.09.2024 to 16.00 hours of 23.09.2024 |
| 6 | Last date / time for receipt of bids in the portal | : | 16.00 hours of 23.09.2024 |
| 7 | Date of opening of bid from portal | : | 11.30 hours on 24.09.2024 |
| 8 | Name and address of the officer inviting bid | : | Chief Construction Engineer, Keonjhar (R&B) Circle, Keonjhar- 758001 |

Further details can be seen from the e-procurement portal "http://tendersodisha.gov.in".

**Sd./- Chief Construction Engineer, Keonjhar (R&B) Circle, Keonjhar**

OIPR-34033/11/0025/2425



**OFFICE OF THE PROJECT ADMINISTRATOR,**

**INTEGRATED TRIBAL DEVELOPMENT AGENCY, BARIPADA, MAYURBHANJ**

(Phone / Fax No. (06792)-260250, email - itdabpd@nic.in )

**SHORT TENDER CALL NOTICE**

No: 4579/ITDA/ Baripada Dated: 28.08.24

No. CAD-1008:- Sealed quotations in letter pad are invited from the individuals / intending registered authorized educational institution for provider of **Faculties as expert in coaching for IIT/JE/NIT for 100 student's** batch for one year without accommodation of boarding and food opening at Higher Secondary School at Bankati, Bangriposi under ITDA, Baripada. The bidder may download the detailed terms & conditions and list of documents to be obtained from our district website https://mayurbhanj.odisha.gov.in. The Short Tender Call Notice will be received either through the Courier / Speed / Registered Post only on or before dt.04.09.2024 up to 2.00 P.M. and the same will be opened on dt.04.09.2024 at 4.00 P.M. in presence of the bidder or their authorized agents. The quotation has to be sent to the under signed in sealed cover.

**Sd./- Project Administrator, ITDA, Baripada**

OIPR-19148/11/0002/2425



**GOVERNMENT COLLEGE OF ENGINEERING, KEONJHAR**

**ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟ, କେନ୍ଦୁଝର**

(An Affiliated College of BPUT, Odisha)

At : Jamunalia, P.O.: Old Town, Dist., Keonjhar, Pin : 758002 (Odisha)

web : www.gcekjr.ac.in / Mail id : principal@gcekjr.ac.in

**No. 1495 Date : 31.08.2024**

**NOTICE FOR REPORTING OF CANDIDATES FOR ADMISSION INTO 1ST YEAR B.TECH FOR THE ACADEMIC SESSION 2024-25**

No.KK-152 : The candidates allotted by OJEE-2024 for admission in this college for 1st year B.Tech in the academic session 2024-25 are required to report to the college for admission as per following schedule. The details on date of reporting, documents to be submitted, fee to be deposited, fee structure, etc. are available on the college website www.gcekjr.ac.in.

**Reporting date**

04.09.2024 : Mining Engg., Electrical Engg., Mechanical Engg.

05.09.2024 : Civil Engg., Comp. Sc. & Engg., Mineral Engg., Metallurgical & Materials Engg.

**Sd./- Principal**
**Government College of Engineering**
**Keonjhar**

OIPR-14088/11/0001/2425



**INVITATION FOR SUBMISSION OF EXPRESSION OF INTEREST (EoI) for** KK-154

**Empanelment of Training Partner for NUA Odisha Scheme**

DSDE invites applications for Empanelment of Training Partners for the NUA Odisha Scheme (State Proposals). The detailed terms and conditions, scope of work, eligibility criteria etc. can be downloaded from the website: https://skillodisha.gov.in/tender.

Applicants can apply at the given link between 1st to 7th of every month: https://skillodisha.gov.in/become-a-partner/Proposal

The hard copy of the applications duly filled in and complete in all respect should reach the below given address through Registered Post/Speed Post/ Courier by 15th of every month.DSDE reserves the right to accept or reject any or all the offers without assigning any reason thereof.

For any queries related to empanelment, email us at rfp.osda@gmail.com

| | |
|---|---|
| **Applications are accepted year-round and will be screened in phased manner** | **Submissions can be made between the 1st to 15th of each month** |

**Sd./-**

**Director of Skill Development & Employment cum CEO, OSDA**

**Directorate of Skill Development -cum Employment**

3rd Floor, Niyojana Bhawan, Sriya Square, Kharvela Nagar, Bhubaneswar, Odisha – 751001

Website: https://skillodisha.gov.in/ and Email address: rfp.osda@gmail.com

OIPR-44023/11/0006/2425


# ବିଧାନସଭାରେ ପ୍ରଶ୍ନ, ଚାନ୍ଦବାଲିରେ ପ୍ରତିକ୍ରିୟା


ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତା।

## ବ୍ୟୋମକେଶଙ୍କୁ ସମାଲୋଚନା କଲା ଭାଜପା ଯୁବମୋର୍ଚ୍ଚା

ଚାନ୍ଦବାଲି,୧।୯(କିଷାନ ପାତ୍ର)

ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ରାଜନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରସଙ୍ଗରେ ବିଧାନସଭାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ପ୍ରଶ୍ନକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ରବିବାର ଚାନ୍ଦବାଲି ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ସମାଲୋଚନା କରିଥିବା ବେଳେ ସଦସ୍ୟ ତଥା ୭ନଂ. ୱାର୍ଡର କାଉନସିଲର ଚନ୍ଦନ ରାଉତ କହିଛନ୍ତି, ଚାନ୍ଦବାଲି ବିଧାୟକ ଦୀର୍ଘ ୧୦ବର୍ଷ ଭିତରେ ବ୍ଲକର ପାଙ୍ଗୁଡ଼ା ଗ୍ରାମରେ ଥିବା ଜିଲାର ଏକମାତ୍ର କାର୍ଗିଲ ଶହୀଦ ନିରଞ୍ଜନ ବେହେରାଙ୍କ ପ୍ରତିମୂର୍ତ୍ତି ତିଆରି କରିପାରି ନାହାନ୍ତି। ବିଧାୟକ ଚାନ୍ଦବାଲିରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ କେବେ ଦେଖିବାକୁ ଯାଇନାହାନ୍ତି। ବିଧାନସଭା ଗୃହରେ ଚାନ୍ଦବାଲିର ବିକାଶ ପ୍ରସଙ୍ଗକୁ ପଛରେ ପକାଇ ଧର୍ମଶାଳା ବ୍ଲକ୍ ପାଇଁ ଏତେ ଉଦାର କାହିଁକି ଦେଖାଉଛନ୍ତି। ଚାନ୍ଦବାଲି ପ୍ରସଙ୍ଗକୁ ଛାଡ଼ି ଧର୍ମଶାଳାର ଜଣେ ରାଜନେତାଙ୍କ ପ୍ରତିମୂର୍ତ୍ତି ଲାଗି ଗୃହରେ ମତ ଉପସ୍ଥାପନ କରିବା ଚାନ୍ଦବାଲି ପାଇଁ ଏକ ଲଜ୍ଜାଜନକ କଥା ବୋଲି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଅଭିଯୋଗ ସମ୍ପର୍କରେ ବିଧାୟକ ରାୟ କହିଛନ୍ତି, ଜଣେ ବିଧାୟକ ହିସାବରେ ସେ ତାଙ୍କର କର୍ତ୍ତବ୍ୟ କରିଛନ୍ତି। ଦଳର ପୂର୍ବତନ ବରିଷ୍ଠ ନେତାଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରିବା ସମ୍ବନ୍ଧରେ ବିଧାନସଭାରେ ପ୍ରଶ୍ନ ଉଠାଇବା ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ସ୍ୱର୍ଗତ ଦାସ ପୂର୍ବତନ ମନ୍ତ୍ରୀ ଓ ରାଜ୍ୟ ସଭା ସଦସ୍ୟ ରହିଥିବା ସମୟରେ ଚାନ୍ଦବାଲି ପ୍ରତି ତାଙ୍କର ବହୁତ ଅବଦାନ ଥିଲା।

ଅନ୍ୟପଟେ ଗତ ୩୦ ତାରିଖରେ ଚାନ୍ଦବାଲି ଦିଗଛିଆ ଛକ ନିକଟରେ ସ୍କୁଲ ଭ୍ୟାନ୍ ଓଲଟି ପଡ଼ିବା ପ୍ରସଙ୍ଗରେ ବିଦ୍ୟାଳୟର ସମ୍ପାଦକଙ୍କୁ ଦାୟୀ କରିଛି ଭାଜପା। ଯୁବନେତା ରମାକାନ୍ତ ଭୋଳଙ୍କ ଅଭିଯୋଗ ଅନୁଯାୟୀ, ସମ୍ପାଦକ ଆବାସ ଯୋଜନାରେ ଉକ୍ତ ବିଦ୍ୟାଳୟ ନିର୍ମାଣ କରାଇଥିବା ବେଳେ ସମ୍ପୂର୍ଣ୍ଣ ଜଳ ଜମିରେ ହୋଇଛି। ଜଳ ଜମିରେ ସ୍କୁଲ ଗୃହ ନିର୍ମାଣ ପାଇଁ ଅନୁମତି କିଏ ଦେଲେ ବୋଲି ସେ ପ୍ରଶ୍ନ କରିବା ସହ ଉକ୍ତ ବିଦ୍ୟାଳୟକୁ ଏନ୍‌ଓସି ମିଳିଛି କି ନାହିଁ ସେନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସମିତିସଭ୍ୟ ଅଭୟ ଭୋଳ, ରମାକାନ୍ତ ଭୋଳ, ବିଜୟ ପାଢ଼ୀ, ଏନ୍‌ଏସି ଯୁବ ସଭାପତି ସୁଶାନ୍ତ ମହାନ୍ତି, ସାର୍ଥକ ନାୟକ, ମଳୟ ନାୟକ, ଗଣେଶ ଦାସ, କମଳା ସୂତାରଙ୍କ ସହ ଭାଜପା ଯୁବନେତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


**BHUBANESWAR DEVELOPMENT AUTHORITY**

**Akash Shova Building, Sachivalaya Marg, Bhubaneswar - 751001, Visit us at: http://www.bda.gov.in**

**No. CAD-1003**
**Bid Identification No. 1127**

**INVITATIONS FOR BIDS (IFB)**

**Dated: 30.08.2024**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System through ONLINE MODE only conforming to the Detailed Tender Call Notice (DTCN) from Electrical Contractors having valid **MV and above** licence registered under Government of Odisha, having PAN and valid EPF & ESI registration No., GST Certificate etc. for the item of works as indicated in the table below:

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper (In Rs.) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Supply, Installation, Testing and Commissioning of 82.5 KVA DG set for TP Office at Commercial Complex, K-7, Kalinga Nagar, Bhubaneswar | 17,42,915.00 | 1% of the estimated cost put to tender (Through online transfer by the last date & time for receipt of bids) | 6000/- + GST @ 18% (Through online transfer by the last date & time for receipt of bids) | 30 (Thirty) Days |
| 2. | Illumination of the parking area near Kalyan Mandap at K-7, Bhubaneswar | 7,51,962.00 | 1% of the estimated cost put to tender (Through online transfer by the last date & time for receipt of bids) | 4000/- + GST @ 18% (Through online transfer by the last date & time for receipt of bids) | 07 (Seven) Days |
| 3. | Illumination of Buddha Jayanti Park Parking area, Bhubaneswar | 21,45,149.00 | 1% of the estimated cost put to tender (Through online transfer by the last date & time for receipt of bids) | 6000/- + GST @ 18% (Through online transfer by the last date & time for receipt of bids) | 21 (Twenty One) Days |

2. The Bid documents will be available in the website: **https://tendersodisha.gov.in** from **03.09.2024 to 12.09.2024 upto 17.00 hours.**
3. Bids shall be received only **"On line"** on or before 12.09.2024 up to 17.00 Hours. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel/reject any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

**OIPR-13033/11/0129/2425** **Sd./- Executive Engineer, Division-IV, BDA**



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**

**ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର**

**OFFICE OF THE SUPERINTENDING ENGINEER**

**RURAL WATER SUPPLY & SANITATION DIVISION, SONEPUR**

Pin-767017, Ph.: 06654-220259(Off), Email : eerwssdivsnpr@gmail.com

**GOVERNMENT OF ODISHA "e" PROCUREMENT NOTICE**

**Bid Identification No. 01 of 2024-25 Dt.29.08.2024**

No.O-234 : The Superintending Engineer, RWSS Division, Sonepur on behalf of the Governor of Odisha invites Percentage Rate Bids through e-procurement in double cover system according to norm of e-procurement system in on-line mode for the work "Shifting & laying of Pipeline from Chainage 0/00 Km to 6/70 km due to widening & strengthening of MDR-39 Road in Sonepur Block under Subarnapur District".

1. Nature of Work : Shifting & laying of Pipeline from Chainage 0/00 km to 6/70 Km due to widening & strengthening of MDR-39 Road in Sonepur Block under Subarnapur District.
2. Total No. of Work : 01 No. 3. Tender Paper Cost : Rs.10000/- 4. Value of Work : Rs.75.26 Lakhs
5. Class of Contractor : "B"
6. Period of Completion : 180 days (Refer DTCN available in the Website www.tendersodisha.gov.in)

| Procurement Officer -Publisher | Bid Identification No. | Date and time of availability of document in the portal | | Last Date & Time of Seeking Clarification on Tender / Bid | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, RWS&S Division, Sonepur | Notification No 01 of 2024-25 | Dt. 03.09.2024 @ 11.00 AM | Dt. 17.09.2024 up to 5 PM | Dt. 06.09.2024 up to 5.00 PM | 19.09.2024 @ 11.30 AM | To be announced after technical bid evaluation |

OIPR-25037/11/0001/2425 **Sd./-(Er. Tapan Kumar Pradhan), Superintending Engineer, RWS&S Division, Sonepur**



**Bhubaneswar Municipal Corporation**

**Phone: 0674-2431253; Fax: 0674-2432895;**
**E-mail: info@bmc.gov.in; Web: bmc.gov.in**

**XXXXX-II-SBAC-123/24**

No. ୩୫୭୪୫ Dated. ୩୦।୦୮।୨୪

**ନୋଟିସ**

No. c-531:- ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ କୁକୁଡ଼ା ମାଂସ ଦୋକାନୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମିତ ହେଉଥିବାର ନଜରକୁ ଆସିଛି । ତେଣୁ ସମସ୍ତ କୁକୁଡ଼ା ମାଂସ ଦୋକାନୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ଉକ୍ତ ଅଞ୍ଚଳରୁ କୁକୁଡ଼ା କ୍ରୟ କରିବେ ନାହିଁ, ଯଦ୍ଦ୍ୱାରା ଏହି ରୋଗ ସଂକ୍ରମିତ ହେବାର ସମ୍ଭାବନା ରହିଅଛି ।

ଏତଦ୍ ବ୍ୟତୀତ ସଂପ୍ରତି ଯେଉଁ କୁକୁଡ଼ା ବା ପକ୍ଷୀ ଅସ୍ୱାଭାବିକ ଭାବେ ଅସୁସ୍ଥ ହୋଇପଡୁଥିଲେ କିମ୍ବା ମୃତ୍ୟୁ ହେଉଥିଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ର କିମ୍ବା ୱାର୍ଡ ଅଫିସରେ ଜଣାନ୍ତୁ ଏବଂ ତାହାକୁ ଏଣେତେଣେ ନ ଫିଙ୍ଗି ନିର୍ଦ୍ଦିଷ୍ଟ ସ୍ଥାନରେ ପୋତିଦେବା ସହ ତା' ଉପରେ ବ୍ଲିଚିଂ ସିଞ୍ଚନ କରନ୍ତୁ । ଏହି କାର୍ଯ୍ୟ କରିବା ସମୟରେ ମୁହଁରେ ମାସ୍କ ଏବଂ ହାତରେ ଗ୍ଲୋଭ୍ସ ପିନ୍ଧନ୍ତୁ ।

ଯଦି ଏହି କୁକୁଡ଼ା ସଂସ୍ପର୍ଶରେ ଆସି କୌଣସି ବ୍ୟକ୍ତି ବା ଶିଶୁଙ୍କର ଜ୍ୱର, ଛିଙ୍କ, କାଶ ଲାଗି ରୁହେ, ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରାନ୍ତୁ ।

ବିଏମ୍‌ସି ଅଧିକାରୀ/ସାଇନ୍ ଟିମ୍ ପରିଦର୍ଶନରେ ଯିବା ସମୟରେ ସଠିକ୍ ତଥ୍ୟ ପ୍ରଦାନ କରନ୍ତୁ ଏବଂ ଭୁବନେଶ୍ୱରକୁ ବାର୍ଡ ଫ୍ଲୁ ମୁକ୍ତ କରିବାରେ ସକ୍ରିୟ ସହଯୋଗ କରିବା ପାଇଁ ନିବେଦନ ।

**ସ୍ୱା./- (ଶ୍ରୀ ରାଜେଶ ପ୍ରଭାକର ପାଟିଲ)**
**କମିଶନର**
**ଭୁବନେଶ୍ୱର ମହାନଗର ନିଗମ**

OIPR-13002/11/0065/2425

Bhubaneswar Municipal Corporation, BMC-ICOMC Tower, Unit-IX, Bhubaneswar-751022, Odisha, India

# ପୁରୁଷ ୪X୧୦୦ମି. ରିଲେରେ ଓଡ଼ିଶାକୁ ସ୍ୱର୍ଣ୍ଣ

**ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍**

■ ମହିଳା ରିଲେ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଚାଲିଥିବା ୬୩ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ପୁରୁଷ ୪X୧୦୦ ମିଟର ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅବିନାଶ ସାହୁ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଓ ଅମିୟ ମଲିକଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୩୯.୬୫ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛି। ରେଲୱେ ସ୍ପୋର୍ଟ୍ସ ଟିମ୍ ୩୯.୮୨ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍ଏସ୍‌ସିବି) ଦଳ ୩୯.୯୯ ସେକେଣ୍ଡ ସମୟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। କେରଳ ରାଜସ୍ଥାନ, ତାମିଲନାଡୁ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଦଳ ଯଥାକ୍ରମେ ୪ର୍ଥରୁ ୮ମ ସ୍ଥାନ ପାଇଛନ୍ତି। ଲାଲୁ ପ୍ରସାଦ ଭୋଇ ଗୋଟିଏ ଦିନ ପୂର୍ବରୁ ପୁରୁଷ ୧୦୦ ମିଟରରେ ୧୦.୪୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅର୍ଥାତ୍ ସେ ଏହି ପ୍ରତିଯୋଗିତାରୁ ଡବଲ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମହିଳା ୪X୧୦୦ ମିଟର ରିଲେରେ ଓଡ଼ିଶା ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ଶ୍ରାବଣୀ ନନ୍ଦ, ମେରୀମୁକ୍ତା ସୋରେଙ୍ଗ, ସୁଖୀ ବାସ୍କେ ଓ ବିନତି ବେହେରାଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪୫.୯୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଛି। କର୍ଣ୍ଣାଟକ ଦଳ ୪୫.୨୧ ଓ ରେଲୱେ ସ୍ପୋର୍ଟ୍ସ ଦଳ ୪୫.୨୯ ସେକେଣ୍ଡ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛି। ତାମିଲନାଡୁ ଓ ପଞ୍ଜାବ ଦଳକୁ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ମିଳିଛି।

ମହିଳା ୨୦୦ ମିଟର ରେସ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଶ୍ରାବଣୀ ନନ୍ଦ। ହିଟ୍-୩ରେ ରେସ୍ କରିଥିବା ଶ୍ରାବଣୀ ୨୪.୫୦ ସେକେଣ୍ଡ ସମୟ ନେଇ ଅନ୍ୟ ୭ ପ୍ରତିଯୋଗୀଙ୍କ ସହ ଫାଇନାଲ ପାଇଁ ଯୋଗ୍ୟତା ପାଇଛନ୍ତି। ମଧ୍ୟପ୍ରଦେଶର ମଧୁମିତା ଦେବ (୨୪.୨୪), ଗୁଜରାଟର ଦେଭ୍ୟାନିବା ଜାଲା (୨୪.୩୫), ରେଲୱେ ସ୍ପୋର୍ଟ୍ସର ନିଥ୍ୟା ଗାନ୍ଧେ (୨୪.୦୫), କର୍ଣ୍ଣାଟକର କାବେରି ପାଟିଲ (୨୪.୧୬), ହରିୟାଣାର ନାନ୍‌ସି (୨୩.୯୪), ହିମାଚଳ ପ୍ରଦେଶର ସମ୍ରିତି ଜମୱାଲ (୨୪.୦୮) ଓ ରାଜସ୍ଥାନର ଅନ୍ତାକ୍ଷରୀ (୨୪.୯୫) ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଲଙ୍ଗଜମ୍ପର ଫାଇନାଲକୁ ଉନ୍ନୀତ ହୋଇଥିଲେ ହେଁ ଓଡ଼ିଶାର ସରୁନ ପାୟାସିଂ ୭.୫୫ ମିଟର କ୍ଲିୟର କରିପାରି ୫ମ ସ୍ଥାନରେ ରହିଛନ୍ତି। ରେଲୱେ ସ୍ପୋର୍ଟ୍ସର ଆର୍ଯ୍ୟ ଏସ. (୭.୮୯), କେରଳର ମହମ୍ମଦ ୟାହିୟା (୭.୭୮) ଓ ପଞ୍ଜାବର ଜଗରୂପ (୭.୬୫) ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ଶନିବାର ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ହର୍ଡଲ୍ସରେ ୧୩.୪୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିଲେ। ଉଭୟ ଲାଲୁ ଓ ପ୍ରଜ୍ଞା କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ଏବଂ ଓଡ଼ିଶା ରିଲାଏନ୍ସ ହାଇପରଫର୍ମାନ୍ସ ସେଣ୍ଟରର ଅଂଶବିଶେଷଭାବେ କୋଚ୍ ରୋହିତ ମାନେଙ୍କଠାରୁ କୋଚିଂ ନେଉଛନ୍ତି।





ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ପୁରୁଷ ଓ ବ୍ରୋଞ୍ଜ ବିଜୟୀ ମହିଳା ଦଳ।

## ବ୍ରୋଞ୍ଜ ପ୍ଲେ ଅଫ୍ ହାରିଲେ ରାକେଶ

**ପ୍ୟାରିସ୍,୧୯:** ଭାରତୀୟ ତୀରନ୍ଦାଜ ରାକେଶ କୁମାର ପାରାଲିମ୍ପିକ୍ସ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟର ବ୍ରୋଞ୍ଜ ପଦକ ପ୍ଲେ ଅଫରେ ହାରି ଯାଇଛନ୍ତି। ସେ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ହେ ଝିଆଓଙ୍କ ଠାରୁ ୧୪୭-୧୪୬ରେ ହାରିଥିଲେ। ପୂର୍ବରୁ ସେମି ଫାଇନାଲରେ ଚାଇନାର ଏଆଇ ଜିନ୍ ଲିଆଙ୍ଗଙ୍କ ନିକଟରୁ ୧୪୩-୧୪୫ରେ ହାରି ଯାଇଥିଲେ ରାକେଶ। ପ୍ରି କ୍ୱାର୍ଟରରେ ଇଣ୍ଡୋନେସିଆର କେନ୍ ସ୍ୱାଗୁମୁଲାଙ୍ଗଙ୍କୁ ଓ କ୍ୱାର୍ଟର ଫାଇନାଲରେ କାନାଡାର କାଇଲ ଟ୍ରେମ୍ବଲେଙ୍କୁ ଶୁଟଅଫ୍‌ରେ ହରାଇଥିଲେ ରାକେଶ। ଉଭୟ ମ୍ୟାଚ୍‌ରେ ୫ ରାଉଣ୍ଡ ସୁଦ୍ଧା ସ୍କୋର ୧୪୪-୧୪୪ ରହିଥିଲା। କାଇଲ ଟ୍ରେମ୍ବଲେଙ୍କ ବିପକ୍ଷ ମ୍ୟାଚ୍ ମଧ୍ୟ ୧୪୪-୧୪୪ରେ ରହିଥିଲା। ରାକେଶ ଏହାକୁ ମଧ୍ୟ ଶୁଟ୍ ଅଫରେ ବିଜୟୀ ହୋଇଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ଚାଇନା ଆର୍ଚର ପ୍ରଥମ ସେଟରୁ ହିଁ ରାକେଶଙ୍କୁ ଚାପରେ ରଖିଥିଲେ। ତୃତୀୟ ସେଟ ସୁଦ୍ଧା ଜିନ୍ ଲିଆଙ୍ଗ ୩ ପଏଣ୍ଟର ଅଗ୍ରଣୀ ହାସଲ କରି ସାରିଥିଲେ। ମେରୁଦଣ୍ଡରେ ଆଘାତ କାରଣରୁ ରାକେଶଙ୍କୁ ୨୦୦୯ରେ ହୁଇଲ ଚେୟାରର ସାହାଯ୍ୟ ନେବାକୁ ପଡିଥିଲା। ୩୯ ବର୍ଷୀୟ ଏହି ଭେଟେରାନ ଖେଳାଳି ଜଣଙ୍କ ଜାମ୍ମୁ କଶ୍ମୀରରୁ ଆସୁଥିବା ବେଳେ କୋଚ୍ କୁଲଦୀପ ବେଦୱାନଙ୍କ ସହ କଟ୍‌ରାରେ ଅଭ୍ୟାସ କରନ୍ତି। ମୁକାବିଲାରେ ଚାଇନାର ହେ ଝିଆଓଙ୍କୁ ଭେଟିବେ। ପୂର୍ବରୁ ଶୀତଲ ଦେବୀ ଓ ସରିତା ମଧ୍ୟ ବିଦାୟ ନେଇ ସାରିଛନ୍ତି।

## ଇଲେଭେନ ଗନ୍ କ୍ଲବ ବିଜୟୀ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ପ୍ରଥମ ଡିଭିଜନ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଚାଉଳିଆଗଞ୍ଜ ଇଲେଭେନ ଗନ୍ କ୍ଲବ ବିଜୟୀ ହୋଇଛି। ଏହି ଦଳ ୨-୧ ଗୋଲରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଛି। ଇଲେଭେନ ଗନ୍ ପକ୍ଷରୁ ବିକାଶ ନାୟକ ୩୧ ଓ ଜଳଧର ନାୟକ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚାଉଳିଆଗଞ୍ଜ କ୍ଲବର ଶ୍ୟାମସୁନ୍ଦର ସୋରେନ ୭୯ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସାଇ-ଏସଟିସି କଟକ ଓ ଟାଉନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଟାଉନ୍ କ୍ଲବ ପକ୍ଷରୁ ରାଜେଶ କୁମାର ବେହେରା ୪ର୍ଥ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ସାଇ-ଏସ୍‌ଟିସିର ଶିବୁ ସାମଲ ଇଞ୍ଜୁରି ଟାଇମ୍ ୯୦+୨ ମିନିଟ୍‌ରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଦ୍ୱିତୀୟ ଡିଭିଜନ ଲିଗ୍‌ରେ ସର୍ଭୋଲ ଏଫ୍‌ସି ଓ ଇଲେଭେନ ବ୍ରାଇଟ ଷ୍ଟାର କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଅନ୍ୟଏକ ମ୍ୟାଚରେ ଲାଲବାଗ୍ କ୍ଲବ ୱାକ୍‌ଓଭର ଦେବାରୁ ଏଲଆଇସି କ୍ଲବକୁ ପୂରା ୩ ପଏଣ୍ଟ ଓ ୩ ଗୋଲ ମିଳିଛି।

## ରାଜ୍ୟ ଓପନ ଚେସ୍: ତନ୍ମୟ ଚାମ୍ପିୟନ




ତନ୍ମୟ ତ୍ରିପାଠୀ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଉପେନ୍ଦ୍ର ନାୟକ ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୫ ପଏଣ୍ଟ ପାଇ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ଚାମ୍ପିୟନ ହୋଇଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଓ ରବୀନ୍ଦ୍ର କୁମାର ଓଝା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ପ୍ରଧାନ, ସୃଜନ ପ୍ରଣୟୀ ରାୟ, ଶୁଭମ୍ ପ୍ରତୀକ ମିଶ୍ର ଓ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ପଛକୁପଛ ରହିଛନ୍ତି। ୭, ୧୧, ୧୩, ୧୫ ବର୍ଷରୁ କମ୍ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଆଇଆଇଏଫ୍ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଇଟାଲିଆନ ଗ୍ରାଁ ପ୍ରି ଜିତିଲେ ଲେକ୍‌ରେକ୍

**ମୋଞ୍ଜା (ଇଟାଲୀ) ୧୯**

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍ ରେକ୍ ତାଙ୍କ ଘରୋଇ ସର୍କିଟରେ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପିଆଷ୍ଟ୍ରିଙ୍କଠାରୁ ୨.୬ ସେକେଣ୍ଡ ସମୟ ଆଗରେ ରହିଥିଲେ। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ଫେରାରିର କାର୍ଲୋସ ସେଞ୍ଜ ଏବଂ ମର୍ସିଡିଜ୍‌ର ଲୁଇସ୍ ହାମିଲଟନଙ୍କ ପଛକୁ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଯଥାକ୍ରମେ ୭ମ ରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଜର୍ଜ ରସେଲ (ମର୍ସିଡିଜ୍), ସର୍ଗିଓ ପେରେଜ (ରେଡ୍‌ବୁଲ), ଆଲେକ୍ସ ଆଲବନ (ୱିଲିୟମ୍ସ) ଓ କେଭିନ ମାଗ୍ନସେନ (ହାସ୍)। ଚଳିତ ସିଜନର ଆଉ ୮ଟି ରେସ୍ ବାକି ରହିଥିବା ବେଳେ ଚାମ୍ପିୟନଶିପ୍ ଟେବୁଲରେ ଅଗ୍ରଣୀ ଥିବା ଭର୍ଷ୍ଟାପେନ୍ ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ନୋରିସଙ୍କ ବ୍ୟବଧାନ ୮ପଏଣ୍ଟ ହ୍ରାସ ପାଇ ୬୨କୁ ଖସିଛି। କନ୍‌ଷ୍ଟ୍ରକ୍ଟର ଚାମ୍ପିୟନଶିପ୍‌ରେ ମ୍ୟାକଲରେନ ବର୍ତ୍ତମାନ ରେଡ୍‌ବୁଲ୍‌ଠାରୁ ୮ ପଏଣ୍ଟ ପଛରେ ରହିଛି।

## ମୁଖ୍ୟ ଶାସନ ସଚିବଙ୍କ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ




କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା।

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସହ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରି ସେଠାରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ ଇନ୍‌ଡୋର ଆଥଲେଟିକ୍ ସେଣ୍ଟର, ଫୁଟବଲ ଷ୍ଟାଡିୟମ, ଭାରୋତ୍ତୋଳନ ସେଣ୍ଟର, ଜିମ୍ନାଷ୍ଟିକ୍ସ ସେଣ୍ଟର, ଆକ୍ୱାଟିକ୍ ସେଣ୍ଟର, ହକି ହାଇ ପରଫର୍ମାନ୍ସ ସେଣ୍ଟର, ହକି ଷ୍ଟାଡିୟମ ଓ ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ବୁଲି ଦେଖିଥିଲେ। ଏହାପରେ ସେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ଆଥଲେଟ୍ ଓ କୋଚ୍ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ସେମାନଙ୍କ ପ୍ରଶିକ୍ଷଣ ପ୍ରକ୍ରିୟା ଓ କମ୍ପ୍ଲେକ୍ସରେ ଅନୁଭୂତି ସମ୍ପର୍କରେ ଅବଗତ ହୋଇଥିଲେ। ଖେଳାଳିଙ୍କ ପ୍ରଦର୍ଶନ ଓ ସୁସ୍ଥତାପାଇଁ ଷ୍ଟାଡିୟମରେ ଚାଲିଥିବା ହାଇପରଫର୍ମାନ୍ସ ସେଣ୍ଟରର କାର୍ଯ୍ୟକ୍ରମ ସମ୍ପର୍କରେ ସେ ପଚାରି ବୁଝିଥିଲେ। କ୍ରୀଡ଼ା ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ କ୍ରୀଡ଼ାବିତ୍‌ମାନେ ଯେପରି ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରି ଦେଶ ପାଇଁ ଗୌରବ ଆଣିପାରିବେ ସେଥିପାଇଁ ସର୍ବୋତ୍ତମ ସୁବିଧା ଓ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ବାଂଲାଦେଶର ଦୃଢ଼ ପ୍ରତ୍ୟାବର୍ତ୍ତନ

**ରାୱଲପିଣ୍ଡି (ପାକିସ୍ତାନ), ୧୯ (ଏପି):** ଏଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ରବିବାର ଶତକ ହାସଲକାରୀ ଲିଟନ ଦାସ ଓ ମେହିଦି ହସନ ମିରାଜଙ୍କ ନେତୃତ୍ୱରେ ବାଂଲାଦେଶର ଦୃଢ଼ ପ୍ରତ୍ୟାବର୍ତ୍ତନ ଏବଂ ପାକିସ୍ତାନ ଫାଷ୍ଟ ବୋଲର ଖୁରମ ଶେହଜାଦଙ୍କ ପ୍ରଥମ ୫ ଉଇକେଟ ସଫଳତା ହେଉଛି ଉଲ୍ଲେଖନୀୟ ଘଟଣା। ତୃତୀୟ ଦିବସ ଖେଳରେ ଭ୍ରମଣକାରୀ ବାଂଲାଦେଶ ଏକଦା ମାତ୍ର ୨୬ ରନ ସ୍କୋରରେ ଏହାର ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ବସିଥିଲା। ତେବେ ଲିଟନଙ୍କ ଆକ୍ରମଣାତ୍ମକ ୧୩୮ ରନ (୧୩ ଚୌକା ଓ ୨ ଛକା) ଏବଂ ମେହିଦିଙ୍କ ପ୍ରଭାବୀ ୭୮ରନ ଯୋଗେ ଏହାର ପ୍ରଥମ ଇନିଂସରେ ୨୬୨ ରନ କରିପାରିଥିଲା। ଲିଟନ ଓ ମେହିଦିଙ୍କ ମଧ୍ୟରେ ୧୬୫ ରନର ପାର୍ଟନରଶିପ୍ ହୋଇଥିଲା। ଜବାବରେ ପ୍ରଥମ ଇନିଂସରେ ୧୨ର ଅଗ୍ରଣୀ ଲାଭ କରିଥିବା ପାକିସ୍ତାନ ଶନିବାର ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୯ ରନ କରିଛି। ପ୍ରଥମ ଟେଷ୍ଟ ୧୦ ଉଇକେଟରେ ହାରିଯାଇଥିବା ପାକିସ୍ତାନ ଶୀଘ୍ର ଏହାର ଓପନର ଅବଦୁଲ୍ଲା ଶାଫିକ୍ ଏବଂ ନାଇଟ ୱାଚମ୍ୟାନ ଶେହଜାଦଙ୍କ ଉଇକେଟ ହରାଇ ଥିଲା। ଦୁହେଁ ଫାଷ୍ଟ ବୋଲର ହସନ ମେହମୁଦଙ୍କ ବୋଲିଂର ଶିକାର ହୋଇଥିଲେ। ପାକିସ୍ତାନ ମୋଟ ଉପରେ ୨୧ରନ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ : ୨୭୪। ବାଂଲାଦେଶ ପ୍ରଥମ ଇନିଂସ: ୨୬୨ (ଲିଟନ ଦାସ-୧୩୮, ମେହିଦି ହସନ ମିରାଜ-୭୮ ; ଖୁରମ ଶେହଜାଦ-୬/୯୦, ଆଘା ସଲମନ-୨/୧୩, ମୀର ହାମ୍‌ଜା-୨/୫୦)।

# ଆନ୍ତଃ ଜିଲା ମହିଳା ଫୁଟ୍‌ବଲ: ସୁନ୍ଦରଗଡ ଚାମ୍ପିୟନ

**ବରଗଡ,୧୯(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲାର ଚାରିଟି ଜୋନରେ ଅନୁଷ୍ଠିତ ସିନିୟର ଆନ୍ତଃ ଜିଲା ମହିଳା ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୁନ୍ଦରଗଡ ଜିଲା ଦଳ ୧-୦ ଗୋଲରେ କଟକକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ସୁନ୍ଦରଗଡ ଦଳର ୧୨ ନମ୍ବର ଖେଳାଳି ସୁଭାଷିନୀ ସାହା ଏକମାତ୍ର ଗୋଲଟି ଦେଇ ଦଳକୁ ଚାମ୍ପିୟନ କରାଇଥିଲେ। ଅତିଥିମାନେ ଚାମ୍ପିୟନ ଦଳ ସୁନ୍ଦରଗଡ଼କୁ ନଗଦ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନରଅପ୍ କଟକ ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ସୁନ୍ଦରଗଡ ଦଳର ସୁଭାଷିନୀ ସାହା, କଟକର ସୁନୀତା ସ୍ୱାଇଁ ଓ ଶ୍ରେଷ୍ଠ ଉଦୀୟମାନ ଖେଳାଳି ସୁନ୍ଦରଗଡ ଦଳର ତୁଳସୀ ଟପୋଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ଅମିରା ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ରାଣୀ କାଲା ଓ ସୀତା ମାରାଣ୍ଡି। ଚତୁର୍ଥ ରେଫରି ଥିଲେ ପିଙ୍କି ହଂସ। ରିଜର୍ଭ ରେଫରି ଆରତୀ ମହାନ୍ତି ଓ ମ୍ୟାଚ୍ କମିଶନର ଥିଲେ ନବୀନ କୁମାର ନାୟକ।

ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଅଭିଜିତ ପାଲ, ଫାଓ ଉପ ସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଉପସଭାପତି ରବି ପଣ୍ଡା, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ପୂର୍ବତନ ଉପ ସଭାପତି ଧୀରେନ ପଲାଇ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଜିଲା କ୍ରୀଡା ସଂସଦ ଉପସଭାପତି ତଥା ବରଗଡ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ସମ୍ପାଦକ କିଶୋର କୁମାର ମିଶ୍ର, ଫୁଟବଲ ସମ୍ପାଦକ ସେକ ସବଦର, ପୂର୍ବତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ପ୍ରଭାତ ଆଦିତ୍ୟ ମିଶ୍ର, ସୋହେଲା କ୍ରୀଡା ସଂସଦ ସଭାପତି ସତ୍ୟ ନାରାୟଣ ଦେବତା, କଦଳୀପାଲି କ୍ରୀଡା ସଂସଦର ସଭାପତି କ୍ଷିତିପତି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦ କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ, ପ୍ରଦୀପ ସାହୁ , ଦିଲୀପ ସାୱଡିଆ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ପ୍ରାକ୍ତନ ଖେଳାଳି ଏସ.ଏମ କାଦିର, ସୁବ୍ରତ ଚାଟାର୍ଜୀ, ଜ୍ଞାନ ରଞ୍ଜନ ପୂଜାରୀ, ପ୍ରଦୀପ ନନ୍ଦ, ଅତିଶ ପଣ୍ଡା, ପ୍ରଦୀପ ପ୍ରଧାନ, ନନ୍ଦ କୁମାର ମିଶ୍ର, ମନୋରଞ୍ଜନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ସୁନ୍ଦରଗଡ଼ ଦଳ।




କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ରାଜ୍ୟ କ୍ୟୋରୁଗି ଓ ପୁମ୍‌ସେ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ପ୍ରତିଯୋଗୀମାନେ।

## ସିନିୟର କୋର୍ ଗ୍ରୁପ୍ ହକି ଖେଳାଳିଙ୍କୁ ଆର୍ଥିକ ପ୍ରୋତ୍ସାହନ

**ଲକ୍ଷ୍ନୌ, ୧୯(ପି.ଟି.)**

ସରକାରୀ ଅନୁଷ୍ଠାନ କିମ୍ବା ପବ୍ଲିକ ସେକ୍ଟର ଅଣ୍ଡରଟେକିଂରେ ନିଯୁକ୍ତି ପାଇ ନ ଥିବା ଦେଶର ସମ୍ଭାବ୍ୟ ସିନିୟର କୋର୍ ଗ୍ରୁପ୍‌ର ପୁରୁଷ ଓ ମହିଳା ହକି ଖେଳାଳିମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏଠାରେ ରବିବାର ଅନୁଷ୍ଠିତ ହକି ଇଣ୍ଡିଆ (ଏଚ୍ଆଇ)ର ବାର୍ଷିକ ସାଧାରଣ ଅଧିବେଶନ ପରେ ଏହା ଘୋଷଣା କରାଯାଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ନିଯୁକ୍ତି ପାଇ ନ ଥିବା ଆର୍ଥିକ କ୍ଷେତ୍ରରେ ଦୁର୍ବଳ ପ୍ରତ୍ୟେକ ଖେଳାଳିଙ୍କୁ ପ୍ରତିବର୍ଷ ୨ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତ। ସମ୍ଭାବ୍ୟ କୋର୍ ଗ୍ରୁପ୍‌ରେ ସ୍ଥାନ ପାଇଥିବା କିଛି ନବାଗତ କର୍ମସଂସ୍ଥାନ ପାଇ ନାହାନ୍ତି। ଘରୋଇ ଓ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର ପ୍ରଦର୍ଶନ କରିଥିବା ଅଧିକାଂଶ ଖେଳାଳି ସରକାରୀ ବିଭାଗ ଅବା ପବ୍ଲିକ ସେକ୍ଟର ଅଣ୍ଡରଟେକିଂରେ କାର୍ଯ୍ୟରତ ଅଛନ୍ତି। ସିନିୟର କୋର୍ ଗ୍ରୁପ୍‌ର କେତେଜଣ ନବାଗତ ବିଶେଷ କରି ମହିଳା ଖେଳାଳି ଏପର୍ଯ୍ୟନ୍ତ କର୍ମନିଯୁକ୍ତି ପାଇ ନ ଥିବା ଜାଣିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ତିର୍କୀ କହିଛନ୍ତି। ଏହି ବୈଠକରେ ଜାତୀୟ ସିନିୟର ଏବଂ ଜୁନିୟର ପୁରୁଷ ଓ ମହିଳା ଟିମ୍‌ଗୁଡ଼ିକର ଅଗ୍ରଗତି, ଆଗାମୀ ଇଭେଣ୍ଟଗୁଡ଼ିକ ସମ୍ପର୍କରେ ଏବଂ ତୃଣମୂଳସ୍ତରରେ ଖେଳର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।

## ଅଧିକ ଚା’ ପିଉଥିଲେ...



କ୍ଲାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା’ କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା’ ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିପାରିଛନ୍ତି ଯେ ଆବଶ୍ୟକତାଠାରୁ ଅଧିକ ଥର ଏବଂ ପରିମାଣର ଚା’ ପିଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହି ସର୍ଭେରୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଜାଣିପାରିଛନ୍ତି ଯେ, ଏଭଳି ଅଭ୍ୟାସ ଦ୍ୱାରା ବୁଦ୍ଧିମତ୍ତା ପ୍ରଭାବିତ ହେବାର ଆଶଙ୍କା ରହିଛି। କାରଣ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବୁଦ୍ଧିମତ୍ତାକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ସେମାନେ ଏଭଳି ବିଷୟରେ ଜାଣିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଏଥିଯୋଗୁ ପେଟରେ ଅମ୍ଳ ବା ଏସିଡିଟି ବଢ଼ିଯାଇଥାଏ। ଅନ୍ୟପକ୍ଷରେ ଆବଶ୍ୟକତାଠାରୁ ଅଧିକ ଥର ଚା’ ପିଇଲେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

## ସେଲ୍ ଯୋଗୁ ବିନ୍ଧିପାରେ ଦାନ୍ତ



ସାଧାରଣତଃ ଥଣ୍ଡା ପ୍ରକୋପରେ କିମ୍ବା ଦାନ୍ତ ମୂଳରେ ଇନ୍‌ଫେକଶନ ହେଲେ ଦାନ୍ତମୂଳ ବିନ୍ଧିଥାଏ। ତେବେ ଏହାର କାରଣ ତାଲିକାରେ ନିକଟରେ ଆଉ ଏକ କଥା ଯୋଡ଼ାଯାଇଛି। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଦାନ୍ତ ବିନ୍ଧାର କୋଷ ବା ସେଲ୍ ସହ ସମ୍ପର୍କ ରହିଛି। ଏଭଳି ବିଷୟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ନୂଆ ତଥ୍ୟ ପ୍ରକାଶ କରିଛନ୍ତି। ଉକ୍ତ କୋଷର ନାମ ହେଲା ‘ଆମେଲୋବ୍ଲାଷ୍ଟ’। ଏହା ଭିତରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିକ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଳେବେଳେ ଏହା ଯୋଗୁ ଦାନ୍ତର ଏନାମେଲ୍ ଖରାପ ହୋଇ, ଦାନ୍ତ ନଷ୍ଟ ହେବାର ଆଶଙ୍କା ରହିଛି। ‘ଥଣ୍ଡାରୁ ଦାନ୍ତ ବିନ୍ଧା ଓ ସେଲ୍’ ଶୀର୍ଷକ ବିଷୟବସ୍ତୁକୁ ନେଇ ସେମାନେ ଗବେଷଣା କରିବା ସମୟରେ ଏପରି କଥା ଜାଣିପାରିଥିଲେ। ଏହି ସମୟରେ ସେମାନେ କୋଷ(ସେଲ୍)ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରି ଏପରି ତଥ୍ୟ ବିଷୟରେ ଅଧିକ ସୂଚନା ପାଇଥିଲେ।

# ସ୍ୱର୍ଣ୍ଣିମ ପ୍ରକ୍ଷେପଣ ପଛରେ ବିଜ୍ଞାନ



ନିକୁଞ୍ଜ ବିହାରୀ ସାହୁ

“ଫିଙ୍ଗାଳି ଜାଭେଲିନ ଫିଙ୍ଗିବା ସମୟରେ ନିଜ ଶରୀରର ଏହି ସଂବେଗକୁ କୌଶଳପୂର୍ଣ୍ଣ ଭାବରେ ଜାଭେଲିନକୁ ସ୍ଥାନାନ୍ତରିତ କରିଥାଏ। ଫିଙ୍ଗାଳିଙ୍କୁ ନିଜ ଶରୀରର ମଧଭାଗରୁ ଦକ୍ଷତାର ସହ ପ୍ରାପ୍ତ ସଂବେଗକୁ ଚାବୁକ ଭଳି ଏକ ତରଙ୍ଗାୟିତ ପ୍ରକ୍ରିୟା ଜରିଆରେ କ୍ରମାନ୍ୱୟରେ ଅଣ୍ଟା, କାନ୍ଧ ଓ କହୁଣି ଦେଇ ଜାଭେଲିନକୁ ସ୍ଥାନାନ୍ତରିତ କରିବାକୁ ପଡ଼େ। ପରିଶେଷରେ, ଫିଙ୍ଗାଳି ପଛ ଗୋଡ଼ ଉପରେ ଭରା ରଖି ଏବଂ ଦୁଇ ବାହୁକୁ ସିଧା ପ୍ରସାରିତ କରି ତଥା ଜାଭେଲିନକୁ ଆଖି ସହିତ ଏକ ସରଳରେଖାରେ ରଖି ନିକ୍ଷେପ କରେ।”



ଜାଭେଲିନ ଆମ ଦେଶର ଏକ ପାରମ୍ପରିକ ଖେଳ। ଜାଭେଲିନକୁ ଆମ ଦେଶରେ ସାଧାରଣତଃ ବର୍ଚ୍ଛା କିମ୍ବା ଭାଲ୍ଲା ବୋଲି କୁହାଯାଏ। ପୂର୍ବେ ରାଜା ମହାରାଜାମାନେ ଅବସର ସମୟରେ ଏହି ଭାଲ୍ଲା ଫିଙ୍ଗା ଖେଳରେ ଭାଗ ନେଉଥିଲେ ଏବଂ ଯୁଦ୍ଧ ସମୟରେ ରାଜାଙ୍କର ଏକ ସ୍ୱତନ୍ତ୍ର ଭାଲ୍ଲା ଫିଙ୍ଗା ବାହିନୀ ଥିଲା, ଯାହା ଯୁଦ୍ଧର ପରିଣତି ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିଲା। ଗତ ୨୦୨୧ ମସିହା ଟୋକିଓ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରା ୮୭.୫୮ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିବା ପରଠାରୁ ଆମ ଦେଶରେ ଜାଭେଲିନ ପ୍ରକ୍ଷେପଣ ଖେଳ ସମ୍ପର୍କରେ ଗଭୀର ଆଗ୍ରହ ଓ କୌତୂହଳ ସୃଷ୍ଟି ହୋଇଛି। ନିକଟରେ ମଧ ନୀରଜ ପ୍ୟାରିସ ଅଲିମ୍ପିକ୍ସରେ ୮୯.୪୫ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି।

**ଇତିହାସ :** ଜାଭେଲିନ ଖେଳ ପ୍ରଥମେ ଗ୍ରୀସର ପ୍ରାଚୀନ ଅଲିମ୍ପିକ ଖେଳରେ ଖ୍ରୀଷ୍ଟପୂର୍ବ ୭୦୮ରେ ପାଞ୍ଚୋଟି ଖେଳ (ପେଣ୍ଟାଥଲନ) ମଧ୍ୟରୁ ଅନ୍ୟତମ ବିଭାଗ ରୂପେ ଅନ୍ତର୍ଭୁକ୍ତ ହୋଇଥିଲା। ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପରଠାରୁ ଏହା ୟୁରୋପର ବିଭିନ୍ନ ଦେଶ ଯଥା ଜର୍ମାନୀ, ସୁଇଡେନ ଓ ଫିନ୍‌ଲାଣ୍ଡରେ ଯଥେଷ୍ଟ ଲୋକପ୍ରିୟତା ଲାଭ କରିଥିଲା। ଆଧୁନିକ ଅଲିମ୍ପିକ ଖେଳରେ ପୁରୁଷ ବିଭାଗରେ ଜାଭେଲିନ ପ୍ରକ୍ଷେପଣକୁ ପ୍ରଥମେ ୧୯୦୮ ମସିହାରେ ଏବଂ ମହିଳା ବିଭାଗରେ ପ୍ରଥମେ ୧୯୩୨ ମସିହାରେ ସ୍ଥାନିତ କରାଯାଇଥିଲା।

**ଗଠନ :** ଏକ ଜାଭେଲିନ ମୁଖ୍ୟତଃ ତିନୋଟି ଅଂଶକୁ ନେଇ ଗଠିତ, ଯଥା ଅଗ୍ରଭାଗ (ହେଡ୍), ଦଣ୍ଡ (ଶାଫ୍ଟ) ଏବଂ ମୁଠା (ଗ୍ରୀପ୍)। ଏକ ଜାଭେଲିନ ସାଧାରଣତଃ କାଠ କିମ୍ବା ଧାତୁରେ ତିଆରି ଏକ ଦଣ୍ଡ। ଏହାର ଏକ ମୁନିଆ ଅଗ୍ରଭାଗ ଥାଏ, ଯାହା ପ୍ରକ୍ଷେପଣ ପରେ ସର୍ବପ୍ରଥମେ ଭୂମିକୁ ଆଘାତ କରେ। ପ୍ରତି ଜାଭେଲିନକୁ ହାତରେ ମୁଠାଇ ଧରିବା ପାଇଁ ଏହାର ମାଧ୍ୟାକର୍ଷଣ କେନ୍ଦ୍ର ସ୍ଥାନଠାରେ ଏକ ମୁଠା ଚିହ୍ନିତ ଥାଏ ଏବଂ ଜାଭେଲିନକୁ ଏହି ମୁଠା ସ୍ଥାନରୁ ଧରି ଫିଙ୍ଗିବାକୁ ପଡ଼େ।

**ପ୍ରକ୍ଷେପଣ ନିୟମ :** ଅନ୍ତର୍ଜାତୀୟ ଦୌଡ଼କୁଦ ପରିସଂଘର ମାର୍ଗଦର୍ଶନ ଅନୁସାରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୌଣସି ଜାଭେଲିନର ଆକାର, ରୂପରେଖ, ଓଜନ ଓ ମାଧ୍ୟାକର୍ଷଣ କେନ୍ଦ୍ର ନିର୍ଦ୍ଦିଷ୍ଟ ନିୟମାବଳୀର ଅନ୍ତର୍ଭୁକ୍ତ। କୌଣସି ପୁରୁଷ ପ୍ରତିଯୋଗିତାରେ ଜାଭେଲିନର ଦୈର୍ଘ୍ୟ ୨.୬ ରୁ ୨.୭ ମିଟର (୮ ଫୁଟ ୬ ଇଞ୍ଚରୁ ୮ ଫୁଟ ୧୦ ଇଞ୍ଚ) ମଧ୍ୟରେ ଏବଂ ଓଜନ ୮୦୦ ଗ୍ରାମ୍ ହୋଇଥିଲାବେଳେ ଏକ ମହିଳା ପ୍ରତିଯୋଗିତାରେ ଜାଭେଲିନର ଦୈର୍ଘ୍ୟ ୨.୨ ରୁ ୨.୩ ମିଟର (୭ ଫୁଟ ୩ ଇଞ୍ଚରୁ ୭ ଫୁଟ ୭ ଇଞ୍ଚ) ମଧ୍ୟରେ ଏବଂ ଓଜନ ୬୦୦ ଗ୍ରାମ୍ ହୋଇଥାଏ। ଫିଙ୍ଗାଳି ଜାଭେଲିନକୁ ହାତରେ ମୁଠା ସ୍ଥାନରୁ ଧରି ପ୍ରାୟ ୩୦ ମିଟର (୯୮ ଫୁଟ) ଦୂରରୁ ଦୌଡ଼ିଦୌଡ଼ି ଆସି ଏକ ବକ୍ରାକାର ସୀମାରେଖା ମଧ୍ୟରୁ ଥାଇ ଜାଭେଲିନକୁ କାନ୍ଧ ଉପରୁ ଫିଙ୍ଗିବାକୁ ପଡ଼େ। ଜାଭେଲିନ ଫିଙ୍ଗାଗଲା ପରେ ଏହା ଆକାଶମାର୍ଗରେ ଗତି କରି ଭୂମିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବତରଣ କରେ। ଖେଳର ନିୟମ ଅନୁଯାୟୀ, ଜାଭେଲିନର ଅଗ୍ରଭାଗ ହିଁ ପ୍ରଥମେ ଭୂମି ସ୍ପର୍ଶ କରି ନରମ ମାଟିରେ ପ୍ରବେଶ କରିବା ଆବଶ୍ୟକ। ଫିଙ୍ଗା ଯାଇଥିବା ସ୍ଥାନରୁ ଜାଭେଲିନ ଭୂମି ଭେଦ କରିଥିବା ସ୍ଥାନର ଦୂରତା ମପାଯାଏ ଏବଂ ଏହି ଦୂରତା ଆଧାରରେ ହିଁ ପ୍ରତିଯୋଗିତାର ବିଜେତା ନିରୂପଣ କରାଯାଏ।

**ଜାଭେଲିନ ପଛରେ ବିଜ୍ଞାନ :** ଜାଭେଲିନ ଫିଙ୍ଗା ପ୍ରକୃତରେ ଶାରୀରିକ ସାମର୍ଥ୍ୟ, ପ୍ରକ୍ଷେପଣ କୌଶଳ ଓ ଗତିବିଜ୍ଞାନ ପ୍ରୟୋଗର ଏକ ଖେଳ। ଏକ ଉତ୍ତମ ପ୍ରକ୍ଷେପଣକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକଗୁଡ଼ିକ ହେଲେ: ସଂବେଗର ସ୍ଥାନାନ୍ତର, ପ୍ରକ୍ଷେପଣ ବେଗ ଏବଂ ପ୍ରକ୍ଷେପଣ କୋଣ।

**ସଂବେଗର ସ୍ଥାନାନ୍ତର :** ଫିଙ୍ଗାଳି ଫିଙ୍ଗିବା ନିମନ୍ତେ ଦ୍ରୁତ ଦୌଡ଼ିବା ଦ୍ୱାରା ନିଜ ଶରୀର ଯଥେଷ୍ଟ ସଂବେଗ ବହନ କରିଥାଏ। କୌଣସି ଗତିଶୀଳ ବସ୍ତୁର ସଂବେଗ, ଏହାର ବସ୍ତୁତ୍ୱ ଓ ବେଗର ଗୁଣଫଳ ସଙ୍ଗେ ସମାନ। ଫିଙ୍ଗାଳି ଜାଭେଲିନ ଫିଙ୍ଗିବା ସମୟରେ ନିଜ ଶରୀରର ଏହି ସଂବେଗକୁ କୌଶଳପୂର୍ଣ୍ଣ ଭାବରେ ଜାଭେଲିନକୁ ସ୍ଥାନାନ୍ତରିତ କରିଥାଏ। ଫିଙ୍ଗାଳିଙ୍କୁ ନିଜ ଶରୀରର ମଧ୍ୟଭାଗରୁ ଦକ୍ଷତାର ସହ ପ୍ରାପ୍ତ ସଂବେଗକୁ ଚାବୁକ ଭଳି ଏକ ତରଙ୍ଗାୟିତ ପ୍ରକ୍ରିୟା ଜରିଆରେ କ୍ରମାନ୍ୱୟରେ ଅଣ୍ଟା, କାନ୍ଧ ଓ କହୁଣି ଦେଇ ଜାଭେଲିନକୁ ସ୍ଥାନାନ୍ତରିତ କରିବାକୁ ପଡ଼େ। ପରିଶେଷରେ, ଫିଙ୍ଗାଳି ପଛ ଗୋଡ଼ ଉପରେ ଭରା ରଖି ଏବଂ ଦୁଇ ବାହୁକୁ ସିଧା ପ୍ରସାରିତ କରି ତଥା ଜାଭେଲିନକୁ ଆଖି ସହିତ ଏକ ସରଳରେଖାରେ ରଖି ନିକ୍ଷେପ କରେ। ଜାଭେଲିନର ସ୍ୱଳ୍ପ ବସ୍ତୁତ୍ୱ ହେତୁ ସଂବେଗର ସଂରକ୍ଷଣ ନିୟମ ଅନୁସାରେ ଏହା ଉଚ୍ଚ ଗତି ପ୍ରାପ୍ତ ହୋଇ ଅଧିକ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ।

**ପ୍ରକ୍ଷେପଣ ବେଗ :** ପ୍ରକ୍ଷେପିତ କୌଣସି ବସ୍ତୁର ଅତିକ୍ରାନ୍ତ ଦୂରତା ଏହାର ପ୍ରକ୍ଷେପ ବେଗ ଉପରେ ନିର୍ଭରଶୀଳ। ପ୍ରକ୍ଷେପ ବେଗର ଦୁଇଟି ଉପାଦାନ ଥାଏ, ଯଥା ଭୂଲମ୍ବୀୟ ବେଗ ଏବଂ ଭୂସମାନ୍ତରୀୟ ବେଗ। ପ୍ରକ୍ଷେପର ଭୂଲମ୍ବୀୟ ବେଗ ଦ୍ୱାରା ଏହା ଊର୍ଦ୍ଧ୍ୱ ଗତି ପ୍ରାପ୍ତ ହେବାକୁ ସକ୍ଷମ ହେଉଥିଲାବେଳେ ଭୂସମାନ୍ତରୀୟ ବେଗ ଦ୍ୱାରା ହିଁ ଏହା ଭୂମି ଉପରେ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ। ଗତିବିଜ୍ଞାନରେ ଏହି ଅତିକ୍ରାନ୍ତ ଦୂରତାକୁ ରେଞ୍ଜ କହନ୍ତି। ସୁତରାଂ କୌଣସି ପ୍ରକ୍ଷେପିତ ବସ୍ତୁର ଅତିକ୍ରାନ୍ତ ଦୂରତା ବୃଦ୍ଧି କରିବାକୁ ହେଲେ ଏହାକୁ ଅଧିକ ବେଗରେ ପ୍ରକ୍ଷେପ କରିବା ପାଇଁ ପଡ଼ିଥାଏ। ସେଥିପାଇଁ ଫିଙ୍ଗାଳି ଫିଙ୍ଗିବାର ଅବ୍ୟବହିତ ପୂର୍ବରୁ ଶରୀରକୁ ସ୍ପ୍ରିଙ୍ଗ ଭଳି ପଛକୁ ବଙ୍କେଇ ନେଇ ଜାଭେଲିନକୁ ନିକ୍ଷେପ କରେ। ଏହାଦ୍ୱାରା ଫିଙ୍ଗାଳି ମାତ୍ର ୨୦ କି.ମି./ଘଣ୍ଟା ବେଗରେ ପ୍ରାରମ୍ଭରୁ ଦୌଡୁଥିଲେ ସୁଦ୍ଧା ଜାଭେଲିନକୁ ଯଥେଷ୍ଟ ଅଧିକ ବେଗରେ, ଏପରିକି ପ୍ରାୟ ୧୦୦ କି.ମି./ଘଣ୍ଟା ଭଳି ଉଚ୍ଚ ବେଗରେ ଗତିଶୀଳ କରିବାକୁ ସକ୍ଷମ ହୁଏ। ସୁତରାଂ ପ୍ରକ୍ଷେପଣର ଏହି ଉଚ୍ଚ ପ୍ରାରମ୍ଭିକ ବେଗରେ ଜାଭେଲିନ ଅଧିକ ଦୂରତା ଅତିକ୍ରମ କରିଥାଏ।

**ପ୍ରକ୍ଷେପଣ କୋଣ :** ଉତ୍ତମ ଅତିକ୍ରାନ୍ତ ଦୂରତା ହାସଲ କରିବା ନିମନ୍ତେ ଜାଭେଲିନକୁ କେବଳ ଅଧିକ ବେଗରେ ଫିଙ୍ଗିଲେ ହେବ ନାହିଁ; ଏହାକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ କୋଣରେ ଫିଙ୍ଗିବା ଆବଶ୍ୟକ। ଗତିବିଜ୍ଞାନରେ ଜାଭେଲିନର ଗତିକୁ ପ୍ରକ୍ଷେପ ଗତି କୁହାଯାଏ। କୌଣସି ବସ୍ତୁକୁ ଫିଙ୍ଗିବା ଦ୍ୱାରା ଏହା ଆକାଶମାର୍ଗରେ ଆଗକୁ ଗତି କରୁଥିବା ସମୟରେ ଏହା ଉପରେ ସର୍ବଦା ପୃଥିବୀର ମାଧ୍ୟାକର୍ଷଣ ବଳ ନିମ୍ନ ଦିଗରେ କାର୍ଯ୍ୟକାରୀ ହେଉଥାଏ। ଫଳରେ ଏହାର ଗତିପଥ ନିରନ୍ତର ନିମ୍ନ ଦିଗରେ ବିକ୍ଷେପିତ ହୋଇ ଏକ ପାରାବୋଲାକାର ରୂପ ନେଇଥାଏ। ଗତିବିଜ୍ଞାନର ସୂତ୍ର ଅନୁସାରେ, ଉଭୟ ପ୍ରକ୍ଷେପ ବିନ୍ଦୁ ଓ ଅବତରଣ ବିନ୍ଦୁ ଗୋଟିଏ ଉଚ୍ଚତାରେ ଅବସ୍ଥାନ କରୁଥିଲେ ପ୍ରକ୍ଷେପିତ କୋଣର ପରିମାଣ ୪୫୦ ହେଲେ ଯାଇ ଅତିକ୍ରାନ୍ତ ଦୂରତା ସର୍ବାଧିକ ହୋଇଥାଏ। ମାତ୍ର ଜାଭେଲିନ ଫିଙ୍ଗା କ୍ଷେତ୍ରରେ ପ୍ରକ୍ଷେପ ବିନ୍ଦୁ (ଫିଙ୍ଗାଳିର କାନ୍ଧ) ଅବତରଣ ବିନ୍ଦୁ (ଭୂମି) ଠାରୁ ଅଧିକ ଉଚ୍ଚତାରେ ରହୁଥିବାରୁ ଏହି ନିୟମ ସାମାନ୍ୟ ବଦଳି ପ୍ରକ୍ଷେପଣର କୋଣ ୩୨ ରୁ ୩୭ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ହିଁ ସର୍ବାଧିକ ଦୂରତା ପ୍ରାପ୍ତ ହୋଇଥାଏ।

ଏହାବ୍ୟତୀତ ଜାଭେଲିନ ଖେଳ ଆହୁରି ଅନେକ କାରକ ଯଥା ବାୟୁ ପ୍ରବାହର ଦିଗ, ବାୟୁ ପ୍ରବାହର ବେଗ, ଦଣ୍ଡ ଚାରିପଟେ ଅତିକ୍ରମ କରୁଥିବା ବାୟୁସ୍ରୋତର ରୂପରେଖ, ବାୟୁର ତାପମାତ୍ରା ଇତ୍ୟାଦି ଉପରେ ନିର୍ଭର କରେ। ସୁତରାଂ ଜାଭେଲିନ ପ୍ରକ୍ଷେପଣ ଖେଳ ଏକ ଜଟିଳ ଓ ଉଚ୍ଚକୋଟୀର ପ୍ରତିଯୋଗିତା ଏବଂ ଏଥିରେ ପାରଦର୍ଶିତା ହାସଲ କରିବା ପାଇଁ ହେଲେ ଖେଳାଳିଙ୍କୁ ଯଥେଷ୍ଟ ଅଭ୍ୟାସ ତଥା ଉଚ୍ଚକୋଟୀର ବୈଜ୍ଞାନିକ କୌଶଳ ପ୍ରୟୋଗ ତଥା ପ୍ରଦର୍ଶନ କରିବାକୁ ପଡ଼େ।

–ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

## ବୟସ ୫୦ ଟପିଲେ...



ଆପଣଙ୍କ ବୟସ ୫୦ ଟପିଗଲାଣି କି? ଯଦି ହଁ, ତେବେ ଏ ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କ ରହିବା ନିହାତି ଦରକାର। ବିଶେଷଭାବରେ ଏହି ସମୟରେ ଆଲ୍‌ଜିମର୍ସ ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା–ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମି ଯାଇଥାଏ। ଏହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ସିଧାସଳଖ ପଡ଼ିଥାଏ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡ଼େ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ହୋଇ ନ ଥାଏ। ଏଭଳି ସମସ୍ୟା କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ସ୍ନାୟୁକୋଷରେ ପରିବର୍ତ୍ତନ ଆଣିଥାଏ। ଆଲ୍‌ଜିମର୍ସର ଲକ୍ଷଣଗୁଡ଼ିକ ହେଲା– ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ନିଜ ନାଁ ମଧ ଭୁଲିଯାଏ। ବାହାରକୁ ଯାଇଥିଲେ ନିଜ ଘର ବାଟ ଭୁଲିଯାଏ। ବିଭିନ୍ନ କଥାକୁ ନେଇ ସେ କିଛି ପ୍ରତିକ୍ରିୟା ରଖି ନ ଥାଏ। ବିଶେଷ ଭାବରେ ୬୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି।

## ବାତ : କିଛି କଥା

ବାତ ଏଭଳି ଏକ ସ୍ୱାସ୍ଥ୍ୟଜନିତ ସମସ୍ୟା ଯାହା ପ୍ରତି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବାତ ମାରିବା ସମୟରେ ପାଖ ଲୋକଙ୍କୁ କେତେକ କଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼େ। ହେଲେ ଗୋଟିଏ କଥା ମନେରଖିବା ନିହାତି ଦରକାର। ତାହା ହେଲା–ବାତ ମାରିବାର ଲକ୍ଷଣ ସ୍ଥାୟୀ ନୁହେଁ। କିଛି ସମୟ ପରେ ତାହା ସ୍ୱତଃ ଚାଲିଯାଏ ଏବଂ ଆକ୍ରାନ୍ତ ବ୍ୟକ୍ତି ଧୀରେ ଧୀରେ ସାଧାରଣ ଅବସ୍ଥାକୁ ଫେରି ଆସନ୍ତି। ତେଣୁ ବାତ ମାରିବା ସମୟରେ ଯଦି ସେହି ବ୍ୟକ୍ତିଙ୍କ ନିକଟରେ ଆପଣ ଉପସ୍ଥିତ ଅଛନ୍ତି ତେବେ ସେ ଯେପରି ତଳେ ପଡ଼ି ନ ଯାଆନ୍ତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଯଦି ସେ ପଡ଼ିଯାଆନ୍ତି ଏବଂ ତାଙ୍କର ମୁଣ୍ଡ କଠିନ ପଦାର୍ଥରେ ବାଡ଼େଇ ହୋଇଯାଏ, ତେବେ ତାହା ଆହୁରି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ସେହି ସମୟରେ ରୋଗୀ ପାଖରେ ଥିବା ଏଭଳି ଜିନିଷ ହଟାଇ ଦେବା ଦରକାର। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ, ସେଥିପାଇଁ ମୁଣ୍ଡ ତଳେ ନରମ ପତଳା ତକିଆ ଦିଅନ୍ତୁ। ବାତ ମାରିବା ବନ୍ଦ କରିବା ପାଇଁ କେତେକ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ। ବାତ ମାରୁଥିଲେ ରୋଗୀକୁ କଡ଼ ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତାଙ୍କର ଶ୍ୱାସ କ୍ରିୟା ଠିକ୍ ରହିଥାଏ। ଏହି ସମୟରେ ଉକ୍ତ ବ୍ୟକ୍ତିଙ୍କ ପାଟି ବନ୍ଦ ହୋଇଯାଏ। ତେଣୁ ସେତେବେଳେ ପାଟି ଭିତରେ ଚାମଚ କିମ୍ବା ଆଙ୍ଗୁଠି ଭର୍ତ୍ତି କରନ୍ତୁ ନାହିଁ। ବାତ ପ୍ରକୋପ କମିଗଲେ ରୋଗୀ ଧୀରେ ଧୀରେ ସାଧାରଣ ଅବସ୍ଥାକୁ ଆସିଥାଏ। ଯଦି ବାରମ୍ବାର ବାତ ମାରେ ତେବେ ରୋଗୀକୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଯିବାର ବ୍ୟବସ୍ଥା କରନ୍ତୁ।



## ରୁହନ୍ତୁ ସଚେତନ

ଯକ୍ଷ୍ମା ରୋଗ ବା ଟ୍ୟୁବରକ୍ୟୁଲୋସିସ (ଟିବି) ଗୋଟିଏ ଅତି ସଂକ୍ରାମକ ରୋଗ। ପୃଥିବୀର ପ୍ରଥମ ୧୦ଟି ପ୍ରମୁଖ ତଥା ଘାତକ ରୋଗ ମଧ୍ୟରେ ଏହା ଅନ୍ୟତମ। ତେଣୁ ଯକ୍ଷ୍ମାର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ହେଲେ ସବୁରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ସାଧାରଣତଃ ସନ୍ଧ୍ୟା ସମୟରେ ଜ୍ୱର ଆସିଥାଏ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଖୁବ୍ ହାଲିଆ ଲାଗେ। ଓଜନ କମିଯାଏ। ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ।



## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କ ବୟସ ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ଓଜନ ବଢ଼ିବା ଏବେ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେଣୁ ଏଥିପ୍ରତି ସବୁବେଳେ ସଚେତନ ରୁହନ୍ତୁ। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ସେଥିରୁ କିପରି ରକ୍ଷା ପାଇବେ ସେ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ଆଦି ସାମିଲ କରିବା ସହ ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ।

➤ଯଦି ଜିମ୍ ଯିବାକୁ ସ୍ଥିର କରିଛନ୍ତି, ତେବେ ପ୍ରଥମେ ଜିମ୍ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।

➤ଖାଦ୍ୟ ଖାଇବା ସମୟରେ ଶାନ୍ତ ମନରେ ଖାଆନ୍ତୁ। ଏହି ସମୟରେ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ।

➤ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଯଦି କେହି ଆପଣଙ୍କୁ କିଛି ଉପଦେଶ ଦେଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ତରବର ହୋଇ ତାହାକୁ ଗ୍ରହଣ କରି ଉପଯୋଗ କଲେ ହୁଏତ ଅସୁବିଧାର ସାମ୍ନା କରିପାରନ୍ତି।

➤ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ ଖାଇବା ସାରି ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ।



## ଜାଣି ରଖନ୍ତୁ

- ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ।
- ଯଦି ଜଣେ ବ୍ୟକ୍ତି କୌଣସି ରୋଗରେ ଆକ୍ରାନ୍ତ, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କଲେ ଏହା ସେମାନଙ୍କ ମାନସିକତାକୁ ପ୍ରଭାବିତ କରିଥାଏ।
- ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଏହା ଆପଣଙ୍କ ମନକୁ ଅନେକାଂଶରେ ଶାନ୍ତ ପରିବେଶରେ ରଖିଥାଏ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ୍ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।
- ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇ ମିନିଟ୍ ଯାଏ ଭଲଭାବେ ଦାନ୍ତ ଘଷନ୍ତୁ।



# ପ୍ରି କ୍ୱାର୍ଟରରେ ସ୍ୱିଟେକ୍, ଓଜ୍‌ନିଆକି

ନ୍ୟୁୟର୍କ,୧।୯(ପି.ଟି.)

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍ ଓ କାରୋଲିନ୍ ଓଜ୍‌ନିଆକି।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୧ ନମ୍ବର ଖେଳାଳି ଇଗା ସ୍ୱିଟେକ୍ ସିଧାସଳଖ ସେଟ୍‌ରେ ବିଜୟ ସହ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୨୫ ନମ୍ବର ସ୍ଥାନରେ ଥିବା ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ୬-୪, ୬-୨ ସେଟରେ ପରାସ୍ତ କରିଥିଲେ ସ୍ୱିଟେକ୍। ବ୍ରାଜିଲର ବିଟ୍ରିଜ୍ ହଦଦ

**ୟୁଏସ୍ ଓପନ**

ମାଇୟା ୬-୩, ୬-୧ ସେଟରେ ଆନା କାଲିନସ୍କାୟାଙ୍କୁ, ପୂର୍ବତନ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ କାରୋଲିନ୍ ଓଜ୍‌ନିଆକି ୬-୩, ୬-୨ ସେଟରେ ଜେସିକା ପୋଣ୍ଟେଟଙ୍କୁ, ଲିଉଡମାଲା ସାମସୋନୋଭା ୬-୧, ୬-୧ ସେଟରେ ଆଶଲିନ୍ କ୍ରୁଗରଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପୁରୁଷ ଖେଳାଳିଙ୍କ ମଧ୍ୟରେ ୫ ନମ୍ବର ସିଡ୍ ରୁଷିଆର ଡାନିଲ୍ ମେଡଭେଡେଭ ସିଧାସଳଖ ସେଟରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ପରାସ୍ତ କରିଥିଲେ। ୬-୩, ୬-୪, ୬-୩ ସେଟରେ ବିଜୟ ସହ ମେଡଭେଡେଭ ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆଲେକ୍ସ ଡି ମିନାଉର ୬-୩, ୬-୭(୪/୭), ୬-୦ ଓ ୬-୦ରେ ଡାନିଏଲ ଏଭାନ୍ସଙ୍କୁ, ଜୋର୍ଡାନ ଥମ୍ପସନ୍ ୭-୫, ୬-୨, ୭-୬(୭/୫) ସେଟରେ ମାଟେଓ ଆର୍ନାଲ୍ଡିଙ୍କୁ, ନୁନୋ ବର୍ଗସ ୬-୭(୫/୭), ୬-୧, ୩-୬, ୭-୬(୮/୬) ଓ ୬-୦ ସେଟରେ ଜାକୁବ ମେନ୍ସିକଙ୍କୁ, ଆମେରିକାର ଟମି ପଲ୍ ୬-୭(୫/୭), ୬-୩, ୬-୧ ଓ ୭-୬(୭/୩) ସେଟରେ ଗାବ୍ରିଏଲ ଡିଲାଓଙ୍କୁ ପରାସ୍ତ କରିଛନ୍ତି।


କାରୋଲିନ୍ ଓଜ୍‌ନିଆକି

# ଫାଇନାଲରେ ନୀତେଶ କୁମାର

ପ୍ୟାରିସ୍,୧।୯(ପି.ଟି.)

**ପ୍ୟାରିସ୍ ପାରାଲିମ୍ପିକ୍ସ**

**■ ପଦକ ପକ୍କା କଲେ ମନୀଷା-ତୁଳସୀମତି**

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସ ୨୦୨୪ରେ ଭାରତୀୟ ପାରା ଶଟଲରଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ରବିବାର ଏସ୍‌ଏଲ୍ ୩ ବର୍ଗର ଫାଇନାଲରେ ପ୍ରବେଶ କରିବା ସହ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ନିଶ୍ଚିନ୍ତ କରିଛନ୍ତି ନୀତେଶ କୁମାର। ନୀତେଶ ଜାପାନର ଫୁଜିହାରା ଡାଇସୁକେଙ୍କୁ ୨୧-୧୬ ଓ ୨୧-୧୨ ସେଟରେ ପରାସ୍ତ କରିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚ୍‌ଟି ମାତ୍ର ୪୮ ମିନିଟ ଧରି ଚାଲିଥିଲା। ସୋମବାର ଖେଳାଯିବାକୁ ଥିବା ଫାଇନାଲରେ ବ୍ରିଟେନର ଡାନିଏଲ ବେଥେଲଙ୍କୁ ଭେଟିବେ ନୀତେଶ। ଅନ୍ୟ ପକ୍ଷରେ ଏସ୍‌ୟୁ ୫ ବର୍ଗରେ ଭାରତର ମନୀଷା ରାମଦାସ ଓ ତୁଳସୀମତି ମୁରୁଗାସେନ୍ ସେମିଫାଇନାଲରେ ପ୍ରବେଶ କରିବା ସହ ଭାରତ ପାଇଁ ବ୍ୟାଡମିଣ୍ଟନରୁ ଦ୍ୱିତୀୟ ପଦକ ସୁନିଶ୍ଚିତ କରିଛନ୍ତି।

୧୯ ବର୍ଷୀୟ ମନୀଷା ଜନ୍ମରୁ ଇଆରବିସ ପାଲ୍‌ସିରେ ଆକ୍ରାନ୍ତ ଥିବା ବେଳେ ତାଙ୍କର ଡାହାଣ ହାତ ଅଚଳ। କ୍ୱାର୍ଟର ଫାଇନାଲରେ ଜାପାନର ମାମିକୋ ଟୋୟୋଡାଙ୍କୁ ୨୧-୧୩, ୨୧-୧୬ରେ ପରାସ୍ତ କରିଥିଲେ ମନୀଷା। ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ମନୀଷା ସେମି ଫାଇନାଲରେ ଅନ୍ୟତମ ଭାରତୀୟ ତଥା ଟପ୍‌ସିଡ୍ ତୁଳସୀମତି ମୁରୁଗାସେନ୍‌ଙ୍କୁ ଭେଟିବେ। ତୁଳସୀମତି ଶନିବାର ପର୍ତ୍ତୁଗାଲର ବିଟ୍ରିଜ ମଣ୍ଟେରିଓଙ୍କୁ ପରାସ୍ତ କରି ସେମି ଫାଇନାଲରେ ପହଞ୍ଚିଥିଲେ। ତେବେ ଏସ୍‌ଏଲ୍-୩ ମହିଳା ବର୍ଗରେ ମନଦୀପ୍ କୌର ଓ ଏସଏଲ୍-୪ ମହିଳା ବର୍ଗରେ ପଲକ କୋହଲି ପରାଜିତ ହୋଇଛନ୍ତି। ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ନାଇଜେରିଆର ବୋଲାଜି ମରିୟମ ଏନିଓଲାଙ୍କ ନିକଟରୁ ମାତ୍ର ୨୩ ମିନଟ ସମୟରେ ୮-୨୧ ଓ ୯-୨୧ରେ ପରାଜିତ ହୋଇଥିଲେ ମନଦୀପ। ଅନ୍ୟ ପକ୍ଷରେ ପଲକ ୨୧-୧୯ ଓ ୨୧-୧୫ ସେଟରେ ଇଣ୍ଡୋନେସିଆର ଖଲିମାତୁସ ସାଦିୟାଙ୍କୁ ନିକଟରୁ ହାରି ଯାଇଥିଲେ।




### ଫାଇନାଲ ଯାଇପାରିଲେନି ଅଭନି

ପାରାଲିମ୍ପିକ୍ସର ଏସ୍‌ଏଚ୍୧ ଏୟାର ରାଇଫଲ ପ୍ରୋନ୍ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି ଅଭନି ଲେଖରା ଓ ସିଦ୍ଧାର୍ଥ ବାବୁ। ଅଭନି ୬୩୨.୮ ପଏଣ୍ଟ ସ୍କୋରକରି ୧୧ତମ ସ୍ଥାନରେ ରହିଥିବା ବେଳେ ସିଦ୍ଧାର୍ଥ ୬୨୮.୩ ପଏଣ୍ଟ ସହ ୨୮ତମ ସ୍ଥାନରେ ରହିଥିଲେ।

### ରବି ରୋଙ୍ଗାଲି ପଞ୍ଚମ

ଏଫ୍ ୪୦ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାରତୀୟ ଶଟ୍‌ପୁଟର ରବି ରୋଙ୍ଗାଲି ପଞ୍ଚମ ସ୍ଥାନରେ ରହିଛନ୍ତି। କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ସହ ରବି ୧୦.୬୩ ମିଟରର ଥ୍ରୋ କରିଥିଲେ।

### ଅଷ୍ଟମ ସ୍ଥାନରେ ରୋୟର

ଏସିଆନ୍ ପାରା ଗେମ୍ସ ରୌପ୍ୟ ପଦକ ବିଜୟୀ ଭାରତୀୟ ପିଆର୍ ୩ ମିକ୍ସଡ ଡବଲ ସ୍କଲ ଯୋଡି ନାରାୟଣ କୋଙ୍ଗନାପଲ୍ଲେ ଓ ଅନିତା ଅଷ୍ଟମ ସ୍ଥାନରେ ରହିଛନ୍ତି। ପାରାଲିମ୍ପିକ୍ସରେ ପଦାର୍ପଣ କରିଥିବା ଭାରତୀୟ ଯୋଡି ୮:୧୯.୯୬ ସେକେଣ୍ଡର ଟାଇମିଂ ହାସଲ କରିଥଲେ।

# ଟ୍ରାଇଥଲନ୍ ଇଭେଣ୍ଟ ସ୍ଥଗିତ

ପ୍ୟାରିସ୍,୧।୯(ପି.ଟି.)

**ସେନ୍ ନଦୀ ପ୍ରଦୂଷିତ**

ସେନ୍ ନଦୀ ଜଳ ପ୍ରଦୂଷିତ ହୋଇଥିବା କାରଣରୁ ପାରାଲିମ୍ପିକ୍ସ ୨୦୨୪ର ଟ୍ରାଇଥଲନ୍ ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି। ପ୍ରବଳ ବର୍ଷା କାରଣରୁ ଦୂଷିତ ଜଳ ନଦୀରେ ମିଶିଥିବା ବେଳେ ଏଥିରେ ଇ କୋଲି ବ୍ୟାକ୍ଟେରିଆ ମଧ୍ୟ ଦେଖାଦେଇଛି। ଫଳରେ ରବିବାର ହେବାକୁ ଥିବା ଟ୍ରାୟାଥ୍ଲନର ସମସ୍ତ ୧୧ ଇଭେଣ୍ଟକୁ ସୋମବାରକୁ ଘୁଞ୍ଚାଇ ଦିଆଯାଇଛି। ସୋମବାର ପୁନର୍ବାର ନଦୀ ଜଳର ପରୀକ୍ଷଣ ହେବା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ଶୁକ୍ରବାର ଓ ଶନିବାର ପ୍ରବଳ ବର୍ଷା କାରଣରୁ ପ୍ରଦୂଷିତ ଡ୍ରେନ୍ ଜଳ ନଦୀରେ ମିଶିଥିଲା। ପୂର୍ବରୁ ଅଲିମ୍ପିକ୍ସ ସମୟରେ ମଧ୍ୟ ସେନ୍ ନଦୀରେ ପ୍ରଦୂଷଣକୁ ନେଇ ଚର୍ଚ୍ଚା ବଢିଥିଲ। ଏକାଧିକ ଆଥଲେଟ ସନ୍ତରଣ ପରେ ଅସୁସ୍ଥ ହୋଇ ପଡିଥିଲେ।

# ମିକ୍ସଡ କ୍ୱାର୍ଟର ଫାଇନାଲରେ ବୋପାନ୍ନା

**ନ୍ୟୁୟର୍କ,୧।୯(ପି.ଟି.):** ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ମିକ୍ସଡ ଡବଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରୋହନ ବୋପାନ୍ନା। ଇଣ୍ଡୋନେସିଆର ଆଲଡିଲା ସୁଟ ଜିଆଦିଙ୍କୁ ସାଥୀ କରି ଖେଳୁଥିବା ବୋପାନ୍ନା ଚେକ୍ ରିପବ୍ଲିକ୍‌ର ଜନ୍ ପିଅର୍ସ ଓ କାଟେରିନା ସିନିଆକୋଭାଙ୍କୁ ୦-୬, ୭-୬(୫) ଓ ୧୦-୭ ସେଟରେ ପରାଜିତ କରିଛନ୍ତି। ଅଷ୍ଟମ ସିଡ୍‌ର ମାନ୍ୟତା ପାଇଥିବା ବୋପାନ୍ନା-ଆଲଡିଲା ପ୍ରଥମ ରାଉଣ୍ଡରେ ଗୋଟିଏ ବି ପଏଣ୍ଟ ସ୍କୋର କରିପାରି ନ ଥିଲେ। ପରବର୍ତ୍ତୀ ଦୁଇ ରାଉଣ୍ଡକୁ ଟାଇବ୍ରେକରରେ ଜିତିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଏବଡେନ ଓ ବାର୍ବୋରା କ୍ରେଜିକୋଭାଙ୍କୁ ଭେଟିବେ ବୋପାନ୍ନା-ଆଲଡିଲା।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ